EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

RNI Ref. No.: 1304224
Title Code: ODIODI07807




ବର୍ଷ-୧ ସଂଖ୍ୟା-୯ ୧୩-୧୯ ମାର୍ଚ୍ଚ, ୨୦୧୭ ଭୁବନେଶ୍ୱର ● MONDAY WEEKLY ● VOL-1 ISSUE-9 13th-19th MARCH, 2017 BHUBANESWAR ₹ 5.00 (8 PAGES)

## ମହିଳାଙ୍କ ସୁରକ୍ଷା, ସହାୟତା ପାଇଁ ଡାଏଲ୍ ୧୮୧



**ଭୁବନେଶ୍ୱର :** ବିଭିନ୍ନ ନିର୍ଯାତନାର ଶିକାର ଶିକାର ହେଉଥିବା ମହିଳାମାନଙ୍କୁ ସହାୟତା ପ୍ରଦାନ ଲାଗି ଆରମ୍ଭ ହୋଇଛି ହେଲ୍‌ପଲାଇନ୍ ନମ୍ବର '୧୮୧'। ଏହି ନମ୍ବରକୁ କଲ୍ କଲେ ସେମାନଙ୍କୁ ଜରୁରୀକାଳୀନ ସହାୟତା ଯୋଗାଇ ଦିଆଯିବ। ବୁଧବାର ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଏହା ଜରିଆରେ ୨୪ ଘଣ୍ଟିଆ ସେବା ଯୋଗାଇ ଦିଆଯିବ। ଏଥିପାଇଁ ଏକ ଟିମ୍ ରହିବ। ସହାୟତା ପାଇଁ ରାଜ୍ୟର ଯେକୌଣସି ସ୍ଥାନରୁ ମହିଳାମାନେ ଏହି ନମ୍ବରକୁ ଫୋନ୍ କରିପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସଂସ୍କୃତିରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମ ପରମ୍ପରାରେ ମା'ମାନେ ପଛରେ ରହିଯାଇଛନ୍ତି। କିନ୍ତୁ ଏଥିରେ ପରିବର୍ତ୍ତନ ଆସିଛି। ନାରୀମାନେ ସେମାନଙ୍କ ଦକ୍ଷତା ଦେଖାଇ ସମାଜର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କଲେଣି। ବିଜୁବାବୁ ପଞ୍ଚାୟତ ନିର୍ବାଚନ ଓ ଚାକିରି କ୍ଷେତ୍ରରେ ମହିଳାଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଆଣିଥିଲେ। ରାଜ୍ୟ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ଭାଗ ସଂରକ୍ଷଣ କରି ଏହାକୁ ଆଗେଇ ନେଇଛନ୍ତି। ମିଶନ ଶକ୍ତି ଜରିଆରେ ୫୦ ଲକ୍ଷରୁ ଅଧିକ ମହିଳା ସାମିଲ ହୋଇ ସେମାନଙ୍କ ଆର୍ଥିକ, ସାମାଜିକ କ୍ଷେତ୍ରରେ ଏକ ନୀରବ ବିପ୍ଳବ ଆଣିପାରିଛନ୍ତି। ସେହିପରି ମମତା କାର୍ଯ୍ୟକ୍ରମରେ ୨୫ ଲକ୍ଷରୁ ଅଧିକ ଗର୍ଭବତୀ ମହିଳାଙ୍କୁ ୧୧୦୦ କୋଟିରୁ ଅଧିକ ଟଙ୍କାର ସହାୟତା ଦିଆଯାଇଛି। ମହିଳାମାନଙ୍କ ସୁରକ୍ଷା ପାଇଁ ହୋଇଥିବା ବିଭିନ୍ନ ଆଇନ ତଥା ବିକାଶମୂଳକ ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହେବା ଆବଶ୍ୟକ। ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଉଷା ଦେବୀ କହିଥିଲେ ଯେ ରାଜ୍ୟ ସରକାର ଯେତିକି ଯୋଜନା କରୁଛନ୍ତି, ସେଥିମଧ୍ୟରୁ ୭୦ ପ୍ରତିଶତ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ।

➤ ପୃ-୭

## ମହିଳାଙ୍କ ସମାନ ଭାଗିଦାରୀ ବିନା ବିକାଶ ଅସମ୍ଭବ : ରାଜ୍ୟପାଳ



**ଭୁବନେଶ୍ୱର :** ପରିବାରଠାରୁ ଆରମ୍ଭ କରି ଦେଶ ପ୍ରଗତିରେ ମହିଳାମାନେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି। ଦେଶରେ ମୋଟ ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ନାରୀ। ଦେଶ ଗଠନରେ ସେମାନଙ୍କ ଭୂମିକାକୁ ଉପେକ୍ଷା କରିହେବ ନାହିଁ। ସାମାଜିକ ସଶକ୍ତିକରଣ, ଅର୍ଥନୈତିକ ଅଭିବୃଦ୍ଧି ଓ ଲିଙ୍ଗଗତ ନ୍ୟାୟ ଅନୁପାତକୁ ଆଧାର କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେଣୁ ଏକ ପ୍ରଗତିଶୀଳ, ଗଣତାନ୍ତ୍ରିକ ଏବଂ ସମାନତାଭିତ୍ତିକ ସମାଜ ଗଠନ ନିମନ୍ତେ ନାରୀଙ୍କର ସର୍ବାଙ୍ଗୀଣ

➤ ପୃ-୭






### ପଞ୍ଚାୟତ ବିଫଳତା ନେଇ କଂଗ୍ରେସରେ କନ୍ଦଳ

## ମୁଖିଆଙ୍କ ଉପରେ ଦୋଷ

**ଭୁବନେଶ୍ୱର :** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାସ୍ତକୁ ନେଇ ରାଜ୍ୟ କଂଗ୍ରେସ ଭିତରେ ବିବାଦ ବଢ଼ିଚାଲିଛି। ଆରୋପ ପ୍ରତ୍ୟାରୋପ ମଧ୍ୟରେ ନିଜ ନିଜର ମତ ମନ୍ତବ୍ୟକୁ ନେଇ କନ୍ଦଳ ପୁଣିଥରେ ମୁଣ୍ଡ ଟେକିଛି। ବିଧାୟକ ଦଳ ସମ୍ପୂର୍ଣ୍ଣ ଭାବେ ଏଥିପାଇଁ କଂଗ୍ରେସର ରାଜ୍ୟ ମୁଖିଆ ପ୍ରସାଦ ହରିଚନ୍ଦନଙ୍କ ଉପରେ ଦୋଷ ଲଦିଥିବା ବେଳେ ଦଳର ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି



ସିଧାସଳଖ ପ୍ରସାଦଙ୍କୁ ହିଁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେହେତୁ ବିଧାୟକ ଦଳ ସହ ପ୍ରଦେଶ କଂଗ୍ରେସର ସମନ୍ୱୟ ରହିଲା ନାହିଁ, ସେଥିପାଇଁ ଚଳିତ

➤ ପୃ-୭

## ୟୁପିରେ ଫୁଲ ଫୁଟିଲା

**ନୂଆଦିଲ୍ଲୀ :** ନିକଟରେ ଦେଶର ୫ଟି ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ରାଷ୍ଟ୍ର ରାଜନୀତିର ପ୍ରାଣକେନ୍ଦ୍ର କୁହାଯାଉଥିବା ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ମୋଦି ଲହର ଦେଖାଦେଇଛି। ଏଥିରୁ ମୋଦିଙ୍କ ସହିତ ବିଜେପିର ଲୋକପ୍ରିୟତା ସ୍ପଷ୍ଟ ପ୍ରମାଣିତ। ବିଶେଷକରି ଉତ୍ତରପ୍ରଦେଶର ଜନତା ମୋଦିଙ୍କୁ ଆପଣାଇଥିବା ବେଳେ ଅଖିଳେଶ, ରାହୁଲ ଓ ମାୟାବତୀଙ୍କ ଭଳି ନେତାଙ୍କୁ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡିଛି। ବିଜେପି ଶାସନରେ ଦେଶ ଦୃଢ଼ ହେଉଥିବା ଲୋକମାନଙ୍କର ହୃଦୟଙ୍ଗମ କରିଛନ୍ତି। ଅବଶ୍ୟ ପଞ୍ଜାବ, ଗୋଆ ଓ ମଣିପୁରରେ କଂଗ୍ରେସକୁ କିଛିଟା ଆଶ୍ୱସ୍ତି ମିଳିଛି। ଛୋଟ ଛୋଟ ରାଜ୍ୟ ହେଲେ ମଧ୍ୟ ଏହି ୩ ରାଜ୍ୟରେ ଦଳ ବିଜୟର ନିକଟତର ହୋଇ ନିଜ ସ୍ଥିତି ରକ୍ଷା କରିବାକୁ ସକ୍ଷମ ହୋଇଛି। ତେବେ ପଞ୍ଜାବ ଓ ଗୋଆରେ ବିଜୟର ସ୍ୱାଦ ପାଇବାକୁ ଆଶା ରଖିଥିବା




ଆମ୍ ଆଦ୍‌ମୀ ପାର୍ଟିର ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ପଞ୍ଜାବରେ ଏହି ଦଳ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଗୋଆରେ ନିଜର ସ୍ଥିତି ଜାହିର କରିପାରିନାହିଁ।

## ଅକଳରେ ସରକାର

**ଭୁବନେଶ୍ୱର :** ଚାଷୀ ଆତ୍ମହତ୍ୟା ଘଟଣାରେ ମିଛ କହି ରାଜ୍ୟ ସରକାର ଅକଳରେ ପଡ଼ିଛନ୍ତି। ଗୋଟିଏ ପଟେ ଜିଲ୍ଲାପାଳଙ୍କ ଭୂମିକା ବିବାଦୀୟ ହୋଇପଡ଼ିଥିବା ବେଳେ ବିରୋଧୀମାନେ ଏ ପରିସ୍ଥିତିରୁ ଫାଇଦା ନେଇ ସରକାରଙ୍କୁ ଘେରିବାକୁ ଆରମ୍ଭ କଲେଣି। ଉଭୟ ବିଜେପି ଓ କଂଗ୍ରେସ ଚାଷୀ ଆତ୍ମହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି।

ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଏ ପ୍ରସଙ୍ଗରେ ତୁମ୍ବିତୋଫାନ କରିବା ପରେ ଦଳ ପକ୍ଷରୁ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଂଗ୍ରେସର କୃଷକ ସେଲ୍ ମଧ୍ୟ ଏହି ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ମୃତଚାଷୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ଦାବି କରିଛି। ସେପଟେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଗଣମାଧ୍ୟମକୁ କହିଛନ୍ତି, ଏହି ଘଟଣାରେ ସେ ଜିଲ୍ଲାପାଳଙ୍କୁ ସାନି ତଦନ୍ତ କରି

### ଚାଷୀ ଆତ୍ମହତ୍ୟା ପ୍ରସଙ୍ଗ

### ମେଳିକଲେଣି ବିରୋଧୀ

ରିପୋର୍ଟ ଦେବାକୁ କହିଥିଲେ। ଏଯାଏଁ ତଦନ୍ତ ରିପୋର୍ଟ ତାଙ୍କର ହସ୍ତଗତ ହୋଇନାହିଁ। ରିପୋର୍ଟ ମିଳିବା ପରେ ତର୍ଜମା କରାଯିବ। ବିଜେପି ଉପସଭାପତି ସମୀର ମହାନ୍ତି ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ବରଗଡ଼ର ଖଇନୁ (ହାତୁ) ବଗର୍ତ୍ତୀ ଆତ୍ମହତ୍ୟା ଘଟଣାରେ ଜିଲ୍ଲାପାଳଙ୍କ ମିଛ ଓ କପୋଳକଳ୍ପିତ ରିପୋର୍ଟର ପର୍ଦ୍ଦାଫାସ ହୋଇଛି।

➤ ପୃ-୭

## ସମାଜବାଦର ରବି ଅସ୍ତମିତ

**ଭୁବନେଶ୍ୱର :** ସମାଜବାଦ ବିଚାରଧାରାରେ ବିଶ୍ୱାସ ରଖୁଥିବା ବିଶିଷ୍ଟ ଜନନାୟକ ରବି ରାୟ ଆଉ ନାହାନ୍ତି। ମାର୍ଚ୍ଚ ୬ ତାରିଖରେ କଟକ ଏସ୍‌ସିବି ହସ୍ପିଟାଲରେ ୯୧ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଛି। ଗାଁ ମଶାଣିରେ ଜଳିଯାଇଛି ତାଙ୍କର ଚିତା। ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ଏହି ନେତା ଜୟପ୍ରକାଶ ଓ ଲୋହିଆଙ୍କୁ ଗୁରୁ ଭାବେ ଗ୍ରହଣ କରି ତାଙ୍କରି ଆଦର୍ଶରେ ଶେଷ ପର୍ଯ୍ୟନ୍ତ ଦେଶ ପାଇଁ କାର୍ଯ୍ୟ କରିଥିଲେ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରବି ରାୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦିବଂଗତ ଏହି ନେତାଙ୍କୁ ଶେଷ ସମ୍ମାନ ଜଣାଇବାକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାର, ଜେଡିୟୁ ନେତା ଶରଦ ଯାଦବଙ୍କ ସମେତ ବହୁ ବର୍ଷୀୟାନ ରାଜନେତା ଯୋଗ ଦେଇଥିଲେ। ପ୍ରବଳ ଜନସମାଗମ ମଧ୍ୟରେ ଏହି ଜନନେତାଙ୍କ ପାର୍ଥିବ ଶରୀର ମଶାଣି ଭୂଇଁକୁ ଯିବାବେଳେ 'ରବି ରାୟ-ଅମର ରହେ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ। ତୋପ ସଲାମୀ



ଦିଆଯିବା ପରେ ମୁଖାଗ୍ନି ଦିଆଯାଇଥିଲା। ଓଡ଼ିଶା ମାଟିରେ ଜନ୍ମିତ ରବି ରାୟ ଭାରତବର୍ଷର ନେତୃତ୍ୱ ନେବାରେ ଅସାଧାରଣ ବ୍ୟକ୍ତିତ୍ୱ ଭାବେ ନିଜକୁ ପ୍ରତିପାଦିତ କରିଥିଲେ। ସେ ଥିଲେ ପ୍ରଥମ ଓ ଏକମାତ୍ର ଓଡ଼ିଆ ଯିଏକି ସଂସଦରେ ଲୋକସଭା ବାଚସ୍ପତି ଭାବେ ନିଜର ଦକ୍ଷତାକୁ ପ୍ରମାଣିତ କରିପାରିଥିଲେ।

➤ ପୃ-୭



# ଆଗକୁ ହାଇପରଲୁପ୍ ବ୍ୟବସ୍ଥାରେ ଯାତ୍ରୀ ପରିବହନ




**ନୂଆଦିଲ୍ଲୀ :** କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର ଡିଜିଟାଲ ଇଣ୍ଡିଆ ଓ ମେକ୍ ଇନ୍ ଇଣ୍ଡିଆର ସ୍ଲୋଗାନ ଦେଇ ଯେଉଁ ପ୍ରଗତିଶୀଳ ଭାରତର ସୂଚନା ଦେଇଥିଲେ, ତାହାର ଶୁଭାରମ୍ଭ ହୋଇସାରିଛି । ଏସବୁକୁ ଆଗେଇ ନେବା ପାଇଁ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବାକୁ ଚାହୁଁଛି କେନ୍ଦ୍ରସରକାର । ଏଥିପାଇଁ ଏବେ ବୁଲେଟ୍ ଟ୍ରେନ୍ ସହ ହାଇପରଲୁପ୍ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରସ୍ତୁତି ଚଳାଇଛି ରେଳବିଭାଗ । ଚୁମ୍ବକୀୟ ଶକ୍ତି ଉପରେ ଆଧାରିତ ଟ୍ୟୁବ୍ ଟ୍ରେନ୍ ବା ହାଇପରଲୁପ୍ ବ୍ୟବସ୍ଥାରେ ଯାତ୍ରୀ ପରିବହନ କରିବାକୁ ଭାରତ ପ୍ରସ୍ତୁତ ହେଉଛି । ଯାତ୍ରୀ ପରିବହନ କ୍ଷେତ୍ରରେ ଏହି ନୂତନ ଜ୍ଞାନକୌଶଳକୁ ଭାରତୀୟ ରେଳବାଇରେ ପ୍ରୟୋଗ କରିବା ପାଇଁ ରେଳମନ୍ତ୍ରୀ ସୁରେଶ ପ୍ରଭୁ ଆଗଭର ହେଉଛନ୍ତି । ଆମେରିକୀୟ କମ୍ପାନୀ ହାଇପରଲୁପ୍-୧ ଭାରତରେ ଏବେ ୫ଟି ପ୍ରକଳ୍ପ ଚୟନ କରିଛି । ଏଥିପାଇଁ କମ୍ପାନୀ ଭୋଟ୍ ଜରିଆରେ ଜନତାଙ୍କ ମତାମତ ଜାଣିବାକୁ ଚାହୁଁଛି । ଭାରତୀୟ ଲୋକେ କେଉଁ ରୁଟ୍‌ରେ ହାଇପରଲୁପ୍‌ସ ସ୍ଥାପନ ଚାହୁଁଛନ୍ତି, ସେ ନେଇ କମ୍ପାନୀ ସର୍ଭେ କରୁଛି । ହାଇପରଲୁପ୍-୧ ଦ୍ୱାରା ଚୟନ ହୋଇଥିବା ରୁଟ୍ ମଧ୍ୟରେ ୩୩୪ କିମି ଦୂରତାର ବେଙ୍ଗାଲୁର-ଚେନ୍ନାଇ ରହିଛି । ହାଇପରଲୁପ୍ ମାଧ୍ୟମରେ ବେଙ୍ଗାଲୁରଠାରୁ ଚେନ୍ନାଇ ଯିବା ପାଇଁ ମାତ୍ର ୨୦ ମିନିଟ୍ ସମୟ ଲାଗିବ । ଏହାସହିତ ଚେନ୍ନାଇ ଦେଇ ମୁମ୍ବାଇ-କୋଲକାତା ହାଇପରଲୁପ୍ ଲାଇନ୍ ନିମନ୍ତେ ମଧ୍ୟ ପ୍ରସ୍ତାବ ରହିଛି । ଏହି ଯାତ୍ରା ୨୨୦ ମିନିଟ୍‌ରେ ସମ୍ପୂର୍ଣ୍ଣ ହେବ ।

ରେଳମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି ଯେ ରେଳ ମନ୍ତ୍ରଣାଳୟ ଚେନ୍ନାଇ-ବେଙ୍ଗାଲୁରୁ ପାଇଁ ପ୍ରସ୍ତାବିତ ହାଇପରଲୁପ୍ ରୁଟ୍ ନେଇ ଅନୁଧ୍ୟାନ କରୁଛନ୍ତି । ଏହି ପ୍ରକ୍ରିୟାରେ ହାଇପରଲୁପ୍-୧ କମ୍ପାନୀର ଅଧିକାରୀଙ୍କ ସମେତ ନୀତି ଆୟୋଗର ସଦସ୍ୟମାନେ ମଧ୍ୟ ଆଲୋଚନା କରିଛନ୍ତି । ରେଳମନ୍ତ୍ରୀ କହିଛନ୍ତି ଯେ ଏବେ ଦେଶର ସମସ୍ତ ଟ୍ରେନ୍‌ର ବେଗ ବଢ଼ାଇବାକୁ ସରକାର ଯୋଜନା କରୁଛନ୍ତି । ଏହାସହିତ ସେମିହାଇସ୍ପିଡ୍ ଏବଂ ହାଇସ୍ପିଡ୍ ଟ୍ରେନ୍ ନେଇ ମଧ୍ୟ ତ୍ୱରାନ୍ୱିତ ଭିତ୍ତିରେ କାମ ଚାଲିଛି । ଏଥିପାଇଁ ଭାରତୀୟ ରେଳବାଇ ଜାପାନ, ଦକ୍ଷିଣକୋରିଆ, ଜର୍ମାନୀ ଏବଂ ଚୀନ୍ ରେଳ କମ୍ପାନୀଗୁଡ଼ିକର ସହାୟତା ନେଉଛି ।

# କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିବ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ୫୦ ଲକ୍ଷ କର୍ମଚାରୀ ଓ ୫୮ ଲକ୍ଷ ପେନ୍‌ସନ୍‌ଭୋଗୀଙ୍କ ନିମନ୍ତେ ମହଙ୍ଗା ଭତ୍ତା ୨% ବଢ଼ିବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ବିଧିବଦ୍ଧ ଘୋଷଣା ଚଳିତମାସ ଶେଷ ବେଳକୁ କରାଯିବ । ବଜାର ଦରବୃଦ୍ଧିକୁ ଦୃଷ୍ଟିରେ ରଖି କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଥାଏ । ତେବେ କେନ୍ଦ୍ର ସରକାର ମହଙ୍ଗା ଭତ୍ତା ୨% ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିବାରୁ କେନ୍ଦ୍ର ସରକାର କର୍ମଚାରୀ ସଂଘ ସଭାପତି କେକେଏନ୍ କୁଟ୍ଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ବଜାର ଦର ବହୁଗୁଣ ବଢ଼ିଥିବା ବେଳେ କେନ୍ଦ୍ର ସରକାର ମାତ୍ର ୨% ମହଙ୍ଗା ଭତ୍ତା ବୃଦ୍ଧି ପରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ସୂଚନା ଦେଇଛନ୍ତି । ସରକାର ଅତିକମ୍‌ରେ ୪% ମହଙ୍ଗା ଭତ୍ତା ବୃଦ୍ଧି କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି । କର୍ମଚାରୀ ସଂଘର ଏକ ବୈଠକ ଖୁବ୍‌ଶୀଘ୍ର ବସି ମହଙ୍ଗାଭତ୍ତା ବୃଦ୍ଧି ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ସେ କହିଛନ୍ତି ।

# ଚଳିତବର୍ଷ ମୌସୁମୀ ଦୁର୍ବଳ ରହିବ !

**ନୂଆଦିଲ୍ଲୀ :** ଅଷ୍ଟ୍ରେଲିଆ ପାଣିପାଗ ବିଭାଗ ତରଫରୁ ସୂଚନା ଅନୁସାରେ ଚଳିତବର୍ଷ ଭାରତରେ ମୌସୁମୀ ପ୍ରବାହ ଦୁର୍ବଳ ରହିବା ଆଶଙ୍କା ରହିଛି । ଏ ବର୍ଷ ଏଲ୍ ନିନୋ ପ୍ରଭାବ ଅନୁଭୂତ ହେବାର ଆଶଙ୍କା ଥିବାରୁ ମୌସୁମୀ ପ୍ରବାହ ଦୁର୍ବଳ ରହିପାରେ ବୋଲି ଆକଳନ କରାଯାଉଛି । ଏଲ୍ ନିନୋ ପ୍ରଭାବ ଅନୁଭୂତ ହେଲେ ମୌସୁମୀ ବାୟୁ ଗତି ବାଧାପ୍ରାପ୍ତ ହୁଏ । ଅଷ୍ଟ୍ରେଲିଆ ପାଣିପାଗ ବିଭାଗ ତରଫରୁ ପ୍ରସ୍ତୁତ ଆଠଟିରୁ ଛଅଟି ମଡେଲରେ ଏଲ୍ ନିନୋ ପ୍ରଭାବ ରହିବା ସ୍ପଷ୍ଟ ହୋଇଯାଇଛି । ତେଣୁ ଚଳିତବର୍ଷ ଭାରତରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବାର ଆଶଙ୍କା ଦେଖାଦେଇଛି । ତେବେ ପରିମାଣ କେତେ କମ୍ ରହିବ ସେ ସମ୍ପର୍କରେ ବର୍ତ୍ତମାନଠାରୁ କିଛି କୁହାଯାଇ ପାରିବ ନାହିଁ ବୋଲି ଅଷ୍ଟ୍ରେଲିଆ ପାଣିପାଗ ବିଭାଗ ତରଫରୁ ସ୍ପଷ୍ଟ କରି ଦିଆଯାଇଛି । ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ବର୍ଷା ପାଇଁ ମୌସୁମୀ ବାୟୁ ଉପରେ ନିର୍ଭରଶୀଳ । ମୌସୁମୀ ଦୁର୍ବଳ ରହିଲେ କୃଷି ଉତ୍ପାଦନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ୧୯୮୭, ୧୯୯୧, ୨୦୦୨, ୨୦୦୪ ଓ ୨୦୧୫ରେ ଏଲ୍ ନିନୋ ପ୍ରଭାବରେ ଭରତରେ କମ୍ ବୃଷ୍ଟିପାତ ହୋଇଥିଲା ।

# ଆତଙ୍କବାଦୀ ଟ୍ରେନିଂ ସେଣ୍ଟରରେ ସପ୍ତାହକୁ ଦୁଇଥର ସର୍ଜିକାଲ ଷ୍ଟ୍ରାଇକ୍ ଉପରେ ମତ

**ନୂଆଦିଲ୍ଲୀ :** ପାକ୍ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ପ୍ରଶିକ୍ଷଣ କେନ୍ଦ୍ର ଏବଂ ଲଞ୍ଚପ୍ୟାଡ୍‌ଗୁଡ଼ିକୁ ନଷ୍ଟ କରିବା ପାଇଁ ଭାରତୀୟ ସେନା ପ୍ରତି ସପ୍ତାହରେ ଦୁଇଥର ସର୍ଜିକାଲ ଷ୍ଟ୍ରାଇକ୍ କରିବା ଉଚିତ୍ ବୋଲି ଦେଶର କେତେକ ପ୍ରମୁଖ ପ୍ରତିରକ୍ଷା ବିଶେଷଜ୍ଞ ମତ ଦେଇଛନ୍ତି ।

ଦକ୍ଷିଣ କାଶ୍ମୀରର ତ୍ରାଲରେ ରବିବାର ଘଟିଥିବା ଏନ୍‌କାଉଣ୍ଟର ପରିପ୍ରେକ୍ଷୀରେ ପ୍ରତିରକ୍ଷା ବିଶେଷଜ୍ଞ ତଥା ଅବସରପ୍ରାପ୍ତ ଉଇଙ୍ଗ କମାଣ୍ଡର ପ୍ରଫୁଲ୍ଲ ବକ୍ସି କହିଛନ୍ତି ଯେ ଭାରତର କିଛି ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହେଲା ପରେ ସର୍ଜିକାଲ କରାଯିବା ତ୍ରୁଟିପୂର୍ଣ୍ଣ ନୀତି । ପ୍ରତି ସପ୍ତାହରେ ସର୍ଜିକାଲ ଷ୍ଟ୍ରାଇକ୍ କରାଯିବା ଉଚିତ । ଆମେ ସେମାନଙ୍କ ଦ୍ୱାରା ଅଧିକୃତ ଅଞ୍ଚଳରେ ପ୍ରବେଶ କରି ଏପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ । ଯେହେତୁ ପିଓକେକୁ ଆମେ ଭାରତର ଅଂଶ ବୋଲି ଦାବି କରୁଛୁ, ତେଣୁ ସେଠାରେ ଆମେ ଏପ୍ରକାର ସାମରିକ ଅଭିଯାନ ଚଳାଇ ଏହା ଦର୍ଶାଇବା ଉଚିତ୍ ଯେ ଏହା ଆମର ଅଞ୍ଚଳ ଏବଂ ଆମେ ସେଠାରେ ଯେତେବେଳେ ଯେଉଁ ପଦକ୍ଷେପ ନେବାକୁ ଚାହିଁବୁ, ତାହା ନେଇପାରିବୁ । ମାତ୍ର ଆମେ କେବେହେଲେ ପ୍ରଥମେ ଆକ୍ରମଣ କରିବୁ ନାହିଁ ଏବଂ ଆମ ଦେଶ ଉପରେ ଆକ୍ରମଣ ହେଲେ ହିଁ ତାହାର ଆମେ ଜବାବ ଦେବୁ ବୋଲି ଯେଉଁ ନୀତି ଅନୁସରଣ କରାଯାଉଛି ତାହା ବର୍ତ୍ତମାନ ପରିସ୍ଥିତିରେ ଆଉ ଗ୍ରହଣଯୋଗ୍ୟ ନୁହେଁ । ଆଉଜଣେ ପ୍ରତିରକ୍ଷା ବିଶେଷଜ୍ଞ ତଥା ଅବସରପ୍ରାପ୍ତ ମେଜର ଜେନେରାଲ ପି.କେ. ସେହଗଲ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି । ସେ ମଧ୍ୟ ଆତଙ୍କବାଦୀଙ୍କୁ ସମର୍ଥନ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେନାମୁଖ୍ୟ ଜେନେରାଲ ବିପିନ ରାୱତ ଦେଇଥିବା ବୟାନକୁ ସମର୍ଥନ କରିଛନ୍ତି । ଯଦି କାଶ୍ମୀରର ଲୋକେ ଆତଙ୍କବାଦୀଙ୍କୁ ସମର୍ଥନ କରି ଆମ ଦେଶର ଯବାନଙ୍କ ଉପରେ ଆକ୍ରମଣ କରୁଛନ୍ତି, ତା'ହେଲେ ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି ।

## ଏସ୍‌ବିଆଇ ସଞ୍ଚୟ ଖାତାରେ ନଗଦ ଟଙ୍କାଜମା

# ସର୍ବନିମ୍ନ ବାଲାନ୍ସ କମିଲେ ଜୋରିମାନା

**ମୁମ୍ବାଇ :** ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ବିଭିନ୍ନ ପ୍ରକାର ଶୁଳ୍କରେ ସଂଶୋଧନ କରାଯାଇଛି । ସଞ୍ଚୟ ଜମାଖାତାରେ ଗୋଟିଏ ମାସରେ ଏସ୍‌ବିଆଇ ଗ୍ରାହକମାନେ ତିନିଥର ନିଶୁଳ୍କ ନଗଦ ଟଙ୍କା ଜମା କରିପାରିବେ । ଏହାପରେ ପ୍ରତିଥର ନଗଦ ଟଙ୍କା ଜମା କରିବା ବେଳେ ଗ୍ରାହକଙ୍କୁ ୫୦ ଟଙ୍କାର ଶୁଳ୍କ ଓ ସେବାକର ଗଣିବାକୁ ପଡ଼ିବ । ଚଳନ୍ତି ଖାତାରେ ଶୁଳ୍କ ପରିମାଣ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିବ । ପ୍ରତିମାସରେ ଗ୍ରାହକଙ୍କୁ ସଞ୍ଚୟ ଖାତାରେ ସର୍ବନିମ୍ନ ଜମା ରଖିବାକୁ ପଡ଼ିବ । ସର୍ବନିମ୍ନ ସୀମାଠାରୁ ଖାତାର ଜମାରାଶି କମ୍ ହେଲେ ଗ୍ରାହକଙ୍କଠାରୁ ଜୋରିମାନା ଆଦାୟ କରାଯିବ । ମେଟ୍ରୋ, ସହରାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଗ୍ରାହକଙ୍କ ପାଇଁ ସଞ୍ଚୟ ଜମାଖାତାର ସର୍ବନିମ୍ନ ବାଲାନ୍ସ ଭିନ୍ନ ଭିନ୍ନ ଧାର୍ଯ୍ୟ କରାଯାଇଛି । ମେଟ୍ରୋ ପାଇଁ ମାସିକ ସର୍ବନିମ୍ନ ବାଲାନ୍ସ ୫ ହଜାର ଟଙ୍କା, ସହରାଞ୍ଚଳ ପାଇଁ ୩ ହଜାର ଟଙ୍କା ଓ ଗ୍ରାମାଞ୍ଚଳ ଗ୍ରାହକଙ୍କ ପାଇଁ ସର୍ବନିମ୍ନ ବାଲାନ୍ସ ସୀମା ୧୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହାଠାରୁ ବାଲାନ୍ସ କମ୍ ହେଲେ ଗ୍ରାହକଙ୍କଠାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ଏହା ବାଦ୍ ସେବା ଟିକସ ଆଦାୟ କରାଯିବ । ସର୍ବନିମ୍ନ ଜମାର ଧାର୍ଯ୍ୟ ସୀମାଠାରୁ ୫୦%, ୫୦-୭୫% ଓ ୭୫% ପର୍ଯ୍ୟନ୍ତ ଜମାରାଶି କମ୍ ହେଲେ ସେହି ଅନୁସାରେ ଜୋରିମାନା ପରିମାଣ କମ୍ କିମ୍ବା ଅଧିକ ହେବ । ଏହି ନିୟମ ଏପ୍ରିଲ ୧ରୁ ଲାଗୁ ହେବ । ଏହି ଜରିମାନା ଲାଗୁ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନୁମତି ପ୍ରଦାନ କରିଥିବା ଏସ୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି । ସର୍ବନିମ୍ନ ଜମା ଖିଲାପକାରୀଙ୍କଠାରୁ ଜୋରିମାନା ଆଦାୟ କରିବା ପ୍ରକ୍ରିୟାକୁ ୨୦୧୨ରେ ବନ୍ଦ କରିଦିଆଯାଇଥିଲା । ନୂତନ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଥିଲା । ପାଞ୍ଚବର୍ଷ ପରେ ପୁଣି ସେହି ଜୋରିମାନା ଲାଗୁ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଏଟିଏମ୍ କାରବାର ଉପରେ ଶୁଳ୍କ ପରିମାଣକୁ ମଧ୍ୟ ଲାଗୁ କରାଯାଇଛି । ଗୋଟିଏ ମାସରେ ଅନ୍ୟ ବ୍ୟାଙ୍କର ଏଟିଏମ୍‌ରୁ ତିନିରୁ ଅଧିକ ଥର ଟଙ୍କା ଉଠାଇଲେ ପ୍ରତିଥର ପାଇଁ ୧୦ ଟଙ୍କା ଶୁଳ୍କ ଆଦାୟ କରାଯିବ । ଯଦି ଗ୍ରାହକଙ୍କ ଖାତା ବାଲାନ୍ସ ୨୫ ହଜାର ଟଙ୍କାରୁ ଅଧିକ ରହିଥିବ, ତେବେ ଏସ୍‌ବିଆଇ ଏଟିଏମ୍‌ରୁ ଯେତେଥର ଟଙ୍କା ଉଠାଣ ବେଳେ କୌଣସି ଶୁଳ୍କ ପଡ଼ିବନି । ଖାତା ବାଲାନ୍ସ ୧ ଲକ୍ଷ ଟଙ୍କାରୁ ଅଧିକ ରହୁଥିଲେ, ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ଅଧିକ ଥର ଉଠାଣ ବେଳେ ଏସ୍‌ବିଆଇ ଶୁଳ୍କ ଆଦାୟ କରିବ ନାହିଁ । ଏସ୍‌ବିଆଇର ସବୁ ପ୍ରକାର ଶୁଳ୍କ ବିଷୟରେ ବ୍ୟାଙ୍କର ଅଧିକାରୀମାନେ ହିଁ ସ୍ପଷ୍ଟ ସୂଚନା ପ୍ରଦାନ କରିପାରିବେ ।

ଯେଉଁ ଗ୍ରାହକମାନଙ୍କ ଖାତାରେ ୨୫ ହଜାର ଟଙ୍କାରୁ କମ୍ ବାଲାନ୍ସ ରହୁଛି, ସେମାନଙ୍କଠାରୁ ଏସ୍‌ଏମ୍‌ଏସ୍ ଆଲର୍ଟ ବାବଦରେ ମାସକୁ ୧୫ ଟଙ୍କାର ଶୁଳ୍କ ଆଦାୟ କରାଯିବ । ତେବେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ/ୟୁଏସ୍‌ଏସ୍‌ଡି କାରବାର ପାଇଁ କୌଣସି ଶୁଳ୍କ ଆଦାୟ କରାଯିବ ନାହିଁ ।

# ଯାହାକୁ ରଖିବେ ଅନନ୍ତ

**ନୂଆଦିଲ୍ଲୀ :** ଓଡ଼ିଆରେ ଗୋଟିଏ ଢଗ ରହିଛି 'ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ' । ଏହିକଥା ଅତୀତରେ ଅନେକ ଥର ପ୍ରମାଣିତ ହୋଇସାରିଛି । ଏଭଳି ଘଟଣାର ପୁନରାବୃତ୍ତି ଘଟିଛି ସିରିଆରେ । ଯୁଦ୍ଧଜର୍ଜରିତ ସିରିଆରେ ଏକ ଧ୍ୱଂସସ୍ତୁପ ଭିତରୁ ଲୋକମାନେ ଏକ ଶିଶୁକୁ ଉଦ୍ଧାର କରିଛନ୍ତି । ଅନେକ ସମୟ ଧରି ୭ରୁ ୮ ଜଣ ଲୋକ ପଥରଗୁଣ୍ଡକୁ ଖୋଳି ଖୋଳି ଶିଶୁଟିକୁ ଉଦ୍ଧାର କରିବା ପରେ ଶିଶୁଟି ଯେ ଜୀବିତ ଥିବ, ତାହା କେହି କଳ୍ପନା କରି ନଥିଲେ । ମାତ୍ର ଶିଶୁଟି ଉଦ୍ଧାର ହେବାର କିଛି ସମୟ ପରେ ଆଖି ଖୋଲିବା ପରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଆଶ୍ଚର୍ଯ୍ୟ ଓ ଖୁସିର ସୀମା ରହି ନଥିଲା । ଏମିତି ଏକ ଭିଡିଓ ସୋସିଆଲ ମିଡିଆ ୟୁ-ଟ୍ୟୁବ୍‌ରେ ଭାଇରାଲ ହେବା ପରେ ଏହାକୁ ନେଇ ସାରାବିଶ୍ୱରେ ଉତ୍କଣ୍ଠା ଓ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି ।

ଯାଞ୍ଚ ହୋଇ ନଥିବା ଏହି ଭିଡ଼ିଓରେ ଦେଖିବାକୁ ମିଳିଛି ଯେ ୭ରୁ ୮ ଜଣ ଲୋକ ଏକ ଭଙ୍ଗାସ୍ତୁପକୁ ତରବରିଆ ଭାବେ ଖୋଳୁଛନ୍ତି । କିଛି ସମୟ ଖୋଳିବା ପରେ ନାଲି ଟି-ସାର୍ଟ ପିନ୍ଧିଥିବା ଏହି ଶିଶିଟିକୁ ପାଇଥିଲେ । ତେବେ ଦେହରେ ଶକ୍ତ ଆଘାତ ଲାଗିଥିବା ଯୋଗୁଁ ପିଲାଟି କିଛି ସମୟ ନୀରବ ରହୁଛି । ପରେ ଶିଶୁଟି ଆଖି ଖୋଲିବା ସହ ଧୂଳି ଲାଗିଥିବାରୁ ଆଖି ମକଚିବା ଆରମ୍ଭ କରିଥିଲା ଓ କାନ୍ଦିଥିଲା । ଉପସ୍ଥିତ ଲୋକେ ଆଲ୍ଲା ହୋ ଆକବର ନାରା ଦେଇ ଶିଶୁଟିର ମଙ୍ଗଳ କାମନା କରିଥିଲେ । ପରେ ଅବଶିଷ୍ଟ ମାଟି ଓ ପଥରଗୁଣ୍ଡକୁ ଖୋଳି ଶିଶୁଟିକୁ ଉଦ୍ଧାର କରାଯାଇଥିଲା । ତେବେ ଶିଶୁଟି ମୁହଁମାଡ଼ି ପଡ଼ିଯାଇଥିବାରୁ ତା'ର ମୁହଁ, ଆଖି ଓ କାନରେ ଧୂଳି କିମ୍ବା ମାଟି ପଶି ନଥିବାରୁ ଶିଶୁଟି ଏତେ ସମୟ ପରେ ବି ଜୀବିତ ଥିବା ଅନୁମାନ କରାଯାଉଛି ।

# ବିମୁଦ୍ରୀକରଣ ପ୍ରତିଶ୍ରୁତିରେ ଖିଲାପ !

**ନୂଆଦିଲ୍ଲୀ :** ବିମୁଦ୍ରୀକରଣ ଘୋଷଣା ପରେ ଲୋକଙ୍କୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅଚଳ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ ଜମା କରିବାର ପ୍ରତିଶ୍ରୁତି ଦେଇ ଏଥିରୁ ଓହରିଯାଇଥିବା କେନ୍ଦ୍ର ସରକାରଙ୍କୁ ଏବେ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଜବାବ ମଗାଯାଇଛି । ସରକାରଙ୍କ ଏହି ମନମୁଖି ନୀତିକୁ ବିରୋଧ କରି ଜଣଙ୍କ ପକ୍ଷରୁ କରାଯାଇଥିବା ମାମଲାର ଶୁଣାଣି କରି କୋର୍ଟ ସରକାର ଏବଂ ରିଜର୍ଭ ବ୍ୟାଙ୍କର ପ୍ରତିକ୍ରିୟା ଲୋଡି ଜବାବ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ଏବଂ ରିଜର୍ଭ ବ୍ୟାଙ୍କକୁ ଧାର୍ଯ୍ୟ ସମୟ ମଧ୍ୟରେ ନୋଟିସ୍‌ର କପି ପ୍ରଦାନ କରିବାକୁ ପିଟିଶନ୍ ଜାରି କରିଥିବା ଶରଦ ମିଶ୍ରଙ୍କୁ କୁହାଯାଇଛି । ବିଚାରପତି ଜେ.ଏସ୍ ଖେହରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି । ପିଟିସନ ଅନୁସାରେ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରିବା ପରେ ୨୦୧୬ ଡିସେମ୍ବର ୩୧ ପରେ ମଧ୍ୟ ଅଚଳ ନୋଟ ଜମା ହୋଇପାରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ରିଜର୍ଭ ବ୍ୟାଙ୍କର କେତେକ ନିର୍ଦ୍ଧାରିତ ଶାଖାରେ ଆବଶ୍ୟକ ଅନୁପାଳନ ବ୍ୟବସ୍ଥା ଦ୍ୱାରା ଅଚଳ ନୋଟ ଜମା ହେବ ବୋଲି ନିୟମ ରହିଥିଲା । ଯେଉଁ ଭାରତୀୟମାନେ ବିମୁଦ୍ରୀକରଣ ସମୟ ମଧ୍ୟରେ ବିଦେଶରେ ଥିଲେ ସେମାନେ ମାର୍ଚ୍ଚ ୩୧ ମଧ୍ୟରେ ଅଚଳ ଟଙ୍କା ଜମା କରିପାରିବେ ବୋଲି ଶେଷଥର ଜାରି କରିଥିବା ଅଧ୍ୟାଦେଶରେ ରିଜର୍ଭ ବ୍ୟାଙ୍କ କହିଥିଲା । ମାତ୍ର ଏହା ସତ୍ତ୍ୱେ ନୋଟ ଜମା ନ ହୋଇ ପାରିବା ଏକ ବିଡମ୍ବନା ବୋଲି ଖଣ୍ଡପୀଠ ଉପଲବ୍ଧି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ପ୍ରତିଶ୍ରୁତିର ଠିକ ଭାବରେ ପାଳନ କରାଯାଇ ନ ଥିବା ଖଣ୍ଡପୀଠ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୦ରେ ହେବ ।

# ନୌସେନାରୁ ଅବ୍ୟାହତି ନେଲା ଆଇଏନ୍‌ଏସ୍ ବିରାଟ

**ନୂଆଦିଲ୍ଲୀ :** ଯୁଦ୍ଧ ବିମାନ ପରିବହନକାରୀ ଯୁଦ୍ଧଜାହାଜ ଆଇଏନଏସ୍ ବିରାଟ ନୌସେନାରୁ ଅବସର ନେଇଛି । ନୌସେନା ପାଇଁ ଦୀର୍ଘ ୩୦ବର୍ଷ କାଳ ସେବା ପରେ ଏହାକୁ ଅବ୍ୟାହତି ଦିଆଯାଇଛି । ଭାରତୀୟ ନୌସେନା ପାଇଁ କାର୍ଯ୍ୟ କରିବା ପୂର୍ବରୁ ଏହା ବ୍ରିଟେନ ରୟାଲ ନେଭି ପାଇଁ ୨୭ବର୍ଷ କାର୍ଯ୍ୟ କରିଥିଲା । ତେଣୁ ସର୍ବାଧିକ ସମୟ ସେବା କରିବାରେ ଏହା ଗିନିଜ୍ ରେକର୍ଡ କରିଛି ।



୧୯୫୯ରେ ଏହି ଯୁଦ୍ଧ ଜାହାଜର ନିର୍ମାଣ କାମ ଶେଷ ହେବା ପରେ ରୟାଲ ନେଭିରେ ଏହାକୁ ସାମିଲ କରାଯାଇଥିଲା । ୧୯୮୪ରେ ରୟାଲ ନେଭିରୁ ଅବ୍ୟାହତି ନେବା ପରେ ୧୯୮୭ରେ ଏହାକୁ ଭାରତକୁ ବିକ୍ରି କରାଯାଇଥିଲା । ୧୯୮୭ ମେ ୧୨ରେ ଏହାକୁ ଭାରତୀୟ ନୌସେନାରେ ସାମିଲ କରାଯାଇଥିଲା । ୨୦୧୬ ମେ'ରୁ ଏହାକୁ ସେବାମୁକ୍ତ କରାଯାଇଥିବାବେଳେ ମାର୍ଚ୍ଚ ୬ରେ ଏହାକୁ ସମ୍ପୂର୍ଣ୍ଣ ଅବ୍ୟାହତି ଦିଆଯାଇଛି । ଏହି ଯୁଦ୍ଧଜାହାଜକୁ ଭାସମାନ ସଂଗ୍ରହାଳୟରେ ପରିଣତ କରିବା ପାଇଁ ନୌସେନା ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ବିଚାର କରୁଛନ୍ତି ।

## ବାବ୍ରି ମସ୍‌ଜିଦ୍ ଭଙ୍ଗା ମାମଲା

# ଆଡ଼ଭାନିଙ୍କ ନାଁରେ ଚାଲିପାରେ ମାମଲା

**ନୂଆଦିଲ୍ଲୀ :** ୨୫ ବର୍ଷ ତଳର ବାବ୍ରି ମସ୍‌ଜିଦ୍ ଭଙ୍ଗାଯିବା ମାମଲାରେ ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡ଼ଭାନି, ମୁରଲୀ ମନୋହର ଯୋଶୀ ଏବଂ ଉମା ଭାରତୀଙ୍କ ସମେତ ୧୩ ଜଣ ନେତାଙ୍କ ପାଇଁ ଏବେ ସମସ୍ୟା ସୃଷ୍ଟି ହୋଇଛି । ସେମାନଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର ମାମଲା ପୁଣିଥରେ ଚାଲିପାରେ । ଆଡ଼ଭାନି ଏବଂ ଅନ୍ୟମାନଙ୍କ ଉପରୁ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ହଟାଯିବା ବିରୋଧରେ ସିବିଆଇ ଆବେଦନ ସମ୍ପର୍କରେ ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏ ସମ୍ପର୍କରେ ଇଙ୍ଗିତ କରିଛନ୍ତି । ଏହି ଆବେଦନରେ ସିବିଆଇ ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ଚାଲେଞ୍ଜ କରିଥିଲା । ୨୦୧୦ରେ ଆହ୍ଲାବାଦ ହାଇକୋର୍ଟ ଲାଲକୃଷ୍ଣ ଆଡ଼ଭାନି, ମୁରଲୀ ମନୋହର ଯୋଶୀ, ଉମାଭାରତୀ, କଲ୍ୟାଣ ସିଂହଙ୍କ ସମେତ ଅନ୍ୟ ନେତାଙ୍କୁ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗରୁ ମୁକ୍ତ କରିଥିଲେ । ସେମାନଙ୍କ ମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ନେତା ମଧ୍ୟ ସାମିଲ ଥିଲେ ।

ମାମଲାର ଶୁଣାଣି ସମୟରେ ବିଚାରପତି ପି.ସି. ଘୋଷ ଏବଂ ବିଚାରପତି ଆର୍.ଏଫ୍. ନରିମାନଙ୍କ ଖଣ୍ଡପୀଠ କହିଥିଲେ ଯେ କେବଳ ବୈଷୟିକ ଆଧାରରେ କାହାକୁ ଆଶ୍ୱସ୍ତି ଦେଇହେବ ନାହିଁ । ସେହିପରି ଅଭିଯୁକ୍ତମାନଙ୍କ ବିରୋଧରେ ବିଚାର ହେଉଥିବା ବିଳମ୍ବ ନେଇ ସୁପ୍ରିମକୋର୍ଟ ମଧ୍ୟ ଚିନ୍ତା ପ୍ରକଟ କରିଥିଲେ । ଅନ୍ୟପଟେ ଏହାସହ ଜଡ଼ିତ ରାୟବରେଲୀ



ଏବଂ ଲକ୍ଷ୍ନୌରେ ଚାଲୁଥିବା ଦୁଇଟି ମାମଲାକୁ ଏକାଠି କରିନେବା ପାଇଁ କୋର୍ଟ ସିବିଆଇକୁ ପରାମର୍ଶ ଦେଇଥିଲେ । ମାମଲାର ଶୁଣାଣି ଏବେ ଲକ୍ଷ୍ନୌରେ ହେବ ବୋଲି କୋର୍ଟ ଦର୍ଶାଇଥିଲେ ।

ସୂଚନାଯୋଗ୍ୟ ଯେ ୧୯୯୨ ମସିହା ଡିସେମ୍ବର ୬ ତାରିଖରେ ବାବ୍ରି ମସ୍‌ଜିଦ୍ ଭଙ୍ଗା ସମୟରେ କଲ୍ୟାଣ ସିଂହ ମୁଖ୍ୟମନ୍ତ୍ରୀ ଥିଲେ । ବାବ୍ରି ଧ୍ୱଂସ ପରେ ସାରାଦେଶରେ ଦଙ୍ଗା ହୋଇଥିଲା । ଏଥିରେ ବହୁ ଲୋକଙ୍କର ପ୍ରାଣହାନି ହୋଇଥିଲା । ଏହି ଘଟଣାରେ କଲ୍ୟାଣ ସିଂହ, ମୁରଲୀମନୋହର ଯୋଶୀ, ଉମାଭାରତୀଙ୍କ ସମେତ ବିଜେପି-ଭିଏଚ୍‌ପିର ୧୩ ଜଣ ନେତାଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ଅଣାଯାଇଥିଲା । ପରେ ରାୟବରେଲୀର ନିମ୍ନକୋର୍ଟ ସମସ୍ତ ବିରୋଧରେ ଅଭିଯୋଗ ହଟାଇଥିଲେ । ଆହ୍ଲାବାଦ ହାଇକୋର୍ଟ ମଧ୍ୟ ନିମ୍ନକୋର୍ଟଙ୍କ ରାୟକୁ ବଳବତ୍ତର ରଖିଥିଲେ ।

# ଟ୍ରମ୍ପଙ୍କ ସାନି ନିର୍ଦ୍ଦେଶ ବାଦ ପଡ଼ିଲା ଇରାକ୍

**ୱାଶିଂଟନ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାନି ଦେଶାଟନ ନୀତି ଆପାତତଃ ଘୋଷଣା ହୋଇଛି । ସୋମବାର ଟ୍ରମ୍ପ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମରେ ସ୍ୱାକ୍ଷର କରିଛନ୍ତି । ଜାନୁଆରୀ ୨୭ର ପୁରୁଣା ନିର୍ଦ୍ଦେଶନାମାରୁ କେବଳ ଇରାକକୁ ବାଦ ଦିଆଯାଇ ଅନ୍ୟ ୬ଟି ମୁସଲମାନ ବହୁଳ ରାଷ୍ଟ୍ର ଇରାନ, ଲିବିୟା, ସୁଦାନ, ୟେମେନ୍, ସିରିୟା ଓ ସୋମାଲିଆର ନାଗରିକ ଉପରେ କଟକଣା ବଳବତ୍ତର ରଖାଯାଇଛି । ନୂଆ ଭିସା ବଳରେ ଆମେରିକା ଆସିବାକୁ ଚାହୁଁଥିବା ଏହି ୬ରାଷ୍ଟ୍ରର ନାଗରିକଙ୍କୁ ସାମୟିକ ଭାବେ ୯୦ଦିନ ଏଥିପାଇଁ ବାରଣ କରାଯିବ । ଯେଉଁମାନଙ୍କର ଭିସା ସଠିକ ନଥିବା ସେମାନଙ୍କୁ ମଧ୍ୟ ଆମେରିକା ପ୍ରବେଶ ଅନମୁତି ମିଳିବ ନାହିଁ । ମୂଳ ନିର୍ଦ୍ଦେଶନାମାରେ ରହିଥିବା ଆଇନଗତ ପ୍ରତିବନ୍ଧକକୁ ମଧ୍ୟ ସଂଶୋଧନ କରାଯାଇଛି । ଇରାକ ଆମେରିକା ସରକାରଙ୍କ ସହିତ ଏ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ସହମତ ହେବା ପରେ ସାନି ନିର୍ଦ୍ଦେଶାନାମାରୁ ଏହାକୁ ବାଦ ଦିଆଯାଇଛି । ଏଣିକି ଇରାକ ଆଇଏସ୍ ଆତଙ୍କବାଦର ମୁକାବିଲା ପାଇଁ ଆମେରିକା ସହ ଭିସା ତଥ୍ୟ ଆଦାନ ପ୍ରଦାନ ଓ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବ । ଆସନ୍ତା ୧୬ତାରିଖରୁ ସାନି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବ ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର ସାରା ହକେବି ସାଣ୍ଡର୍ସ ସୂଚନା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଟ୍ରମ୍ପଙ୍କ ପ୍ରଥମ ଦେଶାଟନ ନିର୍ଦ୍ଦେଶନାମାକୁ ବିଭିନ୍ନ ବର୍ଗରୁ ବିରୋଧ କରାଯାଇଥିଲା । ଏହା ବିରୋଧରେ ପ୍ରାୟ ଦୁଇ ଡଜନ ମାମଲା ଆମେରିକାର ବିଭିନ୍ନ ଅଦାଲତରେ ଦାୟର ହୋଇଥିବାବେଳେ ଅଧିକାଂଶ ଅଦାଲତ ଏହା ଉପରେ ରହିତାଦେଶ ଜାରି କରିଥିଲେ ।



# ଉଜ୍ଜ୍ୱଳା ପାଇଁ 'ଆଧାର' ବାଧ୍ୟତାମୂଳକ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧିନରେ ଗରିବ ମହିଳାମାନଙ୍କୁ ମାଗଣାରେ ରନ୍ଧନ ଗ୍ୟାସ୍ ସଂଯୋଗ ନେବାକୁ ହେଲେ ଆଧାର କାର୍ଡ ଦାଖଲକୁ ବାଧ୍ୟତାମୂଳକ କରାଯାଇଛି । ତେବେ ଗତବର୍ଷ ଅକ୍ଟୋବରରେ ସରକାର ଏଲ୍‌ପିଜି ରିଆତି ପାଇଁ ସମସ୍ତଙ୍କ ଲାଗି ସ୍ୱତନ୍ତ୍ର ପରିଚୟପତ୍ର ଦାଖଲ ବାଧ୍ୟତାମୂଳକ କରିଥିଲେ । ଏବେ ବିପିଏଲ୍ ପରିବାରର ମହିଳାଙ୍କୁ ସରକାର ମାଗଣାରେ ଏଲ୍‌ପିଜି ଯୋଗାଇ ଦେଉଛନ୍ତି । ଦେଶରେ ୫ କୋଟି ଗରିବ ମହିଳାଙ୍କୁ ମାଗଣା ଏଲ୍‌ପିଜି ସଂଯୋଗ ଯୋଗାଇ ଦେବା ଲାଗି ସରକାର ଗତବର୍ଷ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିଲେ । ସ୍ୱଚ୍ଛ ରନ୍ଧନ ଇନ୍ଧନ ଯୋଗାଇବା ଏହାର ମୂଳ ଲକ୍ଷ୍ୟ ରହିଥିଲା । ତେଣୁ ବ୍ୟକ୍ତିଗତ ଭାବେ ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧିନରେ ଲାଭ ପାଇବାକୁ ହେଲେ ଆଧାର ନମ୍ବର ଦାଖଲ କରିବାକୁ ହେବ ବୋଲି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ଏକ ଗେଜେଟ୍ ବିଜ୍ଞପ୍ତିରେ ଏହା କୁହାଯାଇଛି ।



# ଅଟ୍ଟାରୀରେ ଉଡ଼ିଲା ସର୍ବୋଚ୍ଚ ତ୍ରିରଙ୍ଗା

**ଅମୃତସର:** ଭାରତ-ପାକିସ୍ତାନ ସୀମାର ଅଟ୍ଟାରୀ ଠାରେ ସବୁଠାରୁ ଉଚ୍ଚ(୩୬୦ ଫୁଟ)ରେ ତ୍ରିରଙ୍ଗା ଉଡ଼ିଛି । ୧୧୦ ମିଟର ଲମ୍ବ, ୨୪ ମିଟର ଚଉଡ଼ା ଓ ୫୫ ଟନ ଓଜନର ସ୍ତମ୍ଭ ଉପରେ ଜାତୀୟ ପତାକା ରହିଛି । ଏହା ପଡ଼ୋଶୀ ପାକିସ୍ତାନର ଲାହୋର ସହରକୁ ଦୃଶ୍ୟମାନ ହେଉଛି । ୧୨୦ ଫୁଟ ଲମ୍ବ, ୮୦ ଫୁଟ ଚଉଡ଼ାର ତ୍ରିରଙ୍ଗା ସ୍ଥାପନ ପାଇଁ ସାଢ଼େ ତିନିକୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହି ପ୍ରକଳ୍ପକୁ ପଞ୍ଜାବ ସରକାରଙ୍କ ଅମୃତସର ପ୍ରଗତି ଟ୍ରଷ୍ଟ କର୍ତ୍ତୃପକ୍ଷ ନିର୍ମାଣ କରିଛନ୍ତି । ପଞ୍ଜାବରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ନିର୍ବାଚନ କମିସନଙ୍କ ସ୍ୱତନ୍ତ୍ର ଅନୁମତି କ୍ରମେ ମନ୍ତ୍ରୀ ଅନିଲ ଯୋଶୀ ଏହି ଗଗନଚୁମ୍ବୀ ତ୍ରିରଙ୍ଗାକୁ ଉଦ୍‌ଘାଟନ କରିଥିଲେ । ଭାରତର ଏହି ତ୍ରିରଙ୍ଗା ସ୍ଥାପନରେ ପାକିସ୍ତାନ ଭୟଭୀତ ହୋଇପଡ଼ିଛି । ଭାରତ ଗୁଇନ୍ଦା କାର୍ଯ୍ୟ ଉଦ୍ଦେଶ୍ୟରେ ତ୍ରିରଙ୍ଗା ସ୍ତମ୍ଭରେ ଅତ୍ୟାଧୁନିକ କ୍ୟାମେରା ରଖିଥିବା ପାକ୍ କର୍ତ୍ତୃପକ୍ଷ ଆଶଙ୍କା କରିଛନ୍ତି । ପାକିସ୍ତାନ କର୍ତ୍ତୃପକ୍ଷ ଏହାକୁ ଭାରତର ଅନ୍ତର୍ଜାତୀୟ ଚୁକ୍ତିର ଉଲ୍ଲଙ୍ଘନ ବୋଲି କହିଛି ।

# ଜିଏସ୍‌ଟି ଘୁଞ୍ଚାଇବାକୁ ସିଏଆଇଟିର ପରାମର୍ଶ

**ନୂଆଦିଲ୍ଲୀ :** ବହୁପ୍ରକାର ପ୍ରତିବନ୍ଧକ ଦେଇ ଆଗକୁ ବଢୁଥିବା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପଥରେ ପୁଣି ଏକ ପ୍ରତିବନ୍ଧକ ମାଡ଼ିଆସୁଥିବା ଜଣାପଡ଼ିଛି । ଜୁଲାଇ ୧ରୁ ଜିଏସ୍‌ଟି ଲାଗୁ କରିବାକୁ ସରକାର ଜୋରଦାର ପ୍ରୟାସ ଜାରି ରଖିଛନ୍ତି । ମାତ୍ର ଏହି ବୈପ୍ଳବିକ ଟିକସ ସଂସ୍କାର ପାଇଁ ଦେଶର କ୍ଷୁଦ୍ର ବ୍ୟବସାୟୀମାନେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇପାରି ନାହାନ୍ତି । ତେଣୁ ଜିଏସ୍‌ଟିକୁ ସେପ୍ଟେମ୍ବରରୁ କାର୍ଯ୍ୟକାରୀ କରିବାକୁ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ପକ୍ଷରୁ ସରକାରଙ୍କୁ ପରାମର୍ଶ ଦିଆଯାଇଛି ।

ଦେଶର ୭୦ ପ୍ରତିଶତ କ୍ଷୁଦ୍ର ବ୍ୟବସାୟୀ ନିଜର ବ୍ୟବସାୟ ଡିଜିଟାଲ୍ ପ୍ରଯୁକ୍ତି ମୂତୟନ କରିବା ନେଇ ନିଜକୁ ପ୍ରସ୍ତୁତ କରିପାରିନାହାନ୍ତି । ଏତେ କମ ସମୟ ଭିତରେ ସେମାନେ ନିଜ ବ୍ୟବସ୍ଥା କମ୍ପ୍ୟୁଟରୀକରଣ କରିପାରିବା ଭଳି ମନେ ହେଉନାହିଁ ବୋଲି ମହାସଂଘର ସେକ୍ରେଟାରି ଜେନେରାଲ୍ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି । ସେ କହିଛନ୍ତି ଯେ ଜିଏସ୍‌ଟିକୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଉ । ସେହି ସମୟ ଭିତରେ ବ୍ୟବସାୟୀମାନଙ୍କୁ ସଚେତନ କରିବା ପାଇଁ ସାରା ଦେଶରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉ । ସ୍ଥାନୀୟ ବ୍ୟବସାୟୀ ସଂଘଗୁଡ଼ିକୁ ଏଭଳି କାର୍ଯ୍ୟକ୍ରମରେ ସାମିଲ କରାଯାଉ । ବ୍ୟବସାୟୀମାନେ ଯେଭଳି ଏବେ ପ୍ରଚଳିତ ଥିବା ଭାଟ୍ ବ୍ୟବସ୍ଥାରୁ ବାହାରି ଜିଏସ୍‌ଟି ବ୍ୟବସ୍ଥାରେ ସହଜରେ ସାମିଲ ହୋଇପାରିବେ ସେ ନେଇ ଉଦ୍ୟମ କରାଯାଉ । ଚଳିତ ମାସ ୯ରୁ ଆରମ୍ଭ ହେଉଥିବା ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ମଡେଲ୍ ଜିଏସ୍‌ଟି ନିୟମ ଯଦି ପାରିତ ହେବ, ତେବେ ଜିଏସ୍‌ଟି ବ୍ୟବସ୍ଥା ଆପଣେଇବା ପାଇଁ ବ୍ୟବସାୟୀଙ୍କ ପାଖରେ ଏବେ ମାତ୍ର ୬୦ ଦିନର ସମୟ ରହିଛି । ବ୍ୟବସାୟୀଙ୍କୁ ତାଲିମ ଦେଇ ସଚେତନ କରିବା ପାଇଁ ଏହି ସମୟ ସୀମା ବହୁତ କମ ହୋଇଯାଉଛି ବୋଲି ସେ କହିଛନ୍ତି । ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ଦେଶର ୨ କୋଟି କ୍ଷୁଦ୍ର ବ୍ୟବସାୟୀ ଏହି ନୂତନ ଟିକସ ବ୍ୟବସ୍ଥା ଅଧୀନକୁ ଆସିବେ । ସାମ୍ବିଧାନିକ ଆବଶ୍ୟକତାକୁ ନଜରରେ ରଖିଲେ ସେପ୍ଟେମ୍ବର ୧ ଜିଏସ୍‌ଟି ଲାଗୁ କରିବାର ଉଚିତ ସମୟ ହେବ ବୋଲି ଶ୍ରୀ ଖଣ୍ଡେଲୱାଲ କହିଛନ୍ତି । ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲି ବ୍ୟବସାୟୀମାନଙ୍କ ଚିନ୍ତା ମଧ୍ୟ ବିଚାରକୁ ନେବା ଦରକାର ବୋଲି ସେ କହିଛନ୍ତି ।











## ରଥକାଠ ଅନୁକୂଳ ନୋହିଲା

**ଭୁବନେଶ୍ୱର :** ଶ୍ରୀଲିଙ୍ଗରାଜଙ୍କ ରଥକାଠ ଅନୁକୂଳ ବିଧିମୁତାବକ ହୋଇପାରି ନାହିଁ। ବିଭିନ୍ନ କାରଣରୁ ଏହି ନୀତି ବନ୍ଦ ହୋଇଥିବା ଜଣାପଡ଼ିଛି। ତେବେ ଏଥିପାଇଁ ଆସିଥିବା ଦୁଇ



ମହାରଣା ସେବକ ଶେଷରେ ଫେରିଯାଇଛନ୍ତି। ଏଥିପାଇଁ ଉଭୟ ସେବାୟତ ମନ୍ଦିର ପ୍ରଶାସନକୁ ଦାୟୀ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ନୟାଗଡ଼ ଜଙ୍ଗଲରୁ ଆସି ରଥଖଳାରେ କାଠ ପହଞ୍ଚିଥିଲା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ ନୟାଗଡ଼ ଡିଏଫ୍‌ଓ ଓ ମହୀପୁର ରେଞ୍ଜରଙ୍କ ସହାୟତାରେ ରଥକାଠ ସଂଗ୍ରହ କରି ମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚାଇଥିଲେ। ତେବେ ଏଭଳି ନୀତି ବିଭ୍ରାଟ ଯୋଗୁଁ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ସତ୍ୟ ପାଇଁ ସଂଘର୍ଷ କରିବାକୁ ହେବ : ସତ୍ୟାର୍ଥୀ

**ଭୁବନେଶ୍ୱର :** 'ଶର୍ମା'ରୁ 'ସତ୍ୟାର୍ଥୀ' ହେବା ପାଇଁ ମୋତେ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଛି। ସତ୍ୟାର୍ଥୀର ଅର୍ଥ ସତ୍ୟ ପାଇଁ ସଂଘର୍ଷ ହେବ। ସତ୍ୟ ପାଇଁ ସଂଘର୍ଷ କରି ମୁଁ ପରିବାରଠାରୁ ବାସନ୍ଦ ହୋଇଛି। ଶିଶୁ ଅଧିକାର, ଶିଶୁ ଶ୍ରମିକ, ନିର୍ଯାତିତା ବାଳିକା ଓ ମହିଳାଙ୍କୁ ଉଦ୍ଧାର ପାଇଁ କାର୍ଯ୍ୟ କରିବାକୁ ଇଞ୍ଜିନିୟର ଚାକିରି ଛାଡିବାକୁ ଯେତେବେଳେ ନିଷ୍ପତ୍ତି ନେଲି ସେଥିପାଇଁ ମୋତେ ଲୋକହସାର ପାତ୍ର ହେବାକୁ ପଡିଥିଲା। ଏସବୁକୁ ଖାତିର ନକରି ନିର୍ଯାତିତ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରି ସେମାନଙ୍କ ମୁହଁରେ ହସଫୁଟାଇ ପାରିଛି। ତୁମ୍ଭମାନଙ୍କଠାରେ ପ୍ରତିଭା ଅଛି। ତୁମେ ଚାହିଁଲେ ସମାଜରେ ପରିବର୍ତ୍ତନ ଆଣିପାରିବ। ତୁମର ନିଷ୍ଠା, କର୍ତ୍ତବ୍ୟବୋଧ ଓ ଅଧ୍ୟବସାୟ ତଥା କିଛି କରି ଦେଖାଇବା ସଂକଳ୍ପ ତୁମକୁ ସଫଳତା ଆଣିଦେବ। ମୋର ପରିଶ୍ରମ ପାଇଁ ଯେଭଳି ମୋତେ ନୋବେଲ୍ ଶାନ୍ତି ପୁରସ୍କାର ମିଳିଛି, ଠିକ୍ ସେଭଳି ତୁମର ନିଷ୍ଠା ଓ କର୍ତ୍ତବ୍ୟ ପାଇଁ ତୁମେ ମଧ୍ୟ ଏହି ପୁରସ୍କାର ବିଜେତା ହୋଇପାରିବ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଦି ଷ୍ଟଡି ଅଫ୍ ସୋସିଆଲ୍ ଏକ୍ସକ୍ଲୁଜିଅନ୍ ଆଣ୍ଡ ଇନ୍‌କ୍ଲୁସିଭ୍ ପଲିସି ବିଭାଗ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ନୋବେଲ୍ ଶାନ୍ତି ପୁରସ୍କାର ବିଜେତା କୈଳାସ ସତ୍ୟାର୍ଥୀ ଉଦ୍‌ବୋଧନ ଦେଇ କହିଥିଲେ। ଏଥିସହ ସେ କହିଥିଲେ ଯେ ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା, ବାଳିକା ଓ ମହିଳା ନିର୍ଯାତନା, ପାରିବାରିକ ହିଂସା, ବାଲ୍ୟ ବିବାହ, କମ୍ ବୟସରେ ବିବାହ, ଜାତିଆଣ ଭାବ ଆଦି ପରମ୍ପରା ଓ ସମାଜର ରୀତିନୀତି ନାମରେ ପ୍ରଚଳିତ। ଏଥିପାଇଁ ଯୁବପିଢ଼ିଙ୍କୁ ପ୍ରତିବାଦ କରିବାକୁ ପଡିବ। ପ୍ରଚଳିତ ପରମ୍ପରା ଓ ରୀତିନୀତି ବିରୋଧରେ ସ୍ୱର ଉଠେଇବାକୁ ହେବ। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି



କରିବା ପାଇଁ ଘର, ବିଦ୍ୟାଳୟ, କାର୍ଯ୍ୟକ୍ଷେତ୍ର ଆଦି ସବୁ ସ୍ଥାନରେ କିଭଳି ଶିଶୁ ଓ ମହିଳା ସୁରକ୍ଷିତ ରହିପାରିବେ ଏବଂ ସେମାନେ କିଭଳି ଶିକ୍ଷିତ ହେବେ ସେଥିପାଇଁ ଯୁବପିଢ଼ିଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପଡିବ। ଏଥିପାଇଁ ଯୁବପିଢ଼ି ନେତୃତ୍ୱ ନେଇ ସମାଜର ପରିବର୍ତ୍ତନ ଆଣିବା ଲାଗି କାର୍ଯ୍ୟ କରିବାକୁ ସତ୍ୟାର୍ଥୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀ ସତ୍ୟାର୍ଥୀ '୧୦୦ ନିୟୁତ ପାଇଁ ୧୦୦ ନିୟୁତ ଅଭିଯାନ' ଉପରେ ଆଲୋଚନା କରିଥିଲେ। ଏଥିରେ ଭାରତ ସମେତ ସାରା ବିଶ୍ୱରେ ୧୦୦ ନିୟୁତ ନିର୍ଯାତିତ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରିବା ପାଇଁ ୧୦୦ ନିୟୁତ ଯୁବପିଢ଼ିଙ୍କୁ ସାମିଲ କରାଯିବ, ଯେଉଁମାନେ ପରିବର୍ତ୍ତନର ବାର୍ତ୍ତାବହ ଭାବେ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ସତ୍ୟାର୍ଥୀଙ୍କ ଓ ତାଙ୍କର ପତ୍ନୀ ସୁମେଧା କୈଳାସଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉତ୍ତରୀୟ, ଫଳକ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୁଳପତି ପ୍ର.ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ବଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା।

### ଜଗନ୍ନାଥ ବଲ୍ଲଭ ମଠର ପୁନରୁଦ୍ଧାର

## ଖର୍ଚ୍ଚ ଅଟକଳ ୨୦ କୋଟି



**ପୁରୀ :** ବଡ଼ଦାଣ୍ଡରେ ଅବସ୍ଥିତ ଜଗନ୍ନାଥ ବଲ୍ଲଭ ମଠର ପୁନରୁଦ୍ଧାର କରାଯିବ। ମଠ ଭିତରେ ହେବ ମଲ୍ଟି ଲେଭଲ୍ ପାର୍କିଂ। ମଠ ଭିତରେ ରହିଥିବା ପାର୍କିଂସ୍ଥଳର ସଂପ୍ରସାରଣ କରାଯାଇ ଦେଢ଼ହଜାରରୁ ଉର୍ଦ୍ଧ୍ୱ ଚାରିଚକିଆ ଯାନ ରହିବା ଭଳି ବ୍ୟବସ୍ଥା କରାଯିବ। ପର୍ଯ୍ୟଟକଙ୍କ ପରିଦର୍ଶନ ପାଇଁ ମଠ ପରିସରରେ ରଖାଯିବ ତିନିରଥ ବୋଲି ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ସୁରେଶଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ସଂଜୟ କୁମାର ମିଶ୍ର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ଜେନା, କାଉନ୍‌ସିଲର ଭକ୍ତଚରଣ ଦାସ, ଓଟିଡିସିର ପ୍ରକଳ୍ପଯନ୍ତ୍ରୀ ତପନ କୁମାର ପଣ୍ଡା, ଡିଆରଡିଏ ସରକାରୀ ପ୍ରକଳ୍ପ ନିର୍ଦ୍ଦେଶକ ନିଷିଥ କୁମାର ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ବହୁ ଦିନରୁ ଜଗନ୍ନାଥ ବଲ୍ଲଭ ପରିସରରେ ପ୍ରାୟ ୩୦ଟି ଭୋଇ ପରିବାର ରହୁଥିବାରୁ ସେମାନଙ୍କୁ ଗୋଟିଏ ଯାଗାରେ ସେଠାରେ ଔଷଧ ବୃକ୍ଷ ଓ ତୁଳସୀଗଛ ଲଗାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ମହାପ୍ରଭୁ ବିଦ୍ୟମାନ କରୁଥିବା ୩ଟି ରଥର ନମୁନା ଆକାରରେ ପର୍ଯ୍ୟଟକଙ୍କ ପାଇଁ ସ୍ଥାନିତ କରାଯିବ। ପ୍ରମୋଦ ଉଦ୍ୟାନର ଆକାର କିଭଳି ହେବ ସେ ସଂପର୍କରେ ଓଡ଼ିଶା ବନ ଉନ୍ନୟନ ନିଗମ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ମଠ ପରିସରରେ ପୂର୍ତ୍ତ ବିଭାଗଦ୍ୱାରା ମଲ୍ଟିଲେଭଲ୍ ପାର୍କିଂରୁ ଆଦାୟ ଅର୍ଥ ବାଟମାରଣା ହେଉଥିବାରୁ ସେଠାରେ ଅଟୋମେଟିକ୍ ବୁମ୍ ବ୍ୟବସ୍ଥା କାରଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ମଠର ପୁନରୁଦ୍ଧାର ପାଇଁ ଶ୍ରୀମନ୍ଦିର ପ୍ରଶାସନ ୮କୋଟି ୩୬ଲକ୍ଷ ଟଙ୍କା ପ୍ରଦାନ କରିବ। ଉନ୍ନୟନ ପାଇଁ ୨୦କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ଅଟକଳ କରାଯାଇଛି। ମଠଭିତରେ ଥିବା ବେଣ୍ଟ ପୋଖରୀ, ଅସନ ପୋଖରୀ ପ୍ରଭୃତି ୬ଟି ପୋଖରୀରେ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ମାଷ୍ଟରପ୍ଲାନ୍ ପସ୍ତୁତ କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମକୁ କୁହାଯାଇଛି। କେଉଁ କେଉଁ ଔଷଧୀୟ ବୃକ୍ଷ ରୋପଣ କରାଯିବ ସେ ସମ୍ପର୍କରେ ଉଦ୍ୟାନ ବିଭାଗକୁ ରିପୋର୍ଟ ମଗାଯାଇଛି। ଉଦ୍ୟାନର ଚତୁଃପାର୍ଶ୍ୱରେ ପାଦଚଲା ରାସ୍ତା ନିର୍ମାଣ କରାଯିବ ଏବଂ ମଠ ପରିସରରେ ରହିଥିବା ପର୍ଯ୍ୟଟନ ବ୍ୟାଖ୍ୟାନ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯିବ। ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯିବ। ଫଳରେ ବିଭିନ୍ନ ଯାନିଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତି ସମ୍ପାଦିତ ହୋଇପାରିବ ବୋଲି ବୈଠକରୁ ସୂଚନା ମିଳିଛି।

# ରେଭେନ୍ସା କୁଳପତିଙ୍କ ଇସ୍ତଫା ଅଗ୍ରାହ୍ୟ

**କଟକ :** ରେଭେନ୍ସା ବିଶ୍ୱବିଦ୍ୟାଳୟ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପକୁ ନେଇ ଏବେ ବିବାଦର ଝଡ଼ ଉଠିଛି। କ୍ୟାମ୍ପସ୍ ବ୍ୟାପାରରେ ନେତାମାନଙ୍କ ଲଗାତାର୍ ହସ୍ତକ୍ଷେପ ପ୍ରତିବାଦରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏଠାରେ ବାରମ୍ବାର ବିଭିନ୍ନ ରାଜନୈତିକ ଗୋଷ୍ଠୀମାନଙ୍କ ହସ୍ତକ୍ଷେପ, ରାଜନୈତିକ ଉଦ୍ଦେଶ୍ୟରେ ଛାତ୍ର ଆନ୍ଦୋଳନ ଭଳି କାରବାରରେ ଅତିଷ୍ଠ ହୋଇ ତାଙ୍କର ନିଜ ପଦବୀ ତ୍ୟାଗ କରିଥିବା କୁହାଯାଉଛି। ତେବେ ତାଙ୍କ ଇସ୍ତଫାକୁ ରାଜ୍ୟପାଳ ତଥା କୁଳାଧିପତି ଡ.ଏସ୍.ସି.ଜମିର ଅଗ୍ରାହ୍ୟ କରିଦେଇଛନ୍ତି। କୁଳପତି ଭାବେ ପୂର୍ବପରି ଯଥାରୀତି ଦାୟିତ୍ୱ ନିର୍ବାହ କରିବାକୁ ରାଜ୍ୟପାଳ ତାଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। କୁଳପତି ଡକ୍ଟର ଷଡ଼ଙ୍ଗୀ ନିଜର କାର୍ଯ୍ୟକାଳ ଶେଷ ହେବାର ୧୦ ମାସ ପୂର୍ବରୁ ଅଚାନକ ଇସ୍ତଫା ଘୋଷଣା କରିଥିଲେ। ଯାହାକୁ ନେଇ ରେଭେନ୍ସା କାମ୍ପସ୍‌ରେ ଦିନତମାମ୍ ବିବାଦ, ଛକାପଞ୍ଝା ଓ ଆନ୍ଦୋଳନ ଲାଗି ରହିଥିଲା। କୁଳପତି ଖୋଲାଖୋଲି ଭାବେ ଅଭିଯୋଗ କରିଥିଲେ ଯେ, ରେଭେନ୍ସାରେ ନିଜର ପ୍ରଭାବ ବିସ୍ତାର ପାଇଁ ଏବଂ ପତିଆର ଜାହିର କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ବିଶ୍ୱବିଦ୍ୟାଳୟରେ ସମସ୍ତ ଘଟଣାରେ ମୁଣ୍ଡ ଖେଳାଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଛାତ୍ରମାନଙ୍କୁ ଉସ୍‌କାଇ ଆନ୍ଦୋଳନ,



ବିକ୍ଷୋଭ, ଗଣ୍ଡଗୋଳ ଆଦି କରାଉଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ କେବେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲେ ମଧ୍ୟ ତାକୁ ବି ବିରୋଧ କରି ହୋହାଲ୍ଲା କରୁଛନ୍ତି। ତେଣୁ କୁଳପତି ଭାବେ ପଦବୀରେ ଥିଲେ ମଧ୍ୟ ସ୍ୱାଧୀନତା ନାହିଁ। ଫଳରେ ସେ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ। କୁଳପତି ପଦବୀର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଶେଷର ସେ ଇସ୍ତଫା ଦେବା ପାଇଁ ବାଧ୍ୟ ହୋଇଥିବା ପ୍ରଫେସର ଷଡ଼ଙ୍ଗୀ କହିଥିଲେ।

ସୂଚନା ଅନୁସାରେ ଗତ ନଭେମ୍ବର ୬ ତାରିଖରେ ବିଶ୍ୱବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରିଥିବା କାରଣରୁ ୬ଜଣ ଛାତ୍ରଙ୍କୁ ରେଭେନ୍ସା ଶୃଙ୍ଖଳା କମିଟି ନିଲମ୍ବନ କରିଥବା ଘଟଣାକୁ କେନ୍ଦ୍ର କରି ଏଭଳି ପରିସ୍ଥିତିର ସୂତ୍ରପାତ ହୋଇଥିଲା। ରେଭେନ୍ସା ଛାତ୍ର ସଂସଦ ପକ୍ଷରୁ କୁଳପତିଙ୍କୁ ଘେରାଉ କରାଯାଇଥିଲା। ଉକ୍ତ ୬ ଜଣ ଛାତ୍ରଙ୍କ ନିଲମ୍ବନ ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଛାତ୍ରସଂଘ ଦାବି କରିଥିଲା। ତା'ଛଡ଼ା ଏହି ନିଲମ୍ବନ ଆଦେଶରେ ପକ୍ଷପାତିତା ହୋଇଥିବା ଏବଂ ମୁଖ୍ୟ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଯାଇ ନିର୍ଦ୍ଦୋଷଙ୍କୁ ଦଣ୍ଡ ଦିଆଯାଉଥିବା ମଧ୍ୟ ଛାତ୍ର ସଂସଦ ପକ୍ଷରୁ ଅଭିଯୋଗ କରାଯାଇଥିଲା। ହେଲେ, ବିଶ୍ୱବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ(ଇସି) ହିଁ କେବଳ ଏ ବାବଦରେ କୌଣସି ନିଷ୍ପତ୍ତି ନେଇ ପାରିବେ ବୋଲି କୁଳପତି କହିଥିଲେ, କିନ୍ତୁ ଛାତ୍ରମାନେ ଏହାକୁ ତୁରନ୍ତ ପ୍ରତ୍ୟାଖ୍ୟାନ କରାଯାଉ ଏବଂ ତା'ସହିତ ରେଭେନ୍ସା ଉତ୍ସବ ପାଳନ ଏବଂ ନାକ୍ କମିଟି ପରିଦର୍ଶନ କରିବାକୁ ଆସିଥିବା ବେଳେ ବିଶ୍ୱବିଦ୍ୟାଳୟରେ ଖର୍ଚ୍ଚ ହୋଇଥିବା ଟଙ୍କାରେ ବ୍ୟାପକ ଅନିୟମିତତା ହୋଇଥିବା ଛାତ୍ର ସଂଘ ଅଭିଯୋଗ କରିଥିଲେ। ତେଣୁ ଏହାକୁ ଭିଜିଲାନ୍ସ ତଦନ୍ତ ପାଇଁ ଛାତ୍ରମାନେ ଦାବି କରିଥିଲେ। ଯାହାଫଳରେ କୁଳପତିଙ୍କୁ ଘେରାଉ କରିବା ସହ ତାଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବା ପାଇଁ ଛାତ୍ରମାନେ ଦେଇନଥିଲେ। ଯାହାଦ୍ୱାରା କୁଳପତି ନିରଜ ଇସ୍ତଫା ଦେଇଥିଲେ।

# ଆଇପିଏସ୍‌କୁ ପଦୋନ୍ନତି ଉପରେ କେନ୍ଦ୍ରର କଟକଣା

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଓଡ଼ିଶା ପୁଲିସ ସେବା(ଓପିଏସ୍)ରୁ ଭାରତୀୟ ପୁଲିସ ସେବା(ଆଇପିଏସ୍)କୁ ପଦୋନ୍ନତି ଦେବା ଉପରେ କେନ୍ଦ୍ର ସରକାର କଟକଣା କରିଛନ୍ତି। ଏନେଇ ଗୃହ ମନ୍ତ୍ରଣାଳୟରୁ ରାଜ୍ୟ ସରକାରଙ୍କ ନିକଟକୁ ଏକ ପତ୍ର ଆସିଛି। ଗୃହମନ୍ତ୍ରାଳୟର ଅନୁସଚିବ ଅଜୟ କୁମାର ସିଂହ ମୁଖ୍ୟ ଶାସନସଚିବଙ୍କୁ ପଠାଇଥିବା ପତ୍ରରେ ଆଇପିଏସ୍‌କୁ ପଦୋନ୍ନତି ଓ ନିଯୁକ୍ତି କେବଳ ଆଇପିଏସ୍ ପ୍ରୋବେସନ୍ ନିୟମ-୧୯୫୪ ଏବଂ ଆଇପିଏସ୍ ନିଯୁକ୍ତି ନିୟମ-୧୯୫୫ ବଳରେ ହେବ ବୋଲି ସ୍ପଷ୍ଟ କରାଯାଇଛି। ଭାରତୀୟ ପୁଲିସ ସେବା ପାଇଁ ଜଣଙ୍କୁ ମନୋନିତ କରିବା ଲାଗି ହେଲେ ତାଙ୍କୁ ପ୍ରଥମେ ପ୍ରୋବେସନ୍‌ରେ ୨ ବର୍ଷ ରହିବାକୁ ହେବ। ଏହି ପ୍ରୋବେସନ୍ ସମୟରେ ତାଙ୍କ ଚାକିରି ସୁନିଶ୍ଚିତ କରିବାକୁ ହେଲେ ସେମାନଙ୍କୁ ପ୍ରଶିକ୍ଷଣରେ କୃତକାର୍ଯ୍ୟ ହେବାକୁ ପଡିବ। ପୋଲିସ ସେବା ପ୍ରୋବେସନ୍ ନିୟମ-୫ ଅନୁସାରେ ହାଇଦ୍ରବାଦଠାରେ ଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୁଲିସ ଏକାଡେମୀରେ ଓପିଏସ୍‌ରୁ ଆଇପିଏସ୍‌କୁ ପଦୋନ୍ନତି ପାଇଥିବା ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ନେବାକୁ ହେବ। ସେଠାରେ ସେମାନେ କୃତକାର୍ଯ୍ୟ ହେଲେ ସେମାନଙ୍କୁ ଆଇପିଏସ୍ ତାଲିକାଭୁକ୍ତ କରାଯିବ। ପରେ ସେମାନେ ସର୍ବଭାରତୀୟ ପୁଲିସ ସେବା କ୍ୟାଡର ତାଲିକାରେ ଅନ୍ତର୍ଭୁକ୍ତ ହେବେ। ତେଣୁ ଯେଉଁ ଓପିଏସ୍ ଅଧିକାରୀଙ୍କ ବୟସ ସୀମା ୫୬ ବର୍ଷରୁ କମ ଏବଂ ସେମାନେ ପଦୋନ୍ନତି ପାଇବାକୁ ଯୋଗ୍ୟ ବିବେଚିତ, ସେମାନଙ୍କୁ ପ୍ରୋବେସନରେ ହାଇଦ୍ରାବାଦକୁ ପ୍ରଶିକ୍ଷଣ ପାଇଁ ପଠାଯିବା ଲାଗି କୁହାଯାଇଛି। ତେଣୁ ୧୯୯୩ରୁ ୨୦୧୪ ପର୍ଯ୍ୟନ୍ତ ଯେଉଁ ଓପିଏସ୍‌ମାନେ ଆଇପିଏସ୍‌କୁ ପଦୋନ୍ନତି ପାଇଛନ୍ତି ସେମାନଙ୍କର ତାଲିକା ଦେବାକୁ ଗୃହମନ୍ତ୍ରାଳୟରୁ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠା ଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

### ଅଭାବୀ ବିକ୍ରି

## ଆଳୁ କିଣିବେ ସରକାର

**ଭୁବନେଶ୍ୱର :** ରାଜ୍ୟରେ ଚଳିତ ବର୍ଷ ଆଳୁ ଦର ବହୁମାତ୍ରାରେ ହ୍ରାସ ପାଇଛି। ବଜାରରେ କିଲୋପ୍ରତି ୬ଟଙ୍କାରୁ ମଧ୍ୟ କମ୍ ରହିଛି। ଆଳୁ ଅଭାବୀ ବିକ୍ରିକୁ ନେଇ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏହାଛଡ଼ା ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରୁ ବହୁ ମାତ୍ରାରେ ଆଳୁ ଓଡ଼ିଶାକୁ ଆସୁଥିବାରୁ ବଜାରରେ ଆଗାମୀ ଦିନରେ ଆହୁରି



ମୂଲ୍ୟ ହ୍ରାସ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଳୁ କ୍ରୟ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାର୍କଫେଡ୍ ଏବଂ ରାଜ୍ୟ ଯୋଗାଣ ନିଗମ ଚାଷୀଙ୍କଠାରୁ ଆଳୁ କ୍ରୟ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ପ୍ରଦୀପ୍ତ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କଠାରୁ କ୍ରୟ ହେବାକୁ ଥିବା ଆଳୁକୁ ଶୀତଳ ଭଣ୍ଡାରରେ ଗଚ୍ଛିତ ରଖି ଅଭାବ ସମୟରେ ବ୍ୟବସାୟୀଙ୍କୁ ବିକ୍ରି କରିବା ପାଇଁ କୁହାଯାଇଛି। ରାଜ୍ୟରେ ବର୍ଷକୁ ୧୨ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଚାହିଦା ରହିଛି। ୩ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ ହେଉଛି। ଆବଶ୍ୟକ ହେଉଥିବା ଆଳୁ ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରୁ ଅଣାଯାଉଛି। ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ ଚଳିତବର୍ଷ ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରେ ପ୍ରଚୁର ପରିମାଣରେ ଆଳୁ ଉତ୍ପାଦନ ହୋଇଛି। ସେହି ଆଳୁଗୁଡ଼ିକ ଓଡ଼ିଶାକୁ ଆସୁଥିବାରୁ ବଜାର ଦର ନିମ୍ନସ୍ତରରେ ରହିଛି। ଆଗାମୀ ଦିନରେ ଏହା ଆହୁରି ତଳକୁ ଖସିଯିବ ବୋଲି ବ୍ୟବସାୟୀମାନେ ଅନୁମାନ କରୁଛନ୍ତି। ଚଳିତବର୍ଷ ରାଜ୍ୟରେ ଆଳୁର ଅଭାବ ହେବ ନାହିଁ ବୋଲି ଜଣାପଡ଼ିଛି। ସେଥିପାଇଁ ଆଳୁ ବଫର ଷ୍ଟକ୍ ଟିମ୍ ଆବଶ୍ୟକତା ନାହିଁ ବୋଲି ଷ୍ଟିଅରିଂ କମିଟି ନିଷ୍ପତ୍ତି ନେଇଛି। ତେବେ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଳୁ କ୍ରୟ କରିବା ପାଇଁ ସରକାର ଚିନ୍ତା କରୁଛନ୍ତି। ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଆଳୁ ମିଶନ କାର୍ଯ୍ୟକାରୀ କରୁଛନ୍ତି। ୨୦୧୫ରେ ବଜାରରେ ଆଳୁ ଅଭାବକୁ ଦୃଷ୍ଟିରେ ରଖି ଚାଷୀଙ୍କଠାରୁ କିଲୋପ୍ରତି ୬ ଟଙ୍କା ମୂଲ୍ୟରେ କ୍ରୟ କରି ଗଚ୍ଛିତ କରିଥିଲେ। ତେବେ ଏହି ଆଳୁ ବିକ୍ରି ହୋଇ ନ ପାରିବାରୁ ପ୍ରାୟ ୪୨ କୋଟି ଟଙ୍କା ରାଜସ୍ୱହାନି ହୋଇଛି।

# ସରକାରୀ ଉଚ୍ଚ ପ୍ରାଥମିକରେ ଖୋଲିବ ଅଷ୍ଟମ

**ଭୁବନେଶ୍ୱର :** ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଣିକି ଅଷ୍ଟମ ଶ୍ରେଣୀ ଖୋଲିବ। କିନ୍ତୁ ବେସରକାରୀ ଭାବେ ଚାଲିଥିବା ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ଓ ଭିତ୍ତିଭୂମି ଅଭାବ କାରଣରୁ ଅଷ୍ଟମ ଶ୍ରେଣୀ ଖୋଲିବା ଦ୍ୱାରା ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏ ସଂକ୍ରାନ୍ତରେ ଅନୁଧ୍ୟାନ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖିଛନ୍ତି। ୨୦୧୭-୧୮ ଶିକ୍ଷାବର୍ଷଠାରୁ ରାଜ୍ୟ ସରକାର ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି ମାଧ୍ୟମିକ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀକୁ ବାଦ ଦେବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଶିକ୍ଷାବର୍ଷଠାରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶାବଳି ଜାରି କରାଯାଇଛି। ତେବେ ବେସରକାରୀ ବା ସାହାଯ୍ୟପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲିବା ନିମନ୍ତେ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନଥିବା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସୂତ୍ରରୁ ଜଣାପଡ଼ିଛି। ଅନେକ ସ୍ଥାନରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନଥାଇ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ରହିଛି। ଏଭଳି କ୍ଷେତ୍ରରେ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀ ପାସ କରୁଥିବା ଛାତ୍ରଛାତ୍ରୀ ସେମାନଙ୍କ ପାଠ ପଢ଼ିବା ନେଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏହାଫଳରେ ଡ୍ରପ ଅଉଟ ବା ଅଧାରୁ ପାଠ ଛାଡ଼ିବା ସମସ୍ୟା ଦେଖାଦେଇପାରେ। ତେଣୁ ସାହାଯ୍ୟପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲିବା ଦ୍ୱାରା ଅଧିକ ସଂଖ୍ୟାରେ ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ପଡ଼ିବ। ଦୀର୍ଘ ବର୍ଷ ଧରି ସାହାଯ୍ୟପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ହୋଇନାହିଁ। ତେଣୁ ଶିକ୍ଷକ ନିଯୁକ୍ତି ନଦେଇ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲିବା ଦ୍ୱାରା ଏଠାରେ ପାଠ ପଢ଼ାଇବା ପାଇଁ ଶିକ୍ଷକ ସମସ୍ୟା ଜଟଇଳ ପରିସ୍ଥିତି ସୃଷ୍ଟି କରିବ। ତେଣୁ ଏ ଦିଗରେ ଉଚିତ ପଦକ୍ଷେପ ନେବା ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୨୦୨୦ ସୁଦ୍ଧା ଅଢ଼େଇ ଲକ୍ଷ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ପ୍ରଣୟନ କରାଯାଇଥିବା ଷ୍ଟାର୍ଟଅପ୍ ନୀତି ଏବେ କିଭଳି ଠିକଣା ଭାବେ କାର୍ଯ୍ୟକାରୀ କରାଯିବ ସେ ନେଇ ଏକ ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଶିଳ୍ପ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଷ୍ଟାର୍ଟଅପ୍ ଷ୍ଟିୟରିଂ କମିଟି ବୈଠକରେ ଆସନ୍ତା ୨୦୨୦ ମସିହା ସୁଦ୍ଧା ରାଜ୍ୟରେ ଅଢ଼େଇ ଲକ୍ଷଙ୍କୁ ନିଯୁକ୍ତି ଦେବା ସାଙ୍ଗକୁ ଦେଢ଼ଲକ୍ଷ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଭଦ୍ରକରେ ବୟନ ପାର୍କ, ଅନୁଗୋଳରେ ଆଲୁମିନା ପାର୍କ, ପୁରୀ ଏବଂ ଉତ୍ତର ବାଲେଶ୍ୱରରେ ପର୍ଯ୍ୟଟନ ପାର୍କ ଭଳି ୭ଟି ସ୍ଥାନକୁ ଶିଳ୍ପ ଭିତ୍ତିକ ପାର୍କ ପାଇଁ ଚିହ୍ନଟ କରାଯାଇଛି। ଏନେଇ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ଜମିର କ୍ଲିୟରାନ୍ସ ଲାଗି ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ସରକାରଙ୍କ ପକ୍ଷରୁ ଷ୍ଟାର୍ଟଅପ୍ ନୀତି ପ୍ରଣୟନ ପରେ ୧୨୪ଟି ବୃହତ୍ତ ପ୍ରକଳ୍ପ ଲାଗି ପ୍ରସ୍ତାବ ଆସିଛି। ଏଥିରେ ୩ଲକ୍ଷ ୬୪ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ରହିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ୩୬ଟି ପ୍ରକଳ୍ପକୁ ଏକକ ବାତାୟନ ଜରିଆରେ ଅନୁମୋଦନ ଦିଆଯାଇଛି। ଏଥିରେ ୫୧ ହଜାର ୪୯୩ ଜଣଙ୍କୁ ନିଯୁକ୍ତି ମିଳିବା ସହିତ ୩୭ ହଜାର କୋଟି ଟଙ୍କାର ପୁଞ୍ଜିବିନିଯୋଗ ପାଇଁ ପଥ ପରିଷ୍କାର ହୋଇଯାଇଛି। ତେବେ ଆସନ୍ତା ୩ ବର୍ଷ ମଧ୍ୟରେ ୧୨୪ଟି ଯାକ ପ୍ରକଳ୍ପକୁ ବାସ୍ତବରେ କାର୍ଯ୍ୟକାରୀ କରିବାକୁ ସରକାର ଯୋଜନା କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ସେଥିରୁ ଅତି କମ୍‌ରେ ୫୦ ପ୍ରତିଶତ ଅର୍ଥାତ ପ୍ରାୟ ଦେଢ଼ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଚଳିତ ମାର୍ଚ୍ଚ ସୁଦ୍ଧା ପ୍ରାୟ ୫୦ଟି ପ୍ରକଳ୍ପକୁ ଏକକ ବାତାୟନ ଜରିଆରେ ଅନୁମୋଦନ ଦିଆଯିବ। ଯେଉଁଥିରେ କି ୬୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏଥିରେ ବିଭାଗ ପକ୍ଷରୁ ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋ କେମିକାଲ୍‌ସ, ଭିତ୍ତିଭୂମି, ଶକ୍ତି, ପର୍ଯ୍ୟଟନ ଭଳି କ୍ଷେତ୍ର ରହିଛି। ସରକାରଙ୍କ ଷ୍ଟାର୍ଟଅପ୍ ନୀତିକୁ ନେଇ ଏବେ ବହୁ ପୁଞ୍ଜିନିବେଶକାରୀ ନୂତନ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି। ସେମାନଙ୍କ ପାଇଁ ଭୂମି ଯୋଗାଇଦେବା ଲାଗି ସରକାରଙ୍କ ପକ୍ଷରୁ ଇଡ୍‌କୋକୁ ଲ୍ୟାଣ୍ଡବ୍ୟାଙ୍କ ଜରିଆରେ ଭୂମି ସଂଗ୍ରହ ଦାୟିତ୍ୱ ଦିଆଯାଇଛି। ତେବେ ସବୁ ନିବେଶକାରୀମାନେ ଭୁବନେଶ୍ୱର ଏବଂ ଏହାର ଉପକଣ୍ଠରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି। ଏହି ମନ୍ତ୍ରିସ୍ତରୀୟ ବୈଠକରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ଓ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅନୁପସ୍ଥିତ ଥିବା ବେଳେ ଶକ୍ତିମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ଶ୍ରମମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସହିତ ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରାଙ୍କ ସମେତ ବହୁ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସାହସର ପ୍ରତୀକ 'ବିଜୁ ମିନାର' : ମୁଖ୍ୟମନ୍ତ୍ରୀ

**ପାରାଦୀପ :** ନିକଟରେ ପାରାଦୀପରେ ଆୟୋଜିତ ହୋଇଥିବା ବିଜୁ ଜନ୍ମ ଶତବାର୍ଷିକୀ ସମାରୋହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ପାରାଦୀପ ମ୍ୟୁନିସିପାଲିଟି ଓ ବିଜୁ ସ୍ମୃତି ଟ୍ରଷ୍ଟ ପକ୍ଷରୁ ନିର୍ମିତ ୫୦ ଫୁଟ୍ ଉଚ୍ଚ ବିଶିଷ୍ଟ ବିଜୁ ସ୍ମାରକୀ ମିନାର୍, ଓ ବିଜୁ ଯାତ୍ରୀ ନିବାସ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସ୍ମୃତି ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜୁ ବାବୁ ପାରାଦୀପରୁ ଓଡ଼ିଶାରେ ଶିଳ୍ପ ବିପ୍ଳବର ଅୟମାରମ୍ଭ କରିଥିଲେ। ଏହାର ସୁଫଳ ଏବେ ଏଠାରେ ଦେଖିବାକୁ ମିଳୁଛି। ଏବେ ଏଠାକୁ କୋଟି କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ଫଳରେ ବହୁ ଶିଳ୍ପ ପ୍ରତିଷ୍ଠା ହୋଇପାରିଛି। ଯାହାଫଳରେ ପାରାଦୀପର ବିକାଶ ସହ ବହୁ ଲୋକଙ୍କୁ ଆତ୍ମନିଯୁକ୍ତି ମିଳିପାରିଛି। ଏହାକୁ ଆହୁରି ଆଗେଇ ନେବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରି ରହିବ ବୋଲି କହିଥିଲେ ନବୀନ। ପାରାଦୀପବାସୀଙ୍କ ଉଦ୍ୟମରେ ଏଠି ଏକ ସୁନ୍ଦର ବିଜୁ ମିନାର ଉଦ୍‌ଘାଟିତ ହୋଇଛି। ଏହି ମିନାର



କେବଳ କଂକ୍ରିଟ୍ ଓ ମୋଟାର୍‌ରେ ଏକ ମିନାର ନୁହେଁ ଏହା ବିଜୁବାବୁଙ୍କ ସାହସ ଓ ସ୍ୱପ୍ନର ପ୍ରତୀକ। ବିକାଶର ବତୀଘର ଭାବେ ଭବିଷ୍ୟତ ପାଇଁ ଏହା ଆମକୁ ପ୍ରେରଣା ଯୋଗାଇବ। ୬୦ ଦଶକରେ ପାରାଦୀପରେ ବନ୍ଦର ପ୍ରତିଷ୍ଠା କରିବାର ସାହସ କେବଳ ବିଜୁବାବୁଙ୍କ ଭଳି ବ୍ୟକ୍ତିତ୍ୱ ରାଜ୍ୟ ସମ୍ବଳରୁ ହିଁ କରିପାରନ୍ତି। ଆଜି ବିଜୁବାବୁଙ୍କ ସ୍ୱପ୍ନ ସାକାର ହୋଇଛି। ସମ୍ପ୍ରତି ପାରାଦୀପ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଦର ଭାବେ ପରିଚିତ ହାସଲ କରିଛି। ୧୯୯୯ ମହିସାରେ ଓଡ଼ିଶା ଓ ଆଜିର ଓଡ଼ିଶା ମଧ୍ୟରେ ବହୁତ ତଫାତ୍ ଦେଖିବାକୁ ମିଳୁଛି। ବିଜୁବାବୁଙ୍କ ଆଦର୍ଶ ଓ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆୟୋଜିତ ଉତ୍ସବରେ ଅଧ୍ୟକ୍ଷତା ବିଜୁ ସ୍ମୃତି ଟ୍ରଷ୍ଟର ସଭାପତି ତଥା ବରିଷ୍ଠ ମନ୍ତ୍ରୀ ଡା. ଦାମୋଦର ରାଉତ କହିଥିଲେ ଯେ ବିଜୁବାବୁ ଏକ ଅନୁଷ୍ଠାନ। ଯିଏ ଓଡ଼ିଶାର ସବୁବର୍ଗର ଜନନାୟକ ଥିଲେ। ଓଡ଼ିଶାର ବିକାଶ ବିଜୁବାବୁଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ଥିଲା। ଏଥିରେ ଭୁବନେଶ୍ୱରର ସାଂସଦ ଡ. ପ୍ରସନ୍ନ ପାଟ୍ଟଶାଣୀ, ଜଗତସିଂହପୁର ସାଂସଦ ଡାକ୍ତର କୁଳମଣି ସାମଲ, ଜିଲ୍ଲାପାଳ ଯାମିନୀ ଷଡ଼ଙ୍ଗୀ, ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, ପ୍ରୀତିନନ୍ଦା ରାଉତରାୟ ଏବଂ ଟ୍ରଷ୍ଟର ସଦସ୍ୟ ସଦସ୍ୟମାନେ ଉପସ୍ଥିତ ରହିବା ସହ ବିଜୁବାବୁଙ୍କ ଜୀବନୀ ଉପରେ ଏକ ସିଡିକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ।

# ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଛି

## ୧୪ରେ ଆସିଥିଲେ ୬୫,୪୫,୫୦୩
## ୧୬ରେ ଆସିଛନ୍ତି ୭୭,୮୧,୭୮୬

**ଭୁବନେଶ୍ୱର :** ଓଡ଼ିଶାକୁ ଉଭୟ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଉଛି। ୨୦୧୪ରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ୬୪,୭୪,୦୭୭ ପର୍ଯ୍ୟଟକ ଆସିଥିବାବେଳେ ୨୦୧୫ରେ ଏହି ସଂଖ୍ୟା ୭୦,୭୧,୩୬୭କୁ ବୃଦ୍ଧି ପାଇଥିଲା। ତେବେ ୨୦୧୬ରେ ଏହି ସଂଖ୍ୟା ୭୭,୦୫,୪୨୫କୁ ବଢ଼ିଛି। ସେହିପରି ଓଡ଼ିଶାକୁ ୨୦୧୪ରେ ୭୧,୪୨୬ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୨୦୧୫ରେ ଏହି ସଂଖ୍ୟା ୬୬,୯୭୧କୁ ହ୍ରାସ ପାଇଥିଲା। କିନ୍ତୁ ୨୦୧୬ରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୭୬,୩୬୧କୁ ବୃଦ୍ଧି ପାଇଛି ବୋଲି ବିଧାନସଭାରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା କହିଛନ୍ତି। ବୌଦ୍ଧ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଧାୟକ ଅମରପ୍ରସାଦ ଶତପଥୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ଏଥିପାଇଁ ପର୍ଯ୍ୟଟନ ବିଭାଗ ଦ୍ୱାରା ବୌଦ୍ଧ ପୁସ୍ତିକା ପ୍ରକାଶନ କରାଯିବା ସହିତ ପର୍ଯ୍ୟଟନ ମେଳା ଓ ମହୋତ୍ସବରେ ବଣ୍ଟାଯାଉଛି। ପର୍ଯ୍ୟଟନ ବିଭାଗ ଦ୍ୱାରା ରତ୍ନଗିରି, ଉଦୟଗିରି ଓ ପଥରାଜପୁରଠାରେ ପର୍ଯ୍ୟଟକଙ୍କ ରହଣି ନିମନ୍ତେ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ କଳିଙ୍ଗ ଆନ୍ତର୍ଜାତିକ ବୃଦ୍ଧ କନକ୍ଲେଭ ନାମରେ ୨୦୧୭ ଏପ୍ରିଲରେ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହେବ। ଏହାଛଡ଼ା ବୌଦ୍ଧ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଯାଜପୁର ଜିଲ୍ଲାର ନେଉଳପୁରଠାରେ ୧୦୮ ଫୁଟ ବିଶିଷ୍ଟ ଏକ ବିଶାଳ ବୁଦ୍ଧ ମୂର୍ତ୍ତି ସ୍ଥାପନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏଥିପାଇଁ ୫୦ କୋଟି ଟଙ୍କାରର ବ୍ୟୟ ଅଟକଳ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ୫ କୋଟି ଟଙ୍କା ବ୍ୟୟ କରାଯାଇଛି। ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ କେତେ ପରିମାଣର ଆର୍ଥିକ ଅନୁଦାନ ଦିଆଯାଇଛି ବୋଲି ବିଧାୟକ ସନାତନ ମହାକୁଡଙ୍କ ଅନ୍ୟଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପଣ୍ଡା କହିଥିଲେ ଯେ, ୨୦୧୫-୧୬ ଓ ୨୦୧୬-୧୭ ଆର୍ଥିକ ବର୍ଷରେ ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡିକର ବିକାଶ ପାଇଁ ସର୍ବମୋଟ ୧୪୯.୬୫ କୋଟି ଟଙ୍କା ବ୍ୟୟମଞ୍ଜୁର କରାଯାଇଛି। ଚଳିତବର୍ଷ ରାଜ୍ୟରେ ୯ଟି ସ୍ଥାନକୁ ନୂତନ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଛି। ସେଗୁଡିକ ହେଲା ଢେଙ୍କାନାଳର ସାପୁଆ, ବଲାଙ୍ଗିରର କୁମୁଡା ପାହାଡ, କଟକର ସତ୍ୟଭାମାପୁର, ଭଦ୍ରକର ସହିଦନଗର (ଲୁଣିଆ), ଦେବୀ ପାଟଣାମଙ୍ଗଳା ଓ ଦେବୀ ବରାହୀ ଏବଂ ଗୋହିରା ଟିକିରି, କେନ୍ଦ୍ରାପଡ଼ର ହୁକିଟୋଲା ଓ ବଟିଘର, ମୟୂରଭଞ୍ଜର ଅଲକୁଦର ଏବଂ ସୀତାକୁଣ୍ଡ ସ୍ଥାନ ପାଇଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର




## ବଢ଼ିପାରୁନି ଭାଷାର ଚାହିଦା

ଇତିମଧ୍ୟରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ତିନିବର୍ଷ ବିତିଗଲାଣି। ହେଲେ ୨୦୦୦ ବର୍ଷ ତଳର ଏହି ପ୍ରାଚୀନ ଓଡ଼ିଆ ଭାଷା ଯେଉଁଭଳି ମର୍ଯ୍ୟାଦା ପାଇବା କଥା ବା ଯେଉଁ ସ୍ତରକୁ ଯିବା କଥା ତାହା ହୋଇପାରିନି। ଦେଶରେ ଓଡ଼ିଶା ହିଁ ଏକମାତ୍ର ରାଜ୍ୟ, ଯେଉଁଠି ଭାଷାକୁ ଆଧାର କରି ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ହେଲେ ଓଡ଼ିଶାରେ ଓଡ଼ିଆ ଭାଷା ଯେଉଁଭଳି ଆଦର ପାଇବା କଥା ତାହା ଦେଖିବାକୁ ମିଳୁନାହିଁ। ଓଡ଼ିଆ କହିବା, ଓଡ଼ିଆରେ ଲେଖିବା ଭଳି ମାନସିକତା ଆମ ଭିତରେ ବୃଦ୍ଧି ପାଇବା ବଦଳରେ କମି କମି ଯାଉଥିବା ଜଣାପଡୁଛି। ବ୍ୟବହାର ନ ହେଲେ ଗୋଟିଏ ଭାଷା ନିଶ୍ଚୟ ତାହାର ମୌଳିକତା ହରାଇବାର ଆଶଙ୍କା ରହିଥାଏ, ଯାହା ଦେଖାଦେଇଛି ଓଡ଼ିଆ ଭାଷା କ୍ଷେତ୍ରରେ। ବିଦ୍ୟାଳୟ ହେଉ କିମ୍ବା ଉଚ୍ଚତର ଶିକ୍ଷା, ସବୁସ୍ତରରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ନ ଦେଲେ ଏହା ମୁମୂର୍ଷୁ ହୋଇଯିବ। ଆମେ ନିଜର ଚଳଣି, କାର୍ଯ୍ୟଧାରା, ସଂସ୍କୃତି, ପରମ୍ପରା ଓ ଶିକ୍ଷା ବ୍ୟବସ୍ଥାରେ ଓଡ଼ିଆ ଭାଷାର ବ୍ୟବହାର ବହୁଳ ଭାବେ ନ କରିବା ଯାଏ, ଆମ ଭାଷା ପୁରାତନ ଓ ଶାସ୍ତ୍ରୀୟ ବୋଲି କହିବା କେମିତି ?

ଆଭିଜାତ୍ୟର ପରାକାଷ୍ଠା ପାଇଁ ଓଡ଼ିଆମାନେ ଏବେ ନିଜ ପିଲାଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟମାନଙ୍କରେ ପାଠ ପଢ଼ାଇବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିରେ କେବଳ ଧନୀକ ଗୋଷ୍ଠୀ ସାମିଲ ନାହାନ୍ତି, ବରଂ ସାଧାରଣ ବର୍ଗର ଲୋକେ ବେଶୀ ଆଗ୍ରହ ଦେଖାଉଛନ୍ତି। ମାତୃଭାଷା ବଦଳରେ ସେମାନଙ୍କ ପିଲା ଇଂରାଜୀ ପଢ଼ିଲେ ବା ପ୍ରତ୍ୟେକ କ୍ଷେତ୍ରରେ ଇଂରାଜୀ ଭାଷାକୁ ବ୍ୟବହାର କଲେ ସମାଜରେ ନିଜର ପ୍ରତିଷ୍ଠା ବୃଦ୍ଧି ହୋଇପାରିବ ବୋଲି ସେମାନଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଛି। ଏଥିରୁ ସେମାନଙ୍କୁ ନିବୃତ୍ତ କରାଇବା ଲାଗି ଦିଗ୍‌ଦର୍ଶକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲାବେଳେ ଏହା ତୁଲାଇବାକୁ କେହି ଆଗଭର ମଧ୍ୟ ହେଉନାହାନ୍ତି। ତେଣୁ ପ୍ରାଥମିକ ଶିକ୍ଷାସ୍ତରୀୟ ବା ଉଚ୍ଚଶିକ୍ଷାସ୍ତରୀୟ ଜ୍ଞାନ ଭାବେ ଓଡ଼ିଆ ଭାଷା ଇଂରାଜୀ ଭଳି ସମାନ ଆଦର ଲାଭ କରିପାରୁନି। ଓଡ଼ିଶାରେ ଏଭଳି ବହୁ ଓଡ଼ିଆ ପରିବାର ରହିଛନ୍ତି, ଯେଉଁମାନେ ସାମାଜିକ ସ୍ତରରେ ନିଜେ କିମ୍ବା ସେମାନଙ୍କର ପିଲାମାନେ ମଧ୍ୟ ଓଡ଼ିଆ ଭାଷାରେ କଥାବାର୍ତ୍ତା କରିବାକୁ ହେୟ ମଣନ୍ତି। ଗୋଟିଏ ଭାଷାର ସମୃଦ୍ଧି ପାଇଁ କେବଳ ଯେ ପତ୍ରପତ୍ରିକା ବା ସମ୍ବାଦପତ୍ରମାନଙ୍କର ଭୂମିକା ରହିଛି, ତାହା ଠିକ୍ ନୁହେଁ। ପ୍ରତିଟି ଓଡ଼ିଆ ପ୍ରାଣରେ ନିଜର ମାତୃଭାଷା ପ୍ରତି ଆକର୍ଷଣ ନରହିଲେ ଏହା ବ୍ୟବହାର ହୋଇପାରିବ ନାହିଁ। ଫଳରେ ଧୀରେ ଧୀରେ ଏକ ଆର୍ଯ୍ୟ ଭାଷା ଓଡ଼ିଆ ଉପଭାଷା ପାଲଟିଯିବାର ଆଶଙ୍କା ରହିଛି। ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷାକୁ ଏକ ବାଧ୍ୟତାମୂଳକ ଭାଷା ଭାବେ ପ୍ରଚଳନ କରିବାକୁ ପଡ଼ିବ। ଦାପ୍ତରିକ ବା ପ୍ରଶାସନିକ, ଗବେଷଣା ଏବଂ ସମସ୍ତ ସୂଚନା ପ୍ରଦାନ ପାଇଁ ଓଡ଼ିଶାରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବାକୁ ହେବ। ଲୋକେ ଅଧିକରୁ ଅଧିକ ଏହି ଭାଷାକୁ କିଭଳି ବ୍ୟବହାର କରିବେ, ସେଥିପାଇଁ ସରକାରୀ ଉଦ୍ୟମ ସହିତ ନିଷ୍ଠାର ମଧ୍ୟ ଆବଶ୍ୟକତା ରହିଛି। କେବଳ ଆଇନ୍ କରିଦେଲେ ଯେ ଆପେ ଆପେ କିଛି ପରିବର୍ତ୍ତନ ହୋଇଯିବ ତାହା ଭାବିବା ଭୁଲ। ଏଥିପାଇଁ ଯେଉଁ ପ୍ରଚେଷ୍ଟା ଏବଂ ଆନ୍ତରିକତା ରହିବା କଥା, ତାହା କାର୍ଯ୍ୟରେ ପ୍ରତିଫଳିତ ନହେବା ଯାଏଁ ଆମେ ଭାଷା ସୁରକ୍ଷାକୁ ନେଇ ସନ୍ତୁଷ୍ଟ ହୋଇପାରିବା ନାହିଁ। ଆମକୁ ପ୍ରଯୁକ୍ତିବିଦ୍ୟା, ଚିକିତ୍ସା ଶାସ୍ତ୍ର, ଅର୍ଥଶାସ୍ତ୍ର, ଭୂଗୋଳ, ଗଣିତ ଆଦି ପାଠ୍ୟକ୍ରମରେ ମଧ୍ୟ ଓଡ଼ିଆ ଭାଷାର ପୁସ୍ତକ ପ୍ରଚଳନ କରିବାକୁ ହେବ। ଭାଷାର ଉତ୍କର୍ଷତା ପାଇଁ ଭାଷାକୁ ହିଁ ଆୟୁଧ କରିବା ଦରକାର। ଅନ୍ୟ ଭାଷାର ବ୍ୟବହାର କମ୍ କରି ରାଜ୍ୟରେ ଓଡ଼ିଆ ଭାଷାର ଅଧିକ ପ୍ରୟୋଗାତ୍ମକ ଦିଗ ପ୍ରତି ସମସ୍ତଙ୍କୁ ଯତ୍ନବାନ୍ ହେବାକୁ ପଡ଼ିବ। ପ୍ରତିଷ୍ଠାନ ହେଉ ବା ଅନୁଷ୍ଠାନ, ସବୁଠି ମାତୃଭାଷାର ପ୍ରଚଳନ ପାଇଁ ଲୋକଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହି କାର୍ଯ୍ୟଟି କାହାଦ୍ୱାରା ବା କେମିତି ସଞ୍ଚାଳିତ ହେବ, ତାହା ରାଜ୍ୟ ସରକାର ବିଚାର କରିବା ଉଚିତ। ଭାଷା ପ୍ରତିଷ୍ଠାନ ହେଉ ପୁସ୍ତକ ପ୍ରଣୟନ ସଂସ୍ଥା ସମସ୍ତେ ଓଡ଼ିଆ ଭାଷା ବ୍ୟବହାର ପାଇଁ ସୁପରିକଳ୍ପିତ ଯୋଜନା ପ୍ରସ୍ତୁତ କରିବା ଉଚିତ୍। ଭାଷା ପାଇଁ ଯୋଜନା ଓ ଏହାର କାର୍ଯ୍ୟକାରିତା ଦିଗ ପ୍ରତି ଅଧିକ ଧ୍ୟାନ ଦେବା ପାଇଁ ଉପଯୁକ୍ତ ବିଭାଗକୁ ଦାୟିତ୍ୱ ପ୍ରଦାନ ନ ହେବା ଯାଏ ଏ ଦିଗରେ ବିଶେଷ ସଫଳତା ମିଳିଲା ଭଳି ମନେ ହେଉନି। ଓଡ଼ିଶା ମାଟିରେ ଓଡ଼ିଆ ଭାଷା ଯେ ପର୍ଯ୍ୟନ୍ତ ହୃଦୟର ଭାଷା ନହୋଇଛି, ସେ ପର୍ଯ୍ୟନ୍ତ ଭାଷା ଶାସ୍ତ୍ରୀୟତା ଏକ ଶ୍ରୁତିମଧୁର ଶବ୍ଦ ହୋଇରହିବ।

# ଜାଗରେ ଓଡ଼ିଆ ଜାଗ


ଉମାକାନ୍ତ ରାଉତ (ଅରୂପ)

ମନରେ ସ୍ୱତଃ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଭାରତବର୍ଷର ରାଜ୍ୟମାନଙ୍କ ମଧ୍ୟରେ ସର୍ବପ୍ରଥମେ ସରକାରୀ ଭାଷା ଆଇନ ପ୍ରଣୀତ ହୋଇଥିବା ଓଡ଼ିଶାରେ ଭାଷାକୁ ନେଇ ଏତେ ଆନ୍ଦୋଳନ କାହିଁକି ? ତା' ପୁଣି, କେବଳ ଭାଷାଭିତ୍ତିରେ ହିଁ ଏ ରାଜ୍ୟ ଗଠନର ମୂଳଦୁଆ ହୋଇଥିବା ସତ୍ତ୍ୱେ।

ଗତବର୍ଷ ସେପ୍ଟେମ୍ବର ମାସ ୨୮ ତାରିଖ ସମ୍ବାଦପୃଷ୍ଠାରେ 'ଭାଷା ଅଧ୍ୟାଦେଶର ପ୍ରବଞ୍ଚନା ପ୍ରତ୍ୟାଖ୍ୟାନ ହେଉ' ଶୀର୍ଷକ ଆଲେଖ୍ୟରେ ବର୍ଷୀୟାନ ମାଟିପ୍ରେମୀ ସାମ୍ବାଦିକ ସୁବାସ ଚନ୍ଦ୍ର ପଟ୍ଟନାୟକ ଓଡ଼ିଶାରେ ଓଡ଼ିଆ ଭାଷା ପ୍ରୟୋଗର ଅପରିହାର୍ଯ୍ୟତାକୁ (ଆଇନ୍, ଶାସନ, ଶିକ୍ଷା, ବ୍ୟବସାୟ ଏବଂ ପ୍ରତିଟି କ୍ଷେତ୍ରରେ) ଐତିହାସିକ ତଥ୍ୟ ସମ୍ବଳିତ ଅକାଟ୍ୟ ତଥା ଯଥାର୍ଥ ଯୁକ୍ତିମାନ ଦ୍ୱାରା ଉପସ୍ଥାପନା କରିବା ସହ, ଏହାକୁ ଅନୁଧ୍ୟାନ କରି ଓଡ଼ିଆମାନଙ୍କର ପ୍ରତିନିଧି ମାନ୍ୟବର ବିଧାୟକମାନେ 'ଓଡ଼ିଶା ସରକାରୀ ଭାଷା (ସଂଶୋଧନ) ଅଧ୍ୟାଦେଶ-୨୦୧୬ରେ ଦଣ୍ଡବିଧାନ ବ୍ୟବସ୍ଥା ନ ରହିବା ପର୍ଯ୍ୟନ୍ତ ତାକୁ ବିଧାନସଭାରେ ପାରିତ କରାଇ ନ ଦେବାକୁ ଅନୁରୋଧ ଓ ଆହ୍ୱାନ ଦେଇଥିଲେ। ସେଥିରେ ସେ ୨୬.୦୯.୨୦୧୬ରେ ଉପସ୍ଥାପିତ ଉପରୋକ୍ତ ଅଧ୍ୟାଦେଶକୁ ଆୟୁଧ କରି ସରକାର ଅସଲ ଦାବି ପ୍ରତି ପରାଙ୍ମୁଖ ହେବା ସହ ଓଡ଼ିଆ ଜାତି ପ୍ରତି ପ୍ରତାରଣା କରିଛନ୍ତି ବୋଲି ଯୁକ୍ତି ଦର୍ଶାଇଥିଲେ। ଏହି ଅଧ୍ୟାଦେଶ ବଳରେ ସରକାର ସେହିମାନଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି, ଯେଉଁମାନେ କି ଅଭିସନ୍ଧିମୂଳକ ଭାବେ ଭାଷା ସମ୍ପର୍କିତ ଅଧିନିୟମକୁ ଏଯାଏଁ ଉଲ୍ଲଂଘନ କରି ଆସିଛନ୍ତି। ଶ୍ରୀ ପଟ୍ଟନାୟକଙ୍କର ଆଶଙ୍କା ଥିଲା ଏହି କମିଟିରେ ଥିବା ମୁଖ୍ୟ ଶାସନ ସଚିବ, ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ସଂସ୍କୃତି ସଚିବ, ସୂଚନା ଓ ଲୋକସମ୍ପର୍କ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଓ ଉଚ୍ଚଶିକ୍ଷା ସଚିବ, ଏମାନେ ସମସ୍ତେ ପ୍ରପଦଯୁକ୍ତ। ସୁତରାଂ ଯିଏ ଯେତେବେଳେ ଏହି ପଦପଦବୀରେ ରହିବେ, ସେ ଆପଣାଛାଏଁ ଏହି କମିଟିର ସଦସ୍ୟ ହୋଇଯିବେ। ପଦପ୍ରଯୁକ୍ତ ଯୋଗୁଁ କେବଳ ଅଣଓଡ଼ିଆ ଅଫିସରମାନେ ଏଥିରେ ରହିବେ। (ସୂଚନାଯୋଗ୍ୟ ଯେ ଏହି ଅଣଓଡ଼ିଆ ଅମଲାମାନଙ୍କ ଯୋଗୁ ୧୯୫୪ ମସିହାରୁ ଓଡ଼ିଶା ସରକାରୀ ଭାଷା ଆଇନ ପ୍ରଣୟନ ହୋଇସାରିଥିଲେ ହେଁ ତାହା ବସ୍ତୁତଃ କାର୍ଯ୍ୟକାରୀ ହୋଇପାରି ନାହିଁ ବୋଲି ପୂର୍ବରୁ ସେ ଦୃଢ଼ଭାବେ ଦର୍ଶାଇଛନ୍ତି। ତେଣୁ ଓଡ଼ିଆକୁ ପୂର୍ଣ୍ଣଭାବେ ଶାସନର ଭାଷା କରି ସେମାନେ ଅସୁବିଧାରେ ପଡ଼ିବାକୁ କେବେ ଚାହିଁବେ ନାହିଁ।

ପୁନଶ୍ଚ ତାଙ୍କର ଆଶଙ୍କା ଥିଲା ସତରେ କ'ଣ ଏମାନେ ଦୁଇମାସରେ ସରକାରଙ୍କୁ ରିପୋର୍ଟ ଦେବେ ? ବର୍ଷରେ ଦୁଇଥର କମିଟି ସମୀକ୍ଷା କରିବାର ଉଲ୍ଲେଖ ଅଛି। କେତେଦିନ ବ୍ୟବଧାନରେ କମିଟି ବସିବ କିଛି ଉଲ୍ଲେଖ ନ ଥିବାରୁ ଗୋଟିଏ ଦିନରେ ଦୁଇଥର ବସି ଗୋଟେ ବର୍ଷର ଅନୁଧ୍ୟାନ ମଧ୍ୟ ଚୁଟ୍‌କିରେ ସରିଯିବାର ଆଶଙ୍କା ସେ କରିଥିଲେ। ସେମାନଙ୍କର ଏହି ରିପୋର୍ଟ ଉପରେ କି' ପ୍ରକାର କାର୍ଯ୍ୟାନୁଷ୍ଠାନ ହେବ, ସେ ସମ୍ପର୍କରେ ମଧ୍ୟ ସେଥିରେ କିଛି ନାହିଁ। ସୁତରାଂ, ତାଙ୍କ ମତରେ ଏହି ତଥାକଥିତ କମିଟିର କିଛି ପ୍ରୟୋଗାତ୍ମକ ମୂଲ୍ୟ ନାହିଁ। ଓଡ଼ିଆଭାଷୀଙ୍କୁ ଠକିବା ପାଇଁ ଜାଣିଶୁଣି ଏକ ସଂଗଠିତ ଛଳନାପୂର୍ଣ୍ଣ ନିୟମାବଳୀ ଛଡ଼ା ଏହା ଅନ୍ୟକିଛି ହୋଇ ନ ପାରେ। ବିଲେଇ ହାତରେ ଶୁଖୁଆ ଧରାଇ, ଓଡ଼ିଆମାନଙ୍କର ଦାବି ପୂର୍ଣ୍ଣ ହୋଇଗଲା ବୋଲି ଭୁଆଁ ବୁଲାଇବାକୁ ଏହା ଏକ ଯୋଜନାବଦ୍ଧ ଧୂଆଁବାଣ ତଥା ଭଣ୍ଡ ନିୟମାବଳୀ ଓ ପ୍ରବଞ୍ଚନାପୂର୍ଣ୍ଣ ଅଧ୍ୟାଦେଶ ଦ୍ୱାରା ଓଡ଼ିଆଜାତି ମୁହଁରେ ଚପଟାଘାତ ବୋଲି ସେ ଆକ୍ଷେପ କରିଥିଲେ।

ଆଜିର ଦିନରେ ଉପରୋକ୍ତ ଉକ୍ତିଗୁଡ଼ିକୁ ଅନୁଧ୍ୟାନ କଲେ, ସେଗୁଡ଼ିକ ଅମୂଳକ ନ ଥିଲା ବୋଲି ହୃଦ୍‌ବୋଧ ହେବାରେ ଲାଗିଛି। ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ନିର୍ବାଚିତ ବିଧାନସଭାରେ ଓଡ଼ିଶା ସରକାରୀ ଭାଷା ଅଧିନିୟମ ପ୍ରସ୍ତୁତ ହୋଇଥିବା ବୈଠକରେ ଆଲୋଚନାର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଦେଇଥିବା ସ୍ପଷ୍ଟ ମନ୍ତବ୍ୟ ଅନୁଯାୟୀ, ଭାଷା ଉଲ୍ଲଂଘନକାରୀଙ୍କୁ ଉଚିତ୍ ଦଣ୍ଡବିଧାନ କରା ନ ଗଲେ, ଭାଷା ଆଇନ୍ ଏବଂ ତତ୍ ସକ୍ରାନ୍ତୀୟ ଯାବତୀୟ ସଂଶୋଧନ, ନିୟମ, ପ୍ରତିନିୟମ ଏକ ପ୍ରହସନ ଭଳି ମନେହେବ।

କେବଳ ଶସ୍ତା ଲୋକପ୍ରିୟତା ହାସଲ ପାଇଁ ପିଲାଙ୍କୁ ଚକ୍‌ଲେଟ ଦେଇ ତୁନି କରିଦେଲା ଭଳି ଓଡ଼ିଆଭାଷାର ପ୍ରୟୋଗକୁ ନେଇ ବର୍ଷ ବର୍ଷ ଧରି ଘନ ଘନ ବିଜ୍ଞପ୍ତି ଓ ଚିଠି ଜାରି କରାଯାଇଛି। ଉଦାହରଣ ସ୍ୱରୂପ ଚିଠି ସଂଖ୍ୟା-୮୧୮୯ ତାରିଖ ୧୪.୪.୧୯୬୭, ସଂଖ୍ୟା-୭୧୧୩ ତା ୭.୪.୧୯୬୮, ସଂଖ୍ୟା-୭୧୧୩ ତା ୭,୪,୧୯୬୮, ସଂଖ୍ୟା-୭୧୫୨ ତା ୨୯.୩.୧୯୮୫, ମୁଖ୍ୟ ସଚିବଙ୍କ ଚିଠି ସଂଖ୍ୟା ୫୩୪୫ ତା ୨୧.୩.୧୯୯୫, ଏଲ୍.ଏଲ୍ ୧୧-୨୮/୨୦୦୦, ୧୪୫୯୪/ଏଲ.ଇ ତାରିଖ ୩୦.୧୧.୨୦୦୦ ସାଧାରଣ ପ୍ରଶାସନ ଚିଠି ସଂଖ୍ୟା-୧୭୫୫୮ ତା ୨୭.୦୭.୨୦୧୨, ପତ୍ର ସଂଖ୍ୟା-ଜି.ଏଡି.କୋଡ୍-୦୦୦୫/୨୦୧୩-୧୬୦୮୬ ତା ୧୨.୦୬.୨୦୧୩ ଅତିରିକ୍ତ ଶାସନ ସଚିବଙ୍କ ଚିଠି ସଂଖ୍ୟା ୩୨୬୯୮ ତା ୮,୧୨,୨୦୧୪ ଓଡ଼ିଶା ଗେଜେଟ ବିଜ୍ଞପ୍ତି ସଂଖ୍ୟା ୮୯୪ ତାରିଖ ୧୦.୦୬.୧୯୭୨(ଅଦାଲତର ଭାଷା ଓଡ଼ିଆ ହେବା ସଂକ୍ରାନ୍ତେ). ଓଡିଶା ସରକାରଙ୍କ ରାଜନୈତିକ ଓ ପ୍ରଶାସନିକ ସେବା ବିଭାଗ ବିଜ୍ଞପ୍ତି ସଂଖ୍ୟା ୧୧୮୯/ ୧୪.୦୪.୧୯୬୬ ରେ ଓଡ଼ିଆ ଭିନ୍ନ ଅନ୍ୟ ଭାଷା ବ୍ୟବହାରକୁ ବି ନିଷେଧ କରାଯାଇଛି। ଏତେସବୁ ଚିଠି, ବିଜ୍ଞପ୍ତି ଅବା ଆଇନ ଆଜିଯାଏ କେବଳ ଧର୍ମକୁ ଆଖିଠାର ହୋଇ ରହିଛି। କାହିଁକି ?

ଏକଥାକୁ ପ୍ରତିଟି ଓଡ଼ିଆ ଅନୁଧ୍ୟାନ କରିବା ଆବଶ୍ୟକ, ବୁଝିବା ଆବଶ୍ୟକ। ଏହାକୁ 'ଆମର ଲୋକପ୍ରିୟ ସରକାର ହୃଦୟଙ୍ଗମ କରିବା ଆବଶ୍ୟକ। ଆମ କଥା ବୁଝିବାକୁ ପଠେଇଥିବା ଆମଦ୍ୱାରା ନିର୍ବାଚିତ ଲୋକ ପ୍ରତିନିଧିମାନେ ଏକଥାକୁ ବୁଝି ସେହି ଅନୁସାରେ ସେମାନଙ୍କର କାର୍ଯ୍ୟପ୍ରଣାଳୀ ନିର୍ଦ୍ଧାରଣ କରିବା ନିହାତି ଆବଶ୍ୟକ। ଆଉ,ଏକଥାକୁ ବୁଝିବାକୁ ହେଲେ ଓଡ଼ିଶା ପ୍ରଦେଶ ଗଠନରେ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା, ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ ପାଇଁ କତିପୟ ଓଡ଼ିଆଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମର ଇତିହାସ, ଓଡ଼ିଶା ସରକାରୀ ଭାଷା ଆଇନ ପ୍ରଣୟନର ପୃଷ୍ଠଭୂମି ତଥା ତତ୍ ପରବର୍ତ୍ତୀ ଭାଷା ପ୍ରଣୟନ ସଂକ୍ରାନ୍ତିୟ ନାନାଦି ଘଟଣାବଳୀ / ଦୁର୍ଘଟଣାବଳୀକୁ ଠିକ୍ ଢ଼ଙ୍ଗରେ ବୁଝିବା ନିହାତି ଦରକାର। ଜନକଲ୍ୟାଣ ଉଦ୍ଦେଶ୍ୟରେ ଏ ସମ୍ପର୍କିତ ସ୍ୱତନ୍ତ୍ର ଆଲେଖମାନ ପରବର୍ତ୍ତୀ ସଂଖ୍ୟାମାନଙ୍କରେ ଅବଶ୍ୟ ସ୍ଥାନିତ କରାଯିବ। ହେଲେ, ତା' ପୂର୍ବରୁ, ଆଜିର ଦିନରେ ପୂର୍ବ ସୂଚିତ ଶ୍ରୀ ପଟ୍ଟନାୟକଙ୍କର ସେପ୍ଟେମ୍ବର ୨୮ ତାରିଖ ଆଲେଖରେ ଓଡ଼ିଶାର ମାନ୍ୟବର ବିଧାୟକମାନଙ୍କ ଉଦ୍ଦେଶ୍ୟରେ ବାଢ଼ିଥିବା ଅନୁରୋଧ ଓ ଆହ୍ୱାନକୁ ଉଦ୍ଧାର କରିବା ଉଚିତ୍ ମନେହୁଏ।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ସମ୍ବଲପୁରକୁ ମଧ୍ୟପ୍ରଦେଶରେ ମିଶାଇ ଦିଆଯାଇ ସେଠାରେ ଓଡ଼ିଆ ବଦଳରେ ହିନ୍ଦି ଭାଷା ପ୍ରଚଳନ ଦ୍ୱାରା, ଉଭୟ ପ୍ରଶାସନିକ ଓ ଆଇନ୍ ଅଦାଲତ କ୍ଷେତ୍ରରେ ଓଡ଼ିଆ ଲୋକମାନେ ଯେଉଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ ତା'ର ପ୍ରତିବାଦରେ ୧୩।୬। ୧୮୯୫ ତାରିଖ ଦିନ ଧରଣୀଧର ମିଶ୍ରଙ୍କ ଉଦ୍ୟମରେ ତଦାନୀନ୍ତନ ବଡ଼ଲାଟ ଓଲଜନ୍‌ଙ୍କୁ ଏକ ପ୍ରସ୍ତାବ ପଠାଯାଇଥିଲା। ସେହିଭଳି ବ୍ରଜମୋହନ ପଟ୍ଟନାୟକ ନେତୃତ୍ୱରେ ବଡ଼ଲାଟ କର୍ଜନଙ୍କୁ ସ୍ମାରକପତ୍ର ପଠାଯାଇଥିଲା। ଏହି ସବୁ ଦାବି ସହ ଉତ୍କଳଗୌରବ ମଧୁସୂଦନ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ରହିଥିଲେ। ତେଣୁ ବଡ଼ଲାଟ ୧୨।୯।୧୯୦୧ରେ ଚିଠି ଲେଖି ତାଙ୍କୁ ଜଣାଇଦେଲେ ଯେ ମଧ୍ୟପ୍ରଦେଶର ଚିଫ୍ କମିଶନର ଆଣ୍ଡ୍ ଫ୍ରେଜରଙ୍କୁ ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାପରେ ଫ୍ରେଜର ସାହେବ ଯେଉଁ ରିପୋର୍ଟ ଦେଇଥିଲେ, ତାହା ଥିଲା ଅତ୍ୟନ୍ତ ହୃଦୟସ୍ପର୍ଶୀ। (ପରବର୍ତ୍ତୀ ସମୟରେ ସେ ସମ୍ପର୍କରେ ସୂଚନା ଦିଆଯିବ)। ହେଲେ, ଏଠାରେ ସେ ପ୍ରସଙ୍ଗ ଉତ୍ଥାପନ କରିବାର ଉଦ୍ଦେଶ୍ୟ ହେଲା ସେତେବେଳର ଓଡ଼ିଆମାନଙ୍କ ଦୁର୍ଦ୍ଦଶା ସହ ଶ୍ରୀଯୁକ୍ତ ପଟ୍ଟନାୟକ ଦର୍ଶାଇଥିବା ଏବର ଓଡ଼ିଶାରେ ସୃଷ୍ଟି ହୋଇଥିବା ଅବିକଳ ସମାନ ଦୁରାବସ୍ଥା।

ତାଙ୍କ ଭାଷାରେ- 'ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଓଡ଼ିଆ ଭାଷାରେ ଶାସନ ନ ଚାଲି ଇଂରାଜୀ ଭାଷାରେ ଚାଲିଥିବା ହେତୁ ଓଡ଼ିଶାରେ ଏବେ ସୃଷ୍ଟି ହୋଇଛି ଠିକ୍ ସେହି ଅବସ୍ଥା। ଯାହା ଫ୍ରେଜର ବର୍ଣ୍ଣନା କରିଥିଲେ ତାଙ୍କର ୧୯୦୧ ମସିହାର ରିପୋର୍ଟରେ।

ଜାଣିରଖିବା ଉଚିତ୍ ଯେ ଫ୍ରେଜର୍ ସାହେବଙ୍କ ଉକ୍ତ ରିପୋର୍ଟ ଆଧାରରେ ୧୯୦୫ ଅକ୍ଟୋବର ୬ ତାରିଖରେ ସମ୍ବଲପୁରକୁ ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ କରାଯାଇ ଓଡିଶା ମଣ୍ଡଳ ସହ ସଂଯୋଜିତ କରାଗଲା। ଏଥି ସହ ମଧ୍ୟପ୍ରଦେଶରେ ମିଶାଇ ଦିଆଯାଇଥିବା ବଲାଙ୍ଗୀର, ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ରାଜ୍ୟଗୁଡ଼ିକ ଓଡିଆ ସହିତ ମିଳିତ ହୋଇ ଓଡ଼ିଶା କମିଶନରଙ୍କ ଅଧୀନରେ ଥିବା ପଲିଟିକାଲ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲେ। ସମ୍ବଲପୁର ଅଞ୍ଚଳବାସୀଙ୍କ ପ୍ରବଳ ଦାବି ସ୍ପଷ୍ଟ ଫ୍ରେଜର ସାହେବଙ୍କ ରିପୋର୍ଟ ଆଧାରିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପରେ ଓଡିଆ ଭାଷାଭାଷୀଙ୍କର ମିଳନ ସଂକ୍ରାନ୍ତିୟ ଅବସ୍ଥିତିର ସୁଖବର ସଂପ୍ରସାରିତ ହୋଇଗଲା ଓଡ଼ିଶାର ଅନ୍ୟାନ୍ୟ ଓଡିଆ ଭାଷାଭାଷୀ ଅଞ୍ଚଳକୁ। ଏଥିରେ ମିଶିଥିଲା ମଧୁବାବୁଙ୍କର ଯୁଗାନ୍ତକାରୀ ସଫଳ ନେତୃତ୍ୱ। ସୁତରାଂ, ଭାଷା ଭିତ୍ତିରେ ୧୯୩୬ ଏପ୍ରିଲ୍ ପହିଲାରେ ସୃଷ୍ଟି ହେଲା ଓଡ଼ିଶା ପ୍ରଦେଶ।" ସୁତରାଂ, ମାତୃଭାଷା ହିଁ ସୃଷ୍ଟି କରିଥିଲା ଓଡ଼ିଶାକୁ।

ଏବେ ଆସିବା, କ'ଣ କହିଥିଲେ ଶ୍ରୀଯୁକ୍ତ ପଟ୍ଟନାୟକ- 'ଅତୀତର ଅସଂଖ୍ୟ ଅଭିଜ୍ଞତା ସତ୍ତ୍ୱେ(ନଥିପ୍ରମାଣ ଯୁକ୍ତ) ଦଣ୍ଡବିଧାନ ନ ଖଞ୍ଜି ଯେ ୨୧ର ପ୍ରବଞ୍ଚନାପୂର୍ଣ୍ଣ ଅଧ୍ୟାଦେଶକୁ ବିଧାନସଭାରେ ଉପସ୍ଥାପିତ କରାଯାଇଛି। ମାନ୍ୟବର ବିଧାୟକମାନେ ଏ ପ୍ରବଞ୍ଚନାର ଅନ୍ତ ଘଟାଇପାରିବେ। ଆମ ବିଧାନସଭାରେ ଯେତେ ବିଧାୟକ ଅଛନ୍ତି, ସେ ସମସ୍ତଙ୍କ ପାଇଁ ମାତୃଭାଷା ଓଡ଼ିଆର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ। ସେମାନେ ସମସ୍ତେ ଓଡ଼ିଆ ଜାତିର ନେତା। ଓଡ଼ିଆ ଜାତି ଆଜି ଇଂରେଜୀର ଅଧୀନ ହୋଇ ରହିଛି। ଏହି ପରାଧୀନତା କବଳରୁ ମାତୃଭାଷାକୁ ରକ୍ଷା କରିବାପାଇଁ ସେମାନେ ଆଗେଇ ଆସିବା ଉଚିତ। ଏହାକୁ ଅନୁଧ୍ୟାନ କରିବାକୁ ଓଡ଼ିଶାର ବିଧାୟକମାନଙ୍କୁ ଆମେ ଅନୁରୋଧ କରୁଛୁ। ଯେଉଁ ପରି ଭାବେ 'ଓଡ଼ିଶା ସରକାରୀ ଭାଷା(ସଂଶୋଧନ) ଅଧ୍ୟାଦେଶ ୨୦୧୬' ପ୍ରସ୍ତୁତ ହୋଇଛି, ତାହାକୁ ସେହିପରି ଭାବରେ ଗୃହୀତ ହେବାକୁ ଦିଆଗଲେ, ଓଡ଼ିଆ ଭାଷା ଶାସନର ଭାଷା ହେବା ଅସମ୍ଭବ ହୋଇ ରହିଯିବ। କାରଣ ଦଣ୍ଡବିଧାନ ବ୍ୟବସ୍ଥା ନ ଥିବା ହେତୁ ୧୯୮୫ର ଶେଷ ଅଧିସୂଚନା ବଳରେ ଓଡ଼ିଆ ଭାଷା ଶାସନର ଭାଷା ହୋଇସାରିଥିଲେ ମଧ୍ୟ ତାହା କାର୍ଯ୍ୟତଃ ଏ ଅବଧି ହୋଇନାହିଁ। ତେଣୁ, ଏହି ପ୍ରବଞ୍ଚନାପୂର୍ଣ୍ଣ ଅଧ୍ୟାଦେଶ ସଂଶୋଧିତ ବା ପଦାଧିକାରୀଙ୍କ ସହଯୋଗୀ ହୋଇ ରହିବେ କି ମାତୃଭାଷା ଓଡ଼ିଆ ପ୍ରତି ଅନୁରକ୍ତ ସନ୍ତାନର କର୍ତ୍ତବ୍ୟ ପାଳନ କରିବେ, ତାହା ଏହି ବିଧେୟକ ପ୍ରତି ସେମାନଙ୍କ ଆଚରଣରୁ ସ୍ପଷ୍ଟ ହେବ।

କହିବା ବାହୁଲ୍ୟ ଯେ କାର୍ଯ୍ୟତଃ ଏଯାଏଁ ଭାଷା ଆଇନ୍ ଆଧାରରେ ଆଇନ୍, ପ୍ରଶାସନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଓଡ଼ିଆଭାଷାର ପ୍ରୟୋଗ ଆଦୌ ହୋଇନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶା ସରକାରୀ ଭାଷା ଆଇନ୍ ହେବାର ଦୁଇବର୍ଷ ପରେ ତାମିଲନାଡୁରେ The Tamilnadu Official Language Act 1956 (19th Jan 1957) ହୋଇଛି। ସେଠାରେ କେବଳ ସରକାରୀ କ୍ଷେତ୍ରରେ ଏବଂ ସରକାରୀ କ୍ଷେତ୍ର ବାହାରେ ଭାଷାର ବ୍ୟବହାର ହେଉନାହିଁ; The Tamilnadu Learning Act of 2006 ଅନୁସାରେ ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀଯାଏ ତାମିଲ ଭାଷାକୁ ବାଧ୍ୟତାମୂଳକ କରାଯାଇଛି। ପୁନଶ୍ଚ ତାମିଲନାଡୁ ରାଜ୍ୟର ସର୍ବୋଚ୍ଚ କୋର୍ଟ 'ମାଡ୍ରାସ ହାଇକୋର୍ଟ'ର ଜବାବ୍ ସୁଆଲଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ତ କାର୍ଯ୍ୟ ତାମିଲ୍ ଭାଷାରେ ହିଁ କରାଯାଉଛି। ୧୯୬୦ ମସିହାରେ The Assam Official Language Act 1960 ବଳରେ ସେଠାରେ ଅସମିୟା ଭାଷାରେ କାର୍ଯ୍ୟ ଚାଲୁଛି।

ସେମିତି ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ଆମର ୭ ବର୍ଷ ପରେ ସରକାରୀ ଭାଷା ଆଇନ ପ୍ରଣୟନ ହୋଇ, ସେହି ଭାଷାରେ କାର୍ଯ୍ୟ ହେଉଛି। ଏପରିକି ମହାରାଷ୍ଟ୍ରରେ CBSE ଓ ICSE ପାଠ୍ୟକ୍ରମ ଥିବା ବିଦ୍ୟାଳୟମାନଙ୍କରେ ବି ୨୦୦୬ ମସିହାରୁ ମରାଠି ଭାଷା ଶିକ୍ଷା ଦିଆଯାଉଛି। କର୍ଣ୍ଣାଟକରେ ୧୯୬୩ ମସିହାରେ ଭାଷା ଆଇନ୍ ପ୍ରଣୀତ ହୋଇଥିଲେ ହେଁ ସେଠାରେ କନ୍ନଡ଼ ହେଉଛି ସରକାରୀ ଭାଷା। ହିନ୍ଦି ଭାଷାଭାଷୀ ରାଜ୍ୟମାନଙ୍କ ବିଷୟରେ କହିବାର କିଛି ଆବଶ୍ୟକତା ନାହିଁ। ଏଇ କିଛି ବର୍ଷ ଆଗରୁ(ପ୍ରାୟ ୧୭ ବର୍ଷ) ନୂଆ କରି ଗଠିତ ହୋଇଥିବା ଛତିଶଗଡ଼ ଓ ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଅନୁଧ୍ୟାନ କରାଯାଉ। ସେମାନଙ୍କର ରାଜ୍ୟର ଭାଷା ହିନ୍ଦି। ବିନା ହିନ୍ଦିରେ ସେଠାରେ ସରକାରୀ କାର୍ଯ୍ୟ ଓ ଆଇନ୍ ଅଦାଲତର କାର୍ଯ୍ୟ ହୁଏ ନାହିଁ। ଇଂରାଜୀର ପ୍ରଶ୍ନ ହିଁ ନାହିଁ। ହେଲେ, ଖୁବ୍ କମ୍ ଦିନ ଭିତରେ ସେମାନେ ସାମାଜିକ, ଅର୍ଥନୈତିକ ଏବଂ ଅନ୍ୟାନ୍ୟ ଦୃଷ୍ଟିକୋଣରୁ ଓଡ଼ିଶାକୁ ଟପିଯାଇଛନ୍ତି କେମିତି। ଏହାର ମୁଖ୍ୟ କାରଣ ସେମାନଙ୍କର ନିଜ ଭାଷାର ବ୍ୟବହାର ଏବଂ ତତ୍‌ସୃଷ୍ଟ ଆତ୍ମାଭିମାନ ଓ ଅସ୍ମିତା।

ଦୁଃଖ ଓ ପରିତାପର ବିଷୟ ଏହି କି ଯେ, ଏହି ଭାଷା କବି କବିତା ଜାତିସଂଘ ସଭାଗୃହ କାନ୍ଥରେ ଖୋଦିତ ହୋଇ ସମଗ୍ର ପୃଥିବୀବାସୀଙ୍କ ଦୃଷ୍ଟି ଆକର୍ଷଣ କରୁଛି, ଏହା ଏକ ଖୁବ୍ ପୁରାତନ ସ୍ୱତନ୍ତ୍ର ଓ ମୌଳିକ ଭାଷା ବୋଲି ସ୍ୱୀକୃତ, ଏହାର ଏକ ସ୍ୱତନ୍ତ୍ର ଓ ସୁନ୍ଦର ଲିପି ଥିଲାବେଳେ, ଏହାର ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ପାଇଁ ଏହା ଶାସ୍ତ୍ରୀୟ ମାନ୍ୟତା (ବିଳମ୍ବରେ ହେଉ ପଛେ) ହାସଲ କରିଥିଲା ବେଳେ ଏବଂ ସର୍ବୋପରି ପ୍ରଥମ କରି ଭାଷା ଭିତ୍ତିରେ ଗଠିତ ଏହି ରାଜ୍ୟରେ ସର୍ବପ୍ରଥମେ ଏକ ଭାଷା ଆଇନ୍ ପ୍ରଣୟନ ହୋଇଥିବା ସତ୍ତ୍ୱେ, ବାସ୍ତବ କ୍ଷେତ୍ରରେ ଭାଷାର ପ୍ରୟୋଗ ହୋଇପାରିନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ଭାଇ, ଭଉଣୀ, କବି, ଲେଖକ, କଳାକାର, ଶିଳ୍ପୀକୁଳ ଓ ଓଡ଼ିଆପ୍ରେମୀମାନେ ! ଆସନ୍ତୁ ଏବେ ସମୟ ଆସିଛି ପୂର୍ବ ବିକ୍ରମକୁ ମନେ ପକାଇ ଆଗକୁ ବଢ଼ିବାର, ଅତୀତ ଇତିହାସକୁ ରୋମନ୍ଥନ କରି ଆପଣାର ଶକ୍ତିକୁ ଚିହ୍ନିବାର ଏବଂ ପ୍ରତିଟି ନ୍ୟାୟୋଚିତ ଦାବି ତଥା ସାମ୍ବିଧାନିକ ଅଧିକାରକୁ ହାସଲ କରି ଏ ଜାତିକୁ ବଳିଷ୍ଠ କରି ଗଢ଼ି ତୋଳିବା ପାଇଁ। ସୁତରାଂ, ସମସ୍ତ ବିଯୁକ୍ତ ଚିନ୍ତାକୁ ପରିହାର କରି ଆସ କଣ୍ଠ ଫଟାଇ ଆହ୍ୱାନ କରିବା।

ଜାଗରେ ଓଡ଼ିଆ ଜାଗ
ଭାଷାର ସବୁଜ ବନାନୀରେ ଆଜି
ମାତିଛନ୍ତି ଧଳାବାଘ।
ଯେଉଁ ପରାକ୍ରମେ ଜୟ କରିଥିଲ
ଗଙ୍ଗାଠାରୁ ଗୋଦାବରୀ
ସେଇ ଦୀପ୍ତି ନେଇ ଜାଗରେ ଓଡ଼ିଆ
ଭୂମଣ୍ଡଳ ଉଠୁ ଥରି
ହେ ମୋ' ଜାତିର ମୁକ୍ତି ମଶାଲ
ଓଡ଼ିଆ ଭଉଣୀ ଭାଇ
ମାତୃଭାଷାର ମୁକ୍ତି ପାଇଁ ଆସ
ତା' ବନ୍ଦନା ଯିବା ଗାଇ
ଜାଗରେ ଓଡ଼ିଆ ଜାଗ
ହୃତ ହତଶିରୀ ଫେରାଇ ଆଣ ହେ
ହତକରି ଧଳାବାଘ
ଜାଗରେ ଓଡ଼ିଆ ଜାଗ
ମା'ମାଟି ପାଇଁ ଲାଗ।

*ଶୈଳଶ୍ରୀ ବିହାର*
*ଭୁବନେଶ୍ୱର-୨୧*

## 'ଏକ ମହାନ ଗୁପ୍ତଧନ'

*(ପୂର୍ବ ପ୍ରକାଶ ଉତ୍ତାରୁ)*

ସେ ଏହିଭଳି ସଫଳିକୃତ ଥିଲେ। ଯଦିଚ ଏହା ପରିବର୍ତ୍ତନରେ ଆଉ କ'ଣ ଥାଇପାରେ ବା ଯାହା ବିବର୍ତ୍ତମାନ ଘଟଣାବଳୀରେ କୌଣସି ସନ୍ଦେହ ତାଙ୍କ ସଂକ୍ରାନ୍ତରେ ଆଚ୍ଛାଦନ ହୋଇପାରେ, ତଥାପି ତାଙ୍କର ଶାନ୍ତ, ସ୍ନିଗ୍ଧ ମୁଖମଣ୍ଡଳରେ ହାସ୍ୟ-ସ୍ମିତ ରେଖା ଲୁଚିଯାଇପାରେ ନାହିଁ କି କାହାରି ପ୍ରତି ସେହିଭଳି କ୍ରୁରତା ଆଚରଣ କରନ୍ତି ନାହିଁ। ଯଦିଚ ତାଙ୍କୁ ଅନେକ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ – କଷ୍ଟ, ଏହି କାରଣରୁ ଯେଉଁ ଅବକ୍ଷୟମୁଖୀ ବଂଶଧରମାନଙ୍କୁ ସେ ତାଲିମ ଦେଇଥିଲେ, ଆମେ ଏଇଥିପାଇଁ କ୍ଷତି ସହ୍ୟ କରିଥିଲୁ, ଆମେ ଆମ ନିର୍ଦ୍ଦିଷ୍ଟ ପଥରୁ ବିଚ୍ୟୁତ ହୋଇଗଲୁ, ଯାହା ସିଏ ଆମକୁ ଦେଖାଇଥିଲେ, ଏବଂ ........, ଆମେ ଯେପରି ତାଙ୍କ ପିଲା, ସର୍ବୋପରି ଶେଷରେ ଆମେ ତାଙ୍କ ପିଲା ଭାବରେ ସମଗ୍ର ଭାରତବର୍ଷର ପିଲା ବୋଲି ଆମେ ଗଣିତ ହେଲୁ – ଏହି ପିଲାର ହାତ ତାଙ୍କ ପୋତାଧନକୁ କେଉଁ ବିଲୁପ୍ତର ....... ନେଇଯାଇଛି।

ବହୁବର୍ଷ ଧରି ଏହା କ୍ରମବର୍ଦ୍ଧମାନରେ ଇତିହାସ ଆଜି ସବୁ ବିଚାରକୁ ନିଏ, ଯାହା ଆମେ ସମୟ କଟାଉଛେ। ଏହା ସଫଳ ଓ ବିଫଳତାକୁ ମଧ୍ୟ ବିଚାରକୁ ନିଏ। ଆମ୍ଭେ ଏହି ଠିକ୍ ସିଦ୍ଧାନ୍ତ ନେବା କ୍ଷେତ୍ରରେ ଆମେ ନିକଟତର ହୋଇଛେ ଏବଂ ଆମ ବିଚାରପୂର୍ଣ୍ଣ ସୈଦ୍ଧାନ୍ତିକ ମତରେ ଆମେ ବିଚାର କରିଛେ କ'ଣ ଘଟିଛି ଏବଂ କ'ଣ ଘଟିନାହିଁ। ଆମେ ସମସ୍ତେ ଜାଣୁ ଯେ ମୂହୂର୍ତ୍ତ ପାଇଁ ଗୋଟିଏ ଅନ୍ଧାର ଆମକୁ ବେଢ଼ିଛି, ଏହା ନିଘଞ୍ଚ ଅନ୍ଧାର ନୁହେଁ, କାରଣ ଆମେ ଯେତେବେଳେ ...... ହୃଦୟକୁ ଚାହିଁଛେ, ଆମେ ସେତେବେଳେ ଖୋଜିଛେ ପ୍ରଜ୍ଜ୍ୱଳିତ ଆଲୋକ ବର୍ତ୍ତିକାଟିକୁ ସେ ପ୍ରଜ୍ଜ୍ୱଳନ କରିଛନ୍ତି ଏବଂ ଯଦିଚ ଏହି ପ୍ରଜ୍ଜ୍ୱଳିତ ଆଲୋକବର୍ତ୍ତିକା ସବୁଜାଗାରେ ଆଲୋକ ପ୍ରଦାନ କରୁଛି ଏବଂ ଆଉ ଯେଉଁ ଭୂଖଣ୍ଡରେ ଅନ୍ଧାର ନାହିଁ, ଆମେ ସେତେବେଳେ ସଚେଷ୍ଟ ହେବୁ, ଆମର ତ୍ୟାଗ ତର୍ପଣରେ ତାଙ୍କୁ ମନେରଖିଛୁ ଏବଂ ତାଙ୍କର ପଥାନୁଗାମୀ ହୋଇଛୁ, ଆଉଥରେ ଏହି ଭୂଖଣ୍ଡର ........, ଆମ ଭଳି କ୍ଷୁଦ୍ରମାନବ ତିଷ୍ଠି ରହିଛୁ। କିନ୍ତୁ ତଥାପି ଅଗ୍ନିର ଦହନ ଶକ୍ତି ସହ ସେ ଆମ୍ଭମାନଙ୍କ ସହିତ ଅଛନ୍ତି।

ଆପାତତଃ ସେହି ମହାନ ଅକ୍ଷତସୂଚକ ପ୍ରତୀକ ଭାରତର ଅତୀତର ଏକ ସ୍ମାରକ। ଏହିପରି ଭାବରେ ମୁଁ କୁହେ, ଭାରତର ଭବିଷ୍ୟତ, ଆମକୁ କେଉଁଠି ଖୋଜିବାକୁ ପଡ଼ିଥିଲା, ଆମେ ଯେତେବେଳେ ଏହି ସୁବର୍ଣ୍ଣ ଖ୍ୟାତିରେ ଦଣ୍ଡାୟମାନ, ବର୍ତ୍ତମାନ ମଝିରେ ଅତୀତ ଓ ଭବିଷ୍ୟତ ଯାହା ହେଉନା କାହିଁକି ଏବଂ ଆମେ ସଦାସର୍ବଦା ମୁହାଁମୁହିଁ ଏବଂ ଯେଉଁ ଯେଉଁ ବିନମ୍ରତା ଆମର ଉଜ୍ଜ୍ୱଳତାର ଏବଂ ମହାନ ଉଜ୍ଜ୍ୱଳତା ଏହି କୌଣସି ନା କୌଣସି ସମୟରେ ଆମେ ଆମର ବିଶ୍ୱସନୀୟତାକୁ ହାତଛଡ଼ା କରିଛେ, ଏହି-ପ୍ରକାର ସମର୍ଥ ଆଜି ଉପନୀତ। ଆମର ଭାବନାରେ ଦ୍ୱନ୍ଦ୍ୱ ଉପୁଜିଛି। ଆମର ହୃଦୟ ଆଜି ଦୁର୍ବିନତ, ଏବଂ ଆମର ଆତ୍ମା ଏହି ପ୍ରକାର ଅବସ୍ଥାକୁ ଆସିଯାଇଛି, ଆମେ ଅନ୍ୟ ବିଦେଶୀ ପାଖରେ ଆଦର୍ଶକୁ ଖୋଜି ଚାଲିଛେ, ଯେତେବେଳେ ଆମେ ଦେଶୁ ମହାନ ବିଷୟବସ୍ତୁ ସଂକ୍ରାନ୍ତରେ ଆମେ କଥୋପକଥନ ହେଉଛେ, ଆମେ ସେହି ସମୟରେ ବାକ୍ ଶୂନ୍ୟ କଥା କହି, ତାଙ୍କ ମୁଖମଣ୍ଡଳକୁ ବିଭ୍ରାନ୍ତି କରିଦେଉଛୁ। ମୁଁ ଏହା ବିଶ୍ୱସିତ ଯେ, ଏହି ସମର୍ଥ ନଥିବ, ଏ ସେହି ମହାନତା, ଏହି ମଣିଷ ହିଁ ଈଶ୍ୱର, ନିଜର ଜୀବନରେ ଯାହା କର୍ତ୍ତବ୍ୟ କରିଥିଲେ, ସେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଏହି ମହାନତା ଏହି ଭାବରେ ସ୍ମରଣୀୟ। ଗୋଟିଏ ଅନ୍ଧକାରର ରହସ୍ୟାବୃତ୍ତ ଭାବରେ ମୋର ଏତେ ଟିକିଏ ସୁଦ୍ଧା ସନ୍ଦେହ ନାହିଁ ଯେ, ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ସେ କିଛି ନା କିଛି ମହନୀୟ କାର୍ଯ୍ୟ କରିଯାଇଛନ୍ତି। ଆମେ ତାଙ୍କୁ ଝୁରୁଛୁ। ଆମେ ସଦାସର୍ବଦା ଝୁରୁଥିବୁ, କାରଣ ଆମେ ଜଣେ ମଣିଷ ଭାବରେ ଆମର ସେହି ପଥାନୁର୍ଦ୍ଦେଶକୁ କଦାପି ଭୁଲିପାରିବୁ ନାହିଁ। କିନ୍ତୁ ମୁଁ ଜାଣେ ଯେ ସେ ଆମ ପରି ପସନ୍ଦଯୋଗ୍ୟ ଭାବରେ ତାଙ୍କ ପ୍ରତି ତାଙ୍କର କିଛି ଦୁଃଖ ବା ଗ୍ଲାନି ରହିଯାଇଥିବ। ତାଙ୍କ ବନ୍ଧୁ ବାନ୍ଧବ ବା ଜ୍ଞାତି କୁଟୁମ୍ବରେ କାହାର ନା କାହାର ବିଚ୍ଛେଦ ଘଟିଲେ, ସେ ଶୋକ ବିହ୍ୱରିତ ହୋଇ ତାଙ୍କ ଆଖିରେ ଦୁଇଠୋପା ଲୁହ ଜକେଇ ଆସୁନଥିବ। ଏହାହିଁ ସବୁଠୁ ବଜ୍ରଶପଥ ଏହି ସଂରକ୍ଷଣ ମନୋବୃତ୍ତିରେ, ଏକ ମହାନ ସେବା ପରିକଳ୍ପିତ ଭାବରେ ସେ ଯାହା ବାଛିଥିଲେ, ଏହି ଗୋଟିଏ ମହାନ କାର୍ଯ୍ୟ ବୋଲି, ସେ ତାହା ପରିପାଳନ କରୁଛନ୍ତି। ଆମେ ଯଦିଚ ସାମାନ୍ୟ ଦୁଃଖ କରୁଥିବୁ ସେ ଆମକୁ ବ୍ୟଙ୍ଗୋକ୍ତି ମଧ୍ୟ କରୁଥିବେ। ତାଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିବାର ଅର୍ଥ ହେଉଛି, ଏହା କ୍ଷୁଦ୍ରାତିକ୍ଷୁଦ୍ର ଗୋଟିଏ ଗରିବୀ ପଣିଆର ମନୋଭାବ ଛଡା ଆଉ କିଛି ନୁହେଁ। କେବଳ ଏହି ଗୋଟିଏ ପଥରେ ଆମର ପ୍ରତିଶ୍ରୁତି ବଦ୍ଧତାକୁ ଆମେ ବ୍ୟକ୍ତ କରିବା, ଆମେ ନିଜକୁ ଅତ୍ୟନ୍ତ ପ୍ରଶଂସନୀୟ ଭାବରେ ଯୋଗ୍ୟ କରିବା, ଆମର ପ୍ରତ୍ୟେକଟି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବା, ଏବଂ ଆମର ତ୍ୟାଗ ଏକ ମହତ୍ତ୍ୱର କାର୍ଯ୍ୟ ପାଇଁ ସେବା ଅଭିଳଷିତ ଲକ୍ଷ୍ୟ ଭାବରେ କାର୍ଯ୍ୟକୃତ ହୋଇପାରିବ। ଯାହା ସେ ବ୍ୟାପକତା ଭାବରେ ସମ୍ପାଦୀତ କରିଆସିଛନ୍ତି। ଆମେ ସେହିଭଳି କାର୍ଯ୍ୟ କରିବାକୁ ପଡିବ, ଆମେ ସେହିଭଳି ଶ୍ରମ ସ୍ୱୀକାର କରିବାକୁ ପଡିବ, ଆମେ ସେହିଭଳି ଶ୍ରମ କରିବାକୁ ପଡିବ, ଆମେ ତ୍ୟାଗ କରିବାକୁ ପଡିବ, ଆମେ କିଛି ନା କିଛି କାର୍ଯ୍ୟ କରିପାରିବୁ, ତାଙ୍କର ଉତ୍ତର ଦାୟାଦ ଭାବରେ।

(ପଣ୍ଡିତ ଜବାହାରଲାଲ ନେହେରୁ, ସ୍ୱର୍ଗୀୟ ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଉଲ୍ଲିଖିତ ବକ୍ତବ୍ୟ-ସଂସ୍ଥାପିତ ବିଧାନ ମଣ୍ଡଳୀରେ ଯାହା ଅନୁଗୃହୀତ ହୋଇଥିଲା-ଫେବୃଆରୀ ୨, ୧୯୪୮ ମସିହା ଆଜକୁ ୭୭ ବର୍ଷ ପୂର୍ବେ ପଠିତ ହୋଇଥିଲା)

*ମୂଳଲେଖା: ଜବାହରଲାଲ୍ ନେହେରୁ*
*ମର୍ମାନୁବାଦ: ସୁବୋଧ କାନୁନ୍‌ଗୋ*

# କିଏ ଖାଉଛି କାହାକୁ ?


ପର୍ଶୁରାମ ଦ୍ୱିବେଦୀ

ମହାତ୍ମା ଗାନ୍ଧିଙ୍କ ମତରେ ଧୂମ୍ରପାନ ନିଜ ପାଇଁ କ୍ଷତିକାରକ, ଅନ୍ୟ ପାଇଁ ଅସହ୍ୟ ଓ ଦେଶ ପାଇଁ ଅକ୍ଷମଣୀୟ। ମଦ ନିଶା ତ ଆହୁରି ସାଂଘାତିକ। ମଦ ନିଶାର ଅକଳ୍ପନୀୟ ବାସ୍ତବତା – ସାମାଜିକ, ପାରିବାରିକ ସ୍ତରରେ ଏହା ଧ୍ୱଂସକାରୀ ଅପଶକ୍ତି ବାବଦରେ ସରକାର ଓ ପ୍ରଶାସନ ସଚେତନ ହେଲେ ଦ୍ରୁତ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ଏହାର ମୁକାବିଲା ଓ ସମାଧାନ ସମ୍ଭବ ହୋଇପାରିବ। ଯେତେ ଯେତେ ନାରୀ ନିର୍ଯ୍ୟାତନା ଘଟୁଛି ତା'ର ମୁଖ୍ୟ କାରଣ ହେଉଛି ମଦ ନିଶା। ମଦ ପିଇ ଟ୍ରାଫିକ୍ ମହିଳା ପୋଲିସକୁ ଆଲିଙ୍ଗନ କରିବା, ମହିଳାମାନଙ୍କୁ ଅପହରଣ, ବଳାତ୍କାର ଓ ହତ୍ୟା କରିବା, ମଦ ପିଇ ଭେଣ୍ଡାପୁଅ ପଇସା ପାଇଁ ବାପା ମା'ଙ୍କୁ କାଠ ଫାଳିଆରେ ମାଡ ମାରିବା, ରାତିଦିନ ନିଶାରେ ରାସ୍ତାଘାଟରେ ପଡି ରହି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି କାମଧନ୍ଦା ନ କରିବା, ପରଘରେ କାମ କରି ଦୁଃଖକଷ୍ଟରେ ଘର ଚଳାଉଥିବା ସ୍ତ୍ରୀକୁ ମାଡମାରି ତା'ଠାରୁ ଜବରଦସ୍ତ ପଇସା ଛଡ଼ାଇ ନେବା ଏବଂ ଚୋରୀ କରିବା, ନିରୀହ ଲୋକଠାରୁ ପଇସା ଛଡାଇବା ପାଇଁ ଛୁରୀରେ ମାରିବା, ଗୁଳି ଚଳାଇବା ଆଦି ଘଟଣା ବଢ଼ି ଚାଲିଛି। ନିଶା ଆଦିବାସୀ ସମାଜର ଆର୍ଥିକ, ସାମାଜିକ ଓ ପାରିବାରିକ ବିଭ୍ରାଟର ମୁଖ୍ୟ କାରଣ। ଯୁଗଯୁଗ ଧରି ତାଙ୍କୁ ଅବହେଳିତ ଓ ନିର୍ଯାତିତ କରି ରଖିଛି। ଏ ଲେଖକ ନିଜେ ଦେଖିଛି କିପରି ନିଜ ଗ୍ରାମର ଅନୁସୂଚିତ ଜାତିର ଲୋକ ମୂଲଲାଗି ସ୍ୱଳ୍ପ ମଜୁରୀ ପାଇ ତାକୁ ଖଜୁରି ମଦରେ ବ୍ୟୟ କରି ସମୁଦାୟ ସଂସାରକୁ ଉଜାଡି ଦେଉଥିଲେ। ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ନବକୃଷ୍ଣ ଚୌଧୁରୀଙ୍କ ଅମଳରେ ଶୁଷ୍କାଞ୍ଚଳ ଘୋଷଣା ପରେ ସେ ସମାଜର ଅଭୂତପୂର୍ବ ଉନ୍ନତି ସାଧିତ ହୋଇଛି। ସାରାଦେଶ ଓ ରାଜ୍ୟରେ ଏବେ ନିଶା ବିରୋଧରେ ବିଶେଷକରି ମଦ ବିରୋଧରେ ଜନମତ ସଂଗଠିତ ହେବାରେ ଲାଗିଛି। ଏପରିକି ଶତାଧିକ ସ୍ଥଳରେ ମଦ ନିବାରଣ ଶିବିରର ଆୟୋଜନ କରି ମହିଳାମାନେ ମଦ ବିରୋଧରେ ଆନ୍ଦୋଳନ କରିବାକୁ ଡରୁ ନାହାନ୍ତି।

ଏବେ ନୁହେଁ – ମହାତ୍ମା ଗାନ୍ଧୀଙ୍କୁ ମଧ୍ୟ ତତ୍କାଳୀନ ବ୍ରିଟିଶ ସରକାର ଶୁଣାଇଥିଲେ ଯେ, ନିଶା ବ୍ୟବସାୟରୁ ପ୍ରଭୂତ ଆୟ ଦେଶର ଉନ୍ନତି ପାଇଁ ଅପରିହାର୍ଯ୍ୟ। ମହାତ୍ମା ଏ ପ୍ରକାରର ଚିନ୍ତାଧାରାକୁ ନିଜ ମାନଇଜ୍ଜତ ବିକି ପରିବାରର ଅର୍ଥନୈତିକ ଉନ୍ନତି କରିବା ସହ ଏହା ତୁଳନୀୟ ବୋଲି କହିଥିଲେ। ବାସ୍ତବରେ ଆମ ସମାଜର ଅଧିକାଂଶ ଅଘଟଣର କାରଣ ହେଉଛି ନିଶା। ଏହାକୁ ନିୟନ୍ତ୍ରଣ କରିବାକୁ ସରକାରଙ୍କ ଉଦ୍ୟମ ଓ ଆଗ୍ରହ ନଗଣ୍ୟ। ପୁଣି ନିଶା ବ୍ୟବହାର ଜନିତ ଅଘଟଣ ରୋକିବାରେ ଆରକ୍ଷୀ, ଜେଲ ଓ ବିଚାର ବିଭାଗରେ ନିୟୋଜିତ ଅର୍ଥ, ସମୟ ଓ ଶକ୍ତିକୁ ଠିକ୍ ଆକଳନ ନକଲେ ଦେଉଳକୁ ମୁଖଶାଳା ପରି ଆୟରୁ ବ୍ୟୟ ବଢ଼ିଯିବ। କେତେକ ରାଜ୍ୟର ସରକାର ନିଶା କାରବାରରୁ ଅର୍ଜିତ ପଇସାରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଇ ପାରୁଛନ୍ତି। ନେତା, ଲୋକ ପ୍ରତିନିଧି, ସରକାର, ସମାଜସେବୀ, ଜ୍ଞାନୀ, ପଣ୍ଡିତ ଏମାନେ କ'ଣ ଏ ପ୍ରକାରର ଘଟଣା ବିଷୟରେ କିଛି ଜାଣୁନାହାନ୍ତି। ଏସବୁ ଜାଣିବୁଝି କାହିଁକି ଆମ ବିଜ୍ଞ ଶାସକବର୍ଗ ଆଖିବୁଜି ପୁରୁଣା ଅନୁଚିତ ମାର୍ଗରେ ଚାଲିଛନ୍ତି ? ଏବେ ବହୁ ଅଞ୍ଚଳରେ ବିଭିନ୍ନ ବର୍ଗରେ ନିଶା ନିବାରଣ ଆନ୍ଦୋଳନ ଆଦି ହେଉଛି ଓ ଜନସଚେତନତା ଯୋଗୁ ଏସବୁ ବଢ଼ି ବଢ଼ି ମଧ୍ୟ ଚାଲିଛି। ବହୁ ଧନଜୀବନ ଓ ଜାତୀୟ ସମ୍ପତ୍ତି ନିଶା ପାଇଁ ନଷ୍ଟ ହେଉଛି ଓ ଜାତି ଓ ସମାଜର ସ୍ୱାଭିମାନ ଦିନକୁ ଦିନ କ୍ଷୟ ହୋଇଚାଲିଛି। ଏ ସମ୍ବନ୍ଧରେ ନିଶାରୁ ଉପାର୍ଜିତ ଆୟ, ଏଥିରେ ହେଉଥିବା ଜନକଲ୍ୟାଣ ଓ ଏହାଦ୍ୱାରା ଘଟୁଥିବା ଅନେକ କ୍ଷୟକ୍ଷତି ବିଷୟରେ ବହୁ ବୁଦ୍ଧିଜୀବୀ ଓ ଅର୍ଥନୀତିଜ୍ଞମାନେ ଏହାର ଚିଙ୍କିନିଖି ବିବରଣୀ ସରକାରଙ୍କୁ ମଧ୍ୟ ଜଣାଉଛନ୍ତି। ସେମାନଙ୍କ ମତରେ ନିଶା ନିବାରଣ କରିଦେଲେ କୌଣସି ଦେଶ ବା ଜାତି କେବେ ବି ଭୁଷୁଡି ପଡିବନି କି ପଡିନି ମଧ୍ୟ। ଅପରପକ୍ଷେ ନିଶା ନିବାରଣ ହୋଇଥିବା ଦେଶ ବା ଜାତି ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଅଧିକ ପ୍ରଗତି କରିଥିବାର ସ୍ୱଚ୍ଛ ପ୍ରମାଣ ରହିଛି।

ମଦ, ଗଞ୍ଜେଇ, ଗୁଟଖା, ଭାଙ୍ଗ, ଚରସ ଇତ୍ୟାଦି ବ୍ୟବହାର କରିବା ଦ୍ୱାରା ଅସଂଖ୍ୟ ରୋଗର ଉତ୍ପତ୍ତି ହୋଇ ବହୁ ଜୀବନହାନି ହେଉଛି। ରାଜଯକ୍ଷ୍ମା ଭଳି ଭୟଙ୍କର ରୋଗର ଏକମାତ୍ର କାରଣ ହେଉଛି ଧୂମପାନ। ତା'ର ନିରାକରଣ ପାଇଁ କେତେ ଡାକ୍ତର, କେତେ ଔଷଧ, କର୍ମଚାରୀ, ଧନ ଓ ସମୟର ଅପଚୟ ହେଉଛି। ମଦ ପିଇ କେତେ ଲୋକଙ୍କର ମୃତ୍ୟୁ ଘଟୁଛି ଓ ଏହାଦ୍ୱାରା ହେଉଥିବା କ୍ଷୟକ୍ଷତିର ହିସାବ ଦେଖିଲେ ନିଶା ବେପାରରୁ ସରକାରଙ୍କ ଆୟ ତା'ଠାରୁ ବହୁତ ନ୍ୟୁନ୍। ଅପରପକ୍ଷେ ନିଶା ଗ୍ରହଣ ନ କରୁଥିବା ବ୍ୟକ୍ତି ଶାନ୍ତ, ସରଳ, ସ୍ୱାଭିମାନୀ, ଜ୍ଞାନୀ, ପଣ୍ଡିତ ଓ ଉଚ୍ଚକୋଟୀର ବୈଜ୍ଞାନିକ। ଏପରିକି ଯୋଦ୍ଧା ହୋଇପାରିବାର କୋଟି କୋଟି ପ୍ରମାଣ ରହିଛି। ନ୍ୟାୟ ବ୍ୟବସ୍ଥାରେ ମଦଖାଇ ବା ନିଶାପାନ କରି ଘଟାଇଥିବା ଜଘନ୍ୟ ଅପରାଧୀ ପ୍ରତି କୋହଳ ମନୋଭାବ କିଛି ନୂଆ କଥା ନୁହେଁ। ଏକାଳେ ତା'ର ସ୍ୱାଭାବିକ ସ୍ଥିତିର ହିଂସା ନୁହେଁ। ତା' ପାଇଁ ତିଆରି ହୋଇଥାଏ ସ୍ୱତନ୍ତ୍ର ବିଧି। ନିଶା ନିବାରଣ ବିଭାଗର କର୍ମଚାରୀଙ୍କ ପାଇଁ ଓ ସେସବୁ ବିଭାଗ ପାଇଁ ତଥା ଧରପଗଡ଼ ପରେ ମାଲିମକଦ୍ଦମା, କୋର୍ଟ, କଚେରି ଓ ଓକିଲ ଖର୍ଚ୍ଚ ହିସାବକୁ ନେଲେ ଶେଷରେ ଯାହା ନ୍ୟାୟଗତ ଲାଭ ମିଳେ, ତା' ତୁଳନାରେ ସେ କିଛି ନୁହେଁ କହିଲେ ଚଳେ। ଯେଉଁ ଜାତି, ଯେଉଁ ଦେଶ, ଯେଉଁ ସମାଜ, ଯେଉଁ ସରକାର, ବିଜ୍ଞ, ଜ୍ଞାନୀ, ପଣ୍ଡିତ ସବୁ ଦିଗରୁ ବିଚାରବନ୍ତ ହୋଇଥିବ ସେ ତତ୍‌କ୍ଷଣାତ ଦେଶରୁ ସବୁ ପ୍ରକାରର ନିଶାକୁ ଉଚ୍ଛେଦ କରି ଦେଶକୁ, ବିଶେଷକରି କ୍ଷୟମାଣ ଯୁବସମାଜକୁ ରକ୍ଷାକରି ବିଶେଷ କର୍ତ୍ତବ୍ୟର ଅଧିକାରୀ ହେବ, ଏଥିରେ ସନ୍ଦେହ ନାହିଁ। ମାନବ ସମାଜକୁ ଏହି ନିଶାପାନ ନାମକ ଅଧୋଃପତନରୁ ରକ୍ଷା କରିବାକୁ କୃଷ୍ଣ, ଯୀଶୁ, ଆଲ୍ଲାଙ୍କ ଧର୍ମୋପଦେଶର ମଧ୍ୟ ଆବଶ୍ୟକତା ରହିଛି। ଅପ୍ରାସଙ୍ଗିକ ଓ କାକତାଳୀୟ ନ୍ୟାୟରେ କୁହାଯାଉଛି ଓଡ଼ିଶାର ଯେଉଁ ମୁଖ୍ୟମନ୍ତ୍ରୀଙ୍କ ଅମଳରେ ନିଶା ନିବାରଣ କରାଯାଉଛି, ସେ କ୍ଷମତା ହରାଉଛନ୍ତି। ହେଲେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ନିଶା ନିବାରଣ କରି ପ୍ରଧାନମନ୍ତ୍ରୀ ହେଲେ କିପରି ?

**ଓଡ଼ିଶା ପ୍ରଶାସନିକ ସେବାରୁ**
**ଅବସରପ୍ରାପ୍ତ**
**ଏରୋଡ୍ରମ ଏରିଆ, ଲେନ୍-୨,**
**ଭୁବନେଶ୍ୱର**

ଆମ ଠିକଣା
**ଏକମାତ୍ର**
**ସମ୍ପାଦନା କାର୍ଯ୍ୟାଳୟ**
**ଏଚଆଇଜି-୧୩୭, ଧର୍ମବିହାର**
**ଖଣ୍ଡଗିରି, ଭୁବନେଶ୍ୱର-୩୦**
**ଦୂରଭାଷ : ୦୮୭୬୩୩୬୮୦୨୯**
**୦୭୦୦୮୩୪୦୩୮୯**

# ବେଦନାର ବେଦ-୮



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com



ଧାରାବାହିକ ଉପନ୍ୟାସ

**ମାଟିମନସ୍କ, କଥକତା, ସ୍ମୃତିସଜଳ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଆଞ୍ଜୁଳା ଆଞ୍ଜୁଳା ଆହାପଣ।**

**କେ**ତେଦୂର ଏଠୁ ଡାକ୍ତରଖାନା ? କେମିତି ଯାଇହେବ ଏଠୁ, ଏତେ ରାତିରେ ଏତେଗୁଡ଼ାଏ ବାଟ, ଏକା ଏକା, ଗର୍ଭବେଦନାରେ ଛଟପଟ ହେଉଥିବା ଗୋଟେ ଅସଜ ସ୍ତ୍ରୀଲୋକକୁ ବୋହିବୋହି ? ଏତେ ରାତିରେ ସେଠି ଥିବେ କି କେହି ଡାକ୍ତର ଅବା ନର୍ସ, ଚମ୍ପାକୁ ଏ ମହାବିପତ୍ତିରୁ ଉଦ୍ଧାର କରିବା ପାଇଁ ? ତା' ପେଟ ଭିତରର ଉତ୍ତରପୁରୁଷକୁ ସହଜ ଓ ନିରାପଦ ଭାବରେ ବାହାରକୁ ଆଣି ପୃଥିବୀର ଆଲୋକ ଦେଖାଇବା ପାଇଁ ଥିବେ କି କେହି !

ତିରିଶ ବର୍ଷ ପୂର୍ବେ, ଗୋଟେ ଘମାଘୋଟ ମେଘ ଅନ୍ଧାର ରାତିରେ, କଣ୍ଟେଇମାଳ ମଶାଣିରେ ବାପାଙ୍କ ମୁଖାଗ୍ନି ଦେଉଥିବା ବେଳେ ମଧ୍ୟ ଏତେ ଭୟଭୀତ ହୋଇ ନ ଥିଲା ଚକ୍ରଧର। ସବୁବେଳେ ଗତିଶୀଳ ଏବଂ କୋଳାହଳମୁଖର ଏ ଅନ୍ତରଙ୍ଗ, ବିଶାଳ ପୃଥିବୀଟା ସତେଯେପରି ମୂର୍ଚ୍ଛିତ ହୋଇଯାଉଥିଲା ସେଇ ମୁହୂର୍ତ୍ତରେ ! ଧକ୍‌ଧକ୍ ହେଉଥିବା ହୃତ୍‌ପିଣ୍ଡ ବ୍ୟତୀତ ବୋଧହୁଏ ଆଉ ସବୁ ଥିଲା ସ୍ଥିର ଓ ନିଶ୍ଚଳ। ଚାରିଆଡ଼ ଶୂନ୍‌ଶାନ୍, ଅଖଣ୍ଡ ନିରବତା। ଚମ୍ପାର ସେଇ ହୃଦୟଥରା ଗାଁ ଗାଁ ଚିତ୍କାର ବ୍ୟତୀତ ସଂସାରର ସମସ୍ତ ଶବ୍ଦ ସତେ ଅବା ଲୋପ ପାଇଯାଇଥିଲା ସେଇ ମୁହୂର୍ତ୍ତରେ !

ଚମ୍ପାର ପେଟ ଭିତରେ ଯେଉଁ ଅଭିନବ ସୁକୁମାର ଜୀବନଟିଏ ଖୁଜୁବୁଜୁ ହୋଇ ବାହାର ଦୁନିଆର ଆଲୁଅ ଦେଖିବାକୁ ଅସ୍ଥିର ହେଉଚି, ତାକୁ ନିରାପଦ ଭାବରେ, ସୁରୁଖୁରୁରେ ବାହାରକୁ ଆଣିବାର ଏଇ ଯେଉଁ ମସ୍ତବଡ଼ ଦାୟିତ୍ୱ, ତାକୁ ସେ ଏକା ଏକା ସମ୍ଭାଳିବ କେମିତି ? କେମିତି ?

ଚକ୍ରଧର ଭୁଶୁଡ଼ି ପଡୁଥିଲା। ବିକଳରେ ସେ ଚାହିଁଲା ଚାରିଆଡ଼କୁ। ମାଟିକୁ, ଆକାଶକୁ, ଗଛପତ୍ରକୁ, ଶୂନ୍ୟତାକୁ। ଆହା, କେଉଁଠୁ ଅକସ୍ମାତ୍ ମିଳିଯାଆନ୍ତାନି ସଙ୍କଟ ସମାଧାନର ଅଭିନବ ସୂତ୍ରଟିଏ ! କେଉଁଠୁ, କେହି ଜଣେ ଆସିଯାଆନ୍ତାନି ସାହାଯ୍ୟର ହାତଟିଏ ବଢ଼ାଇ, ଦରଦୀ ହୃଦୟଟିଏ ନେଇ ! ଆଉଁସି ଦିଅନ୍ତାନାଇଁ ଆସ୍ତେ ଆସ୍ତେ ଭୁଶୁଡ଼ି ପଡୁଥିବା ତା' ମୁଣ୍ଡକୁ ! - ଜମା ବେସ୍ତ ହ' ନା, ମୁଁ ଆସିଗଲିଣି। ଏଣିକି ସବୁକିଛି ହେଇଯିବ ସହଜରେ, ସୁରୁଖୁରୁରେ' - ବୋଲି କେହିଜଣେ ଶୁଣାନ୍ତା ନାଇଁ ଅମୃତବାଣୀ ! !

ଏଭଳି ଉଷ୍ମ ଆଶ୍ୱାସନାଟିଏ, ନିର୍ଭୟ ପ୍ରତିଶ୍ରୁତିଟିଏ ଦେବାକୁ, ତା' ସଂସାରକୁ ସୁରକ୍ଷିତ ରଖିବାକୁ, ସତରେ ଏଭଳି ସଙ୍ଗୀନ୍ ମୁହୂର୍ତ୍ତରେ କେହିଜଣେ ଆସି ପହଞ୍ଚି ଯାଆନ୍ତା ନାଇଁ ତା' ପାଖରେ ! !

ବୁଢ଼ୀମା' ଚାରିକାତ ମେଲେଇ ବେଧଡ଼କ ନିଦରେ ଶୋଇଥିଲା ଲଙ୍ଘାରେ। ତା' କାନରେ ବାଜିଲା ଚମ୍ପାର ଆର୍ତ୍ତନାଦ। ଧଡ଼ପଡ଼ ହୋଇ ଉଠପଡ଼ି ସେ ନଇଁ ନଇଁ ଆସିଲା ଚୁଲି ପାଖକୁ। ଠିଆହେଲା ଚମ୍ପା ପାଖରେ। ନିରୀକ୍ଷଣ କଲା ତା' ମୁହଁକୁ। ଦଣ୍ଡେ ଚାହିଁଦେଇ କ'ଣ ବୁଝିଲା କେଜାଣି ବସିପଡ଼ିଲା ତା' ପାଖରେ। ତା' ପେଟ ଉପରୁ ଲୁଗାକାଢ଼ି ହାତ ବୁଲାଉ ବୁଲାଉ ଚକ୍ରଧରକୁ ଚାହିଁ ମୁରୁକିହସା ମାରି କହିଲା- 'ଇରେ ଏମିତି ଭୁଶୁଣ୍ଡାଙ୍କ ପରି ଠିଆହୋଇ ବଲବଲ କରି ଅନେଇଚୁ କ'ଣ କିରେ ? ଇରେ ଟିକେ ତତ୍ପର ହ'। ଯା' ବେଗି ଯା'। ଚୁଲି ଲଗାଇ ହାଣ୍ଡିଏ ପାଣି ଗରମ କର। ଗଉଡ଼ଘର ସୋଦରୀକୁ ଯାଇ ଖବର ଦେ। କହିବୁ ଶୀଘ୍ର ଆସିବ। ଆସିଲାବେଳକୁ ସୁଦାମ ତେଜରାତି ଦୋକାନୀକୁ ଉଠାଇ ତା'ଠାରୁ ନୂଆ ବ୍ଲେଡ୍‌ପାତଟାଏ ଆଣିବୁ। ଛୁଆର ନାହି କଟାହେବ।"

"ଛୁଆର ନାହି କଟାହେବ !"-କାନ ଭିତରେ ଦି'ଚାମୁଚ ଅମୃତ ଢାଳିଦେଲା କି କେହି ! ବୁଢୀମା'ର ପାକୁଆପାଟିରୁ ଏକଥା ପଦକ ଶୁଣି ଚକ୍ରଧରର ସମଗ୍ର ଶରୀର କମ୍ପିଉଠିଲା ଏକ ଶିହରଣରେ। ତା' ପ୍ରତିଟି ଲୋକକୂପରେ ସୃଷ୍ଟି ହୋଇଯାଉଥିଲା ଅସଂଖ୍ୟ ମଧୁର ଝଡ଼। ସେଇ ମଧୁର ଝଡ଼ର ତୀବ୍ର ସ୍ରୋତରେ ଭାସି ଯାଉଯାଉ ଚକ୍ରଧର ହରାଇ ଦେଉଥିଲା ନିଜର ହିତାହିତ ଜ୍ଞାନ। ସେ ପଡ଼ିଉଠି ଧାଉଁଥିଲା ଗାଁ ସେମୁଣ୍ଡକୁ। ତାକୁ ଲାଗୁଥିଲା ଅନ୍ଧାରୁଆ ଗାଁ ଦାଣ୍ଡରେ ସେ ଚାଲୁନାଇଁ, ବରଂ ଏକ ଅଲୌକିକ ଶକ୍ତି ତାକୁ ଶୂନ୍ୟେଶୂନ୍ୟେ ଭସାଇ ନେଉଛି ! କେତେବେଳେ ସେ ଯାଇ ଦୋକାନ ବନ୍ଦ କରି ନିଘୋଡ଼ ନିଦରେ ଶୋଇପଡ଼ିଥିବା ସୁଦାମ ତେଜରାତି-ଦୋକାନୀକୁ ନିଦରୁ ଉଠାଇ ତା' ଠାରୁ ନୂଆ ବ୍ଲେଡ୍‌ପାତ ଆଣିଲା, କେତେବେଳେ ସେ ଆସି ଘରେ ପହଞ୍ଚିଲା, ସେକଥା ତାକୁ ଆଦୌ ମାଲୁମ୍ ନଥିଲା। ମନ୍ତ୍ରମୁଗ୍ଧ ଅବସ୍ଥାରେ ବୁଢ଼ୀମା' ହାତକୁ ଗରମପାଣି, ବ୍ଲେଡ୍‌ପାତ ଓ ମେଞ୍ଚାଏ ପୁରୁଣାଲୁଗା ବଢ଼ାଇ ଦେଉଥିବାବେଳେ କେବଳ ଏତିକି ଶୁଣିଲା ବୁଢ଼ୀମା' କହୁଥିବାର- 'ଯା, ସେପାଖ ଘରକୁ। ତୁ ଅଣ୍ଡିରା ପିଲା, ତୋର ଏଠି କି କାମ ?"

ଚମ୍ପାକୁ ଟେକାଟେକି କରି ଘର ଭିତରକୁ ନେଇଯାଇ ଭିତରୁ ଧଡ୍‌କରି କବାଟ ବନ୍ଦ କରିଦେଲା ସୋଦରୀ ବୁଢ଼ୀ।

ଚକ୍ରଧର ଯାଇପାରିଲାନି କୁଆଡ଼େ। କୁଆଡ଼େ ପାଦେ ଘୁଞ୍ଚିବାକୁ ଯେଉଁ ସାମାନ୍ୟତମ ଶକ୍ତି ଆବଶ୍ୟକ, ସେତକ ସେ ହରାଇ ଦେଇଥିଲା। ସେ ଠିଆହୋଇଥିଲା ବନ୍ଦ କବାଟର ବାହାର ପାଖରେ। ଠିଆହୋଇଥିଲା ଏବଂ ଏକ ଅଜଣା ଶକ୍ତି ତାକୁ ପ୍ରଚଣ୍ଡ ଭାବରେ ଆନ୍ଦୋଳିତ କରି ପକାଉଥିବାର ଅନୁଭବ କରୁଥିଲା।

ବନ୍ଦ କବାଟ ସେପାଖରୁ ଶୁଭିଯାଉଥିଲା ଚମ୍ପାର ଗାଁ ଗାଁ ଚିତ୍କାର। ଚମ୍ପାର ନୁହେଁ ତ, ସତେକି ଅକଥନୀୟ ଅତ୍ୟାଚାର ସହ୍ୟ କରିପାରୁନଥିବା କୌଣସି ନିରୀହ ପ୍ରାଣୀର ଆର୍ତ୍ତଚିତ୍କାର। ପୃଥିବୀର ସବୁ ଧ୍ୱନୀ, ସବୁ କୋଳାହଳ ଅବାନ୍ତର ହୋଇପଡୁଥିଲା ସେଇ ମୁହୂର୍ତ୍ତରେ। ସ୍ଥିର ହୋଇଯାଇଥିଲା ପବନର ଗତି, ସମୁଦ୍ରର ଜୁଆର, ଧମନୀର ରକ୍ତପ୍ରବାହ। ଜଖମ ହୋଇଯାଇଥିଲା ଚିନ୍ତା ଶକ୍ତି। ଚୁରମାର୍ ହୋଇଯାଉଥିଲା ଚକ୍ରଧରର ମଗଜ। ତାକୁ ଆଉ କିଛି ବୋଲି କିଛି ଶୁଭୁ ନ ଥିଲା ସେଇ ବିକଳ, ରକ୍ତାକ୍ତ ଯନ୍ତ୍ରଣାଜର୍ଜରିତ ଚିତ୍କାର ବ୍ୟତୀତ !

ବନ୍ଦ କବାଟ ପାଖରେ କାନ୍ଥକୁ ଆଉଜି ଅନନ୍ତ କାଳ ଠିଆ ହୋଇ ରହିଥିବା ଚକ୍ରଧରର ସେଇ ମୁହୂର୍ତ୍ତରେ ମନେହେଲା, ଏହାଠୁ ବଳି ଏହାଠୁ ବଳି ବେଦନା ବୋଧହୁଏ ଆଉ କିଛି ନାଇଁ ଏ ସଂସାରରେ !

ଏତେ ବେଦନାକୁ ଅମୃତ ପରି ପିଇ ପିଇ, ଏତେ ଯନ୍ତ୍ରଣାକୁ ମୁଲାୟମ ଚନ୍ଦନ ପରି ଦେହମନରେ ବୋଳିହୋଇ କାଇଁକି ଜଣେ ସ୍ତ୍ରୀ ଲୋକ ମା' ହେବା ପାଇଁ ଅଧୀର ହୁଏ ? କାଇଁକି ଛୁଆବକଟେ ପାଇଁ ନିଜ ଶରୀରକୁ ତିଳ ତିଳ କରି ନିଃଶେଷ କରୁଥାଏ ବାରଓଷା ତେରବ୍ରତ କରିକରି ? କି' ସୁଖ ଭରି ରହିଥାଏ କୁଆଁକୁଆଁ ଧ୍ୱନୀରେ ? କି ପୁଲକ ଭରି ରହିଥାଏ ମା' ଡାକ ଶୁଣିବାରେ ?

ଚକ୍ରଧରର ମୁଣ୍ଡ କାମ କରୁ ନ ଥିଲା। ତାକୁ ଭାରି ଛଟପଟ ଲାଗୁଥିଲା, ଭାରି ଅଣନିଃଶ୍ୱାସୀ ଲାଗୁଥିଲା। ପୃଥିବୀର ସବୁଯାକ ବାୟୁ ସତେଅବା ନିଅଣ୍ଟ ପଡ଼ିଯାଇଥିଲା ତା' ପାଇଁ ସେତେବେଳେ ! ସେ ଝୁଲି ରହିଥିଲା ଏକ ଜୀବନମୃତ ଅବସ୍ଥାରେ।

ହଠାତ୍ ଖୋଲିଗଲା ଅନନ୍ତକାଳଠାରୁ ଅନନ୍ତକାଳଯାଏ ବନ୍ଦ ହୋଇ ରହିଥିବା କବାଟ। ଖୋଲିଯିବା କ୍ଷଣି ଭିତରୁ ଶୁଭିଗଲା କୁଆଁକୁଆଁର ଝଙ୍କାର।

*କ୍ରମଶଃ...*

## ମୋ ସହର କୁ ଆଜି ବର୍ଷା ଆସିଛି

*ଇତିଶ୍ରୀ ବେହେରା*

**ମୋ** ସହରକୁ ଆଜି ବର୍ଷା ଆସିଛି
ଆକାଶ ତା ଅଣ୍ଟିରେ
ପୁଳାଏ କଳାମେଘୀ ବାଦଲ୍ କୁ ଧରି
ଫୁଲେଇ ହୋଇ ମୋ ଘର ଆଡ଼େ ଚାହିଁଛି,
ଆସ ଦେଖିବ
ମୋ ସହରକୁ ଆଜି ବର୍ଷା ଆସିଛି।
ପବନରେ ଦୋଳି ଖେଳୁଛି
ନଡ଼ିଆ ବାହୁଙ୍ଗାରେ ଝୁଲୁଥିବା ବାୟାବସା
କାକର ପବନରେ ଶିରଶିରୋଉଛି ଦେହ
କାଉଟିଏ କୁଆଡ଼େ ଯିବ ଭାବିନପାରି
ଝରକା ପଟୁ ମୋ ମୁହଁକୁ ଦେଖୁଛି,
ଆସ ଦେଖିବ
ମୋ ସହରକୁ ଆଜି ବର୍ଷା ଆସିଛି।
ପାଖ ଛାତରେ ଏ ମୁଣ୍ଡରୁ ସେ ମୁଣ୍ଡ
ରଙ୍ଗୀନ୍ ପୋଷାକ ସବୁ ପସରା ମେଲେଇ ହସୁଛି
ତରତର ହୋଇ ତାକୁ ଗୋଟୋଉ ଗୋଟୋଉ
ନୂଆ ବୋହୂଟିଏ ଉଡ଼ି ଯାଉଥିବା ଓଢ଼ଣୀଟାକୁ
ସଜାଡ଼ି ସଜାଡ଼ି ଲାଜରେ ସରମୀ ଯାଉଛି,
ଆସ ଦେଖିବ
ମୋ ସହରକୁ ଆଜି ବର୍ଷା ଆସିଛି।
ଆକାଶର ଛାତିକୁ ଚିରି
ରହି ରହି ବିଜୁଳିର ଖିଅଟିଏ ଚିକଚିକ୍ କରୁଛି
ଘଡ଼ଘଡ଼ିର ଘର୍ଘର ଶବ୍ଦରେ ଛୁଆଟିଏ ଭୟପାଇ
ତା ମାଆର କୋଳରେ ମୁହଁ ଗୁଞ୍ଜି ଲୁଚିଛି,
ଆସ ଦେଖିବ
ମୋ ସହରକୁ ଆଜି ବର୍ଷା ଆସିଛି।
ଆଜି ବୋଧେ ଦୂର ସହରର ବନ୍ଧୁଟିଏ ମୋର
ପ୍ରେମର ବାର୍ତା କିଛି ଦେଇଛି
ଏ ଅମାନିଆ ପବନ, ଏ ଆକାଶ ଭର୍ତି ମେଘ
ଟୋପାଟୋପା ହୋଇ ଝରିଯାଉଥିବା ବର୍ଷା ବୁନ୍ଦା
ବୋଧେ ତାରି ଖବର ନେଇ ଆସିଛି,
ଆସ ଦେଖିବ
ମୋ ସହରକୁ ଆଜି ବର୍ଷା ଆସିଛି।

*ଜଗନ୍ନାଥ ପ୍ରସାଦ(ଗଞ୍ଜାମ)*

# ଖାଣ୍ଟିଖାଦ

**କୃଷ୍ଣ ମିଶ୍ର**

**ଉ**ହଡହ ଖରାରୁ ମରୀଚିକା ଭଳି
ଗହଗହ କଳ୍ପନାରୁ
ଆଉ ଗୋଟେ ଦୁନିଆଁ ॥
ଆଉ ଗୋଟେ ଦୁନିଆ
ରାଜ ଉଆସରେ ବାଳୁତ ଗୌତମର।
ମାଛ ପଡ଼ିଲେ ନବଖଣ୍ଡ ଆକଟ ଉଆସରେ
କେହି କାନ୍ଦେ ନାହିଁ, ଫୁଲ ମଉଳେନି,
ଅଣଋଶ ଦୂରର କଥା, ଟିକେ ବି ଅସ୍ଥିର ହୁଏନି ପବନ,
ନିଆଁ ଜଳୁଥାଏ କିନ୍ତୁ ନା କିଛି ନପୋଡ଼ି,
ପାଣି ମହଜୁଦ୍ ଜଳକ୍ରୀଡାକୁ ଅପସରାମାନଙ୍କ ମର୍ଜିରେ
ଏବଂ ଉଆସର କୋଉ ନା କୋଉ ସନ୍ଧିରେ ବି ନଥାଏ
ଜରା, ବ୍ୟାଧି , ମୃତ୍ୟୁ, ଦୁଃଖ, ଯନ୍ତ୍ରଣା କି ଅବସୋସ ଭଳି
ଖାଣ୍ଟି ସତ ଉପସର୍ଗମାନ ॥
ପ୍ରବାଦରେ ଗଢା ହୋଇଥାଏ
ଆଉ ଗୋଟେ ଦୁନିଆଁ
ମରୀଚିକାର ନିଆଁ ଉପରେ
ମାୟାବିନୀ ମାଲୁଣି ବସତି ॥
ଆମେ ଅଷ୍ଟମ ଗର୍ଭକୁ ମଥୁରାରେ ରଖିବୁ ବୋଲି
ଆକଟମାନଙ୍କୁ ଯେତେ ସାବଧାନ କଲେ ବି
ଅଷ୍ଟମ ଗର୍ଭ ଏଇଠି ଥାଇ ବି
ଗୋପରେ ଆତଯାତ ହୁଏ।
ସାରା ଦୁନିଆକୁ ଅକ୍ତିଆରେ କରିଥିବା ଆମେ
ବୋଧହୁଏ ଆମକୁ ସାହସ କୁଳାଏନି
ଗୋପ ଦଖଲ କରିବାକୁ
ଯୋଉଁଠି ଆମ ମିଛଠୁଁ ବଳି ପ୍ରତାପୀ ମିଛମାନେ
ଚଳପ୍ରଚଳ ॥
ଆମ ଦେଇତ ସତ ହେବନି
ମିଛ ଛଡ଼ ॥
ତଥାପି ମିଛର ଅଳଙ୍କାର ନାଇଥିବା ଆମେ
ଆମ ଅଳଙ୍କାର ଗଢା ହୋଇନଥାଏ
ବୋଧହୁଏ ଅସଲି ଖାଦ୍ୟରେ
ନହେଲେ କାହିଁକି ଆରଦୁନିଆର ଅଳଙ୍କାରକୁ
ଇର୍ଷାରେ ପୀଟି ପଡ଼ନ୍ତୁ ଆମେ
କାହିଁକି ନିଠେଇ ନାଠେଇ ଅନେଇ ରହୁ
ମରୀଚିକାକୁ ? ?
ଯେତେ ସବୁ ଦୂଷିତ ମିଛ
ସାତୋଟି ରଙ୍ଗର ଇନ୍ଦ୍ରଧନୁ। ଏଇ ଦୁନିଆଁର
ଗୋଟିଏ କଳାରଙ୍ଗର ଗାଢ ମିଛ
ଆର ଦୁନିଆଁର
ଯାହାକୁ ଝୁରିଝୁରି ଆମେ
ବୋଧହୁଏ ମୋଗଲ ସାମ୍ରାଜ୍ୟ ପତନର କାରଣ ॥

*ଯୋତ, ଅଲଣାହାଟ,*
*ଜଗତସିଂହପୁର*

ଅନୂଦିତ କବିତା

# ଗୋଟିଏ ଭାଷାର ମୃତ୍ୟୁ

ମୂଳ ସାନ୍ତାଳୀ - ଯଦୁମଣି ବେସରା
ଅନୁବାଦ - ଡାକ୍ତର ଆର.ଶିବାଜୀ ରାଓ

**ଆ**ମେରିକାରେ ଆଲାସ୍କା ଅଞ୍ଚଳରେ
ସେ ଥିଲେ ଜଣେ ସାଧାରଣ ଆଦିବାସୀ ମହିଳା
ଥିଲା ତାଙ୍କର ବୟସ ନବେ ପାଖାପାଖି
ନାମ ତାଙ୍କର ମେରୀସ୍ମିଥ ଜୋନ୍ସ
ସେ ଦେଖେଇ ନଥିଲେ କୌଣସି ଚମତ୍କାରିତା
କେବେ କୌଣସି ତନ୍ତ୍ରମନ୍ତ୍ର କରିନଥିଲେ
ମିଳିନଥିଲା ତାଙ୍କୁ କୌଣସି ପ୍ରୋତ୍ସାହନର ପୁରସ୍କାର
ମିଳିଥିଲେ ଦେଶର ଲୋକେ ତାଙ୍କୁ ଚିହ୍ନି ପାରିଥାଆନ୍ତେ
ଦୁଇ ହଜାର ନଅ ଜାନୁଆରୀ ଏକୋଇଶରେ
ତାଙ୍କର ମୃତ୍ୟୁ ହୋଇଗଲା
କୌଣସି ଆଶ୍ଚର୍ଯ୍ୟର କଥା ବି ନଥିଲା
କାରଣ ବୟସ ହିଁ ଏକମାତ୍ର ସତ୍ୟ ଅଟେ
ତଥାପି ଆଶ୍ଚର୍ଯ୍ୟର କଥା ଯେ ସମ୍ପୂର୍ଣ୍ଣ ବିଶ୍ୱରେ
ତାଙ୍କର ନାମ ଧ୍ୱନିତ ହେଲା
ଖବରକାଗଜ, ରେଡିଓ, ଟେଲିଭିଜନରେ।
ଭାଷା ବୈଜ୍ଞାନିକଙ୍କ ମେଳରେ
ଶୁଣାଗଲା ତାଙ୍କର ନାମ
ପ୍ରତି ମୁହୂର୍ତ୍ତରେ ସେମାନେ
ଉଚ୍ଚାରଣ କରୁଥିଲେ ତାଙ୍କର ନାମକୁ
କାରଣ ସେ ଥିଲେ "ଇୟାକ" ଭାଷାକୁ
ଜାଣିଥିବା ଅନ୍ତିମ ମଣିଷଟିଏ
ତାଙ୍କର ମୃତ୍ୟୁ ସହିତ "ଇଞ୍ଜାକ" ଭାଷାର ମୃତ୍ୟୁ
ଧରାଧାମରୁ ଉଠିଗଲା।

**ମାତ୍ରାସ ଚିକିତ୍ସାଳୟ, ନୂଆବଜାର**
**ଭଦ୍ରକ-୭୫୬୧୦୦**



# ହୋଲି

**ପ୍ରତାପ କୁମାର ସାହୁ**

**ଆ**ଗେ ହଳଦୀବସନ୍ତକୁ ଦେଖି
ଜାଣି ହେଉଥିଲା ଆସିଛି ବସନ୍ତ।
ଏବେ କିନ୍ତୁ
ହଳଦୀବସନ୍ତ ନାହିଁ, ତେଣୁ ବସନ୍ତ ଆସୁନି ॥

ଆଗେ କାଉକୁ ଚିକ୍କଣ ଦେଖି
ଜାଣି ହେଉଥିଲା ଆସିଛି ଶୀତ।
ଏବେ କିନ୍ତୁ
କାଉ କମିଛନ୍ତି, ଆଉ ଶୀତ ବି ॥

ଏବେ କିନ୍ତୁ ଆଗଭଳି
ରଙ୍ଗ ଦେଖି ଜାଣିହୁଏ
ଫଗୁଣର ସାଥେ ସାଥେ ହୋଲି ଆସିଛି।
ହୋଲି ପାଇଁ ରଙ୍ଗର ଅଭାବ ନାହିଁ
କି ରଙ୍ଗ ପାଇଁ ହୋଲି... ॥

ତୁଳସୀପୁର, ବାଙ୍କୀ, କଟକ







### ରାଜ୍ୟ ତାଲିମ ନୀତି ସଂଶୋଧନ

## ୧୫ ହଜାର ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ମିଳିବ ସୁଯୋଗ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥାକୁ ସଜାଡିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନୂତନ ତାଲିମ ନୀତି ପ୍ରଚଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ରାଜ୍ୟର ୧୫ ହଜାରରୁ ଅଧିକ ଅଣତାଲିମପ୍ରାପ୍ତ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକମାନଙ୍କୁ ତାଲିମ ପାଇଁ ସୁଯୋଗ ଯୋଗାଇ ଦିଆଯିବ। ପର୍ଯ୍ୟାୟକ୍ରମେ ସମସ୍ତ ଶିକ୍ଷକଙ୍କୁ ତାଲିମ ଦେଇ ଯୋଗ୍ୟ କରାଯିବ। ଯାହାଦ୍ୱାରା କି ଛାତ୍ରଛାତ୍ରୀମାନଙ୍କୁ ଗୁଣବତ୍ତା ଶିକ୍ଷା ମିଳିପାରିବ ବୋଲି ବିଭାଗ ଆଭିମୁଖ୍ୟ ରଖିଛି। ଏନେଇ ଶିକ୍ଷା ଶିକ୍ଷକ ନିର୍ଦ୍ଦେଶକ ପକ୍ଷରୁ ବିଭାଗୀୟ ସଚିବ ରଞ୍ଜନା ଚୋପ୍ରାଙ୍କୁ ପ୍ରଦାନ କରାଯାଇଥିବା ସଂଶୋଧିତ ତାଲିମ ନୀତିରେ ଦର୍ଶାଯାଇଛି ଯେ ଏବେ ରାଜ୍ୟରେ ୮ ହଜାର ୭୩୪ ଜଣ ପ୍ରାଥମିକ ଶିକ୍ଷକ ଅଣତାଲିମପ୍ରାପ୍ତ ଥିବା ବେଳେ ୬ ହଜାର ୩୮୦ ଜଣ ଅଣତାଲିମପ୍ରାପ୍ତ ଶିକ୍ଷା ସହାୟକ ରହିଛନ୍ତି। ଶିକ୍ଷା ଅଧିକାର ନିୟମ ୨୦୦୯ ଏବଂ ଏନ୍‌ସିଟିଇ ମାର୍ଗଦର୍ଶିକା ଅନୁଯାୟୀ ଏପ୍ରିଲ ୨୦୧୫ ସୁଦ୍ଧା ତାଲିମ ଶିକ୍ଷକମାନଙ୍କୁ ନେଇ ଶିକ୍ଷାଦାନ କରାଯିବା କଥା। ମାତ୍ର ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ଏବଂ ଭିନ୍ନକ୍ଷମ ବର୍ଗରେ ଆବଶ୍ୟକ ପରିମାଣର ଯୋଗ୍ୟ ତାଲିମପ୍ରାପ୍ତ ଶିକ୍ଷକ ନାହାନ୍ତି। ତେଣୁ ବିଭାଗ ପକ୍ଷରୁ ହଜାର ହଜାର ଅଣତାଲିମପ୍ରାପ୍ତ ଶିକ୍ଷକଙ୍କୁ ବିଭିନ୍ନ ସମୟରେ ଗ୍ରହଣ କରାଯାଇଛି। ଏହାଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଗୁଣବତ୍ତା ବଢ଼ାଇବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ବାସ୍ତବରେ ପ୍ରତିଫଳିତ ହେଉନାହିଁ। ତେଣୁ ଏନ୍‌ସିଟିଇ ଗାଇଡ ଲାଇନ ଏବଂ ଶିକ୍ଷା ଅଧିକାର ନିୟମ ଅନୁଯାୟୀ ବିଭାଗ ପକ୍ଷରୁ ଯେଉଁମାନଙ୍କୁ ନିୟମିତ ଶିକ୍ଷକ ପଦକୁ ନିଆଯିବ ସେମାନେ ଅତି କମ୍‌ରେ ୪୫ରୁ ୫୦ ପ୍ରତିଶତ ମାର୍କ ରଖିଥିବେ। ତେବେ ଏଥିପୂର୍ବରୁ ରାଜ୍ୟରେ କେତେ ଶିକ୍ଷା ସହାୟକ ଅଛନ୍ତି ତା'ର ତଥ୍ୟ ଓପେପା ତଥା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଅବଗତ କରାଯିବ। ଏହାପରେ ଶିକ୍ଷକମାନଙ୍କ ଚାକିରି ବରିଷ୍ଠତାକୁ ନେଇ ସେମାନଙ୍କୁ ତାଲିମ ପାଇଁ ପଠାଯିବ। ଯେଉଁ ପ୍ରାଥମିକ ଶିକ୍ଷକମାନେ ସରକାରୀ ନୀତି ଅନୁଯାୟୀ ତାଲିମ ନ ନେବେ ସେମାନଙ୍କ ନିୟମିତ କଥାକୁ ସରକାର ବିଚାରକୁ ନେବେ ନାହିଁ। ସେହିପରି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କେତେ ଶିକ୍ଷକ ଅଣତାଲିମପ୍ରାପ୍ତ ଅଛନ୍ତି ତାହାର ତଥ୍ୟ ଦେବା ପରେ ସେମାନଙ୍କ ମଧ୍ୟରୁ ବରିଷ୍ଠତା ଭିତ୍ତିରେ ତାଲିମ ସୁଯୋଗ ଯୋଗାଇ ଦିଆଯିବ। ଏଥିପାଇଁ ଶିକ୍ଷକମାନେ ପର୍ଯ୍ୟାୟକ୍ରମେ ଆବେଦନ କରି ତାଲିମ ନେବେ। ଏଥିରେ ଅନୁସୂଚିତ ଜାତି / ଜନଜାତି ଏବଂ ପଛୁଆବର୍ଗର ଶିକ୍ଷକମାନଙ୍କୁ ପ୍ରତିଶତ ଅନୁଯାୟୀ ତାଲିମ ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି।

# ମାର୍ଚ୍ଚ ସୁଦ୍ଧା ସବୁ ନଳକୂଅ ମରାମତି ନିର୍ଦ୍ଦେଶ

**ଭୁବନେଶ୍ୱର :** ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ଥିବା ୪ଲକ୍ଷ ନଳକୂଅ ମରାମତି କର। ୩୮ ହଜାର ପାଇପ୍ ଜଳ ପ୍ରକଳ୍ପକୁ ଯାଞ୍ଚ କରି ସଚଳ କରାଅ। କୌଣସି ସ୍ଥିତିରେ ପାଣିର ଅଭାବ ଯେପରି ନହେବ ତାହା ନିଶ୍ଚିତ କର। ବିଦ୍ୟୁତ୍ କାଟ ଯେପରି ନହେବ ଦେଖ। ବିଜୁଳି ବିଲ୍ ବାକି ଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ କାଟନାହିଁ। ସବୁ ଜିଲ୍ଲାପାଳଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ। ସଚିବାଳୟରେ ଗ୍ରାମାଞ୍ଚଳ ପାନୀୟଜଳ, ଗ୍ରାମାଞ୍ଚଳ ବାସଗୃହ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଭାଗୀୟ ସଚିବଙ୍କ ସହ ଆଲୋଚନା କରିବା ପରେ ଭିଡିଓ କନ୍‌ଫରେନ୍ସିଂରେ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ ମୁଖ୍ୟ ସଚିବ। ଖରା ଓ ଗରମ ହେଲାଣି। ରାଜ୍ୟର କେତେକ ଅଞ୍ଚଳରେ ପାଣି ଅଭାବ ନେଇ ଅଭିଯୋଗ ମଧ୍ୟ ଆସିଲାଣି। ସେଥିପାଇଁ ପାଣି ସମସ୍ୟା ଉପରେ ନଜର ଦିଅ। ସବୁ ନଳକୂଅ ମରାମତି ମାର୍ଚ୍ଚ ଶେଷ ମଧ୍ୟରେ ସମ୍ପୂର୍ଣ୍ଣ କରାଅ। ବ୍ଲକ ଓ ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ ମାଧ୍ୟମରେ ମରାମତି କାମକୁ ତ୍ୱରାନ୍ୱିତ କର। ରାଜ୍ୟରେ ଥିବା ୪ଲକ୍ଷ ନଳକୂଅର ମରାମତି କରି କାର୍ଯ୍ୟକ୍ଷମ

### ମୁଖ୍ୟ ସଚିବଙ୍କ ପାନୀୟଜଳ ସ୍ଥିତି ସମୀକ୍ଷା

ହୋଇଥିବା ରିପୋର୍ଟ ଦିଅ। ସେହିପରି ୪୮ ହଜାର ପାଇପ୍ ପାଣି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ରିପୋର୍ଟ ମଧ୍ୟ ଦିଅ। କୌଣସି ସ୍ଥାନରେ ଯେପରି ପାଣିର ଅଭାବ ନରହିବ ସେଥିପ୍ରତି ଧ୍ୟାନ ଦିଅ। ଖରା ସମୟରେ ବିଦ୍ୟୁତ୍ ସଂଯୋଗ କାହାର କାଟ ନାହିଁ। ବିଦ୍ୟୁତ୍ ବିଲ୍ ବାକି ଥିଲେ ମଧ୍ୟ ଖରା ସମୟରେ ସଂଯୋଗ କଟାଯାଇ ପାରିବ ନାହିଁ ବୋଲି ମୁଖ୍ୟ ସଚିବ ସ୍ପଷ୍ଟ କରିଦେଇଛନ୍ତି। ବିଦ୍ୟୁତ୍ ସମସ୍ୟା ପାଇଁ ପାଣି ଯୋଗାଣ ଯେପରି ବାଧାପ୍ରାପ୍ତ ନହେବ ସେଥିପ୍ରତି ମଧ୍ୟ ଧ୍ୟାନ ଦିଅ ବୋଲି ଶ୍ରୀ ପାଢ଼ୀ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଗ୍ରାମାଞ୍ଚଳ ବାସଗୃହ ଯୋଜନାର ଅଗ୍ରଗତି ସମ୍ପର୍କରେ ମଧ୍ୟ ମୁଖ୍ୟ ସଚିବ ଜିଲ୍ଲାପାଳ ମାନଙ୍କୁ ପଚାରିଥିଲେ। ମାର୍ଚ୍ଚ ପୂର୍ବରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ସେ କହିଥିଲେ। କୌଣସି ସ୍ଥିତିରେ ଲକ୍ଷ୍ୟ ପୂରଣ କର। କ୍ଷେତ୍ର କର୍ମଚାରୀମାନେ ଗାଁ ଗାଁ ବୁଲି ସ୍ଥିତି ତଦାରଖ କରନ୍ତୁ। ଯେଉଁଠି କାର୍ଯ୍ୟରେ ବିଳମ୍ବ ହେଉଛି ତାହାର କାରଣ ଦେଖି କାରଣ ଦୂର କରି ଗୃହ ନିର୍ମାଣକୁ ତ୍ୱରାନ୍ୱିତ କରନ୍ତୁ ବୋଲି ସେ କହିଥିଲେ। ଏହି ବୈଠକରେ ସରକାରୀ ସଂସ୍ଥାଗୁଡ଼ିକ ଉପରେ ବକେୟା ଥିବା ବିଜୁଳି ବିଲ୍ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ମାର୍ଚ୍ଚ ସୁଦ୍ଧା ସମସ୍ତ ସରକାରୀ ସଂସ୍ଥା ବିଜୁଳି ବିଲ୍ ପୈଠ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜଙ୍ଗଲ ଅନୁମୋଦନ ପାଇଁ ଅଟକି ରହିଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ ମୁଖ୍ୟ ସଚିବ। ଜଙ୍ଗଲ ବିଭାଗ ସହ ସମନ୍ୱୟ ରଖି ତୁରନ୍ତ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଉନ୍ନୟନ କମିଶନର ଆର ବାଲକ୍ରିଷ୍ଣନ୍, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ମିଳିବ ରୁପେ କାର୍ଡ

**ଭୁବନେଶ୍ୱର :** ଚାଷୀମାନେ ଏଣିକି ଯେ କୌଣସି ବ୍ୟାଙ୍କରୁ କୃଷିରଣ ଉଠିପାରିବେ। ରାଜ୍ୟ ସରକାର ଚାଷୀଙ୍କୁ ଦେଇଥିବା କିଷାନ କ୍ରେଡିଟ କାର୍ଡ ରୁପେ ସ୍ମାର୍ଟ କାର୍ଡରେ ପରିବର୍ତ୍ତନ ହେବ। ଏହି କାର୍ଡ ବ୍ୟବହାର କରି କୃଷକମାନେ ସରକାର ଦେଉଥିବା କୃଷିରଣ ଯେ କୌଣସି ବ୍ୟାଙ୍କ ଏଟିଏମ୍‌ରୁ ଉଠାଇପାରିବେ। ପୂର୍ବରୁ କେବଳ ସମବାୟ ବ୍ୟାଙ୍କରୁ ଆକାଉଣ୍ଟ କିମ୍ବା ଚେକ୍ ମାଧ୍ୟମରେ ଟଙ୍କା ଉଠାଣ କରୁଥିଲେ। ଏହାଦ୍ୱାରା ଋଣ ପାଇବାରେ ସମସ୍ୟା ସୃଷ୍ଟି ହେଉଥିଲା। ଟଙ୍କା ପାଇବା ବେଳକୁ ଚାଷ ଅଧା ହୋଇ ଯାଉଥିଲା। ଏପରିକି ଟଙ୍କା ନ ମିଳିବାରୁ ଚାଷୀ ନିଜ ଲକ୍ଷ୍ୟ ଅନୁସାରେ ପନିପରିବା କିମ୍ବା ଧାନଚାଷ କରିବାରୁ ନଥିଲେ। ଏହି ସମସ୍ୟାକୁ ଦୂର କରିବା ପାଇଁ କିଷାନ କ୍ରେଡିଟ୍ କାର୍ଡକୁ ଅନ୍ୟ ବ୍ୟାଙ୍କ ସହ ସହବନ୍ଧିତ କରାଯାଇଛି। ରାଜ୍ୟରେ ୫୫ ଲକ୍ଷ କୃଷକ ପରିବାର ଅଛନ୍ତି। ସେମାନଙ୍କ ମଧ୍ୟରୁ ୫୩ ଲକ୍ଷ କାର୍ଡଧାରୀ ରହିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ ଜରିଆରେ ଚାଷୀମାନଙ୍କୁ ୪୪ ଲକ୍ଷ ୪୬ ହଜାର କ୍ରେଡିଟ କାର୍ଡ ପ୍ରଦାନ କରାଯାଇଛି। ସେଥିରୁ ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୪୨ ହଜାର କାର୍ଡକୁ ରୁପେ କାର୍ଡରେ ପରିବର୍ତ୍ତନ କରାଯିବ। ଚଳିତ ବର୍ଷ ଜୁନ୍ ସୁଦ୍ଧା ୩୨ ଲକ୍ଷ କାର୍ଡକୁ ରୁପେ କାର୍ଡରେ ପରିଣତ କରାଯିବ। ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ରାଜ୍ୟରେ ଥିବା ୨୭୦୮ଟି ପ୍ରାଥମିକ କୃଷି ସମବାୟ ସମିତିରେ ମଧ୍ୟ ପଏଣ୍ଟ ଅଫ୍ ସେଲ୍ ମେଶନି ଲାଗିବ। ଚାଷୀମାନେ ସେଠାରୁ ନିଜର କାର୍ଡ ବ୍ୟବହାର କରି ଋଣ ନେଇ ପାରିବେ। ଏପର୍ଯ୍ୟନ୍ତ ୨୫୦୦ ସମିତିକୁ କମ୍ପ୍ୟୁଟରୀକରଣ କରାଯାଇଛି ବୋଲି କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତୁଷାରକାନ୍ତି ପଣ୍ଡା କହିଛନ୍ତି। ଚଳିତ ରବିଋତୁ ଋଣ ପାଇଁ ସରକାର ୪,୫୦୦ କୋଟି ଟଙ୍କାର କୃଷି ଋଣ ଦେବାକୁ ଧାର୍ଯ୍ୟ କରିଛନ୍ତି। ଏବେ ସୁଦ୍ଧା ୨,୫୦୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ୫୦ ହଜାର ଟଙ୍କା ଋଣ ପାଇଁ ୧ ପ୍ରତିଶତ ଓ ଏହା ଉପରକୁ ସର୍ବାଧିକ ୩ଲକ୍ଷ ଟଙ୍କା ପାଇଁ ୨ ପ୍ରତିଶତ ସୁଧରେ ଋଣ ଯୋଗାଇ ଦିଆଯିବ।

### ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ କର୍ମଚାରୀ ଅଭାବ

# ମିଳୁନି ସତ୍ୱାଧିକାର ପ୍ରମାଣପତ୍ର

**ରାଉରକେଲା :** ବିଭିନ୍ନ ସମୟରେ ରହିଥିବା ସମସ୍ୟାକୁ ନେଇ ରାଉରକେଲାସ୍ଥିତ ପାନପୋଷ (ଉପନିବନ୍ଧକ) ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଚର୍ଚ୍ଚାରେ ରହିଆସିଥିବା ବେଳେ ବର୍ତ୍ତମାନ କିଛି ଦିନରୁ କର୍ମଚାରୀ ଅଭାବରୁ ଏହି କାର୍ଯ୍ୟାଳୟ ଏକ ପ୍ରକାର ସ୍ଥାଣୁ ପାଲିଟି ଯାଇଥିବା ଏହି କାରଣରୁ କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିବା ଲୋକଙ୍କ ସମସ୍ୟା ଅନେକାଂଶରେ ବଢିଯାଇଥିବା ଜଣାପଡ଼ିଛି। ପାନପୋଷ ଉପଖଣ୍ଡ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକଙ୍କ ଜମିଜମା ପଞ୍ଜିକରଣ,ଘର କିଣାବିକା, ବିବାହ ପଞ୍ଜିକରଣ, ଟ୍ରଷ୍ଟ ପଞ୍ଜିକରଣ, ଜମିସତ୍ୱାଧିକାର ପ୍ରମାଣପତ୍ର ଆଦି ବିଭିନ୍ନ କାମରେ ଆବେଦନକାରୀଙ୍କର ଭିଡ଼ ସଦାସର୍ବଦା ଲାଗିରହିଥାଏ। ତେବେ ଏହି କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟକରୁଥିବା କର୍ମଚାରୀଙ୍କ ଅବସର ପରେ ନିଯୁକ୍ତି ନହେବା କାରଣରୁ ଗତ କିଛି ଦିନରୁ ବିଭିନ୍ନ କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ପୂର୍ବରୁ ଏହି କାର୍ଯ୍ୟାଳୟ କୁଆଁରମୁଣ୍ଡାଠାରେ ୧୯୪୮ ମସିହାରୁ କାର୍ଯ୍ୟକାରୀ ହୋଉଥିବା ବେଳେ ପରେ ଏହାକୁ ଜନସାଧାରଣଙ୍କ ସୁବିଧା ପାଇଁ ରାଉରକେଲା ଉଦିତ୍‌ନଗର ଅଞ୍ଚଳରେ ରହିଥିବା ପୁରୁଣାକୋର୍ଟ ପରିସରରେ ଆରମ୍ଭ ହୋଇଥିଲା। ଏଠାରେ ଜଣେ ସବରେଜିଷ୍ଟ୍ରାର (ଉପନିବନ୍ଧକ)ଅଧିକାରୀଙ୍କ ବ୍ୟତୀତ କାର୍ଯ୍ୟାଳୟରେ ସ୍ଥାୟୀ ଭାବରେ ୩ଜଣ କନିଷ୍ଠ କିରାଣୀ, ୨ଜଣ ବରିଷ୍ଠ କିରାଣୀ, ଜଣେ ମୁଖ୍ୟ କିରାଣୀ, ଜଣେ ପିଅନ ଓ ଜଣେ ରାତି ଜଗୁଆଳି ପଦବୀ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଗତ କିଛି ମାସ ହେଲା ଏହି କାର୍ଯ୍ୟାଳୟରେ ମାତ୍ର ୩ଜଣ




ସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦନା କରାଯାଉଥିଲା। କିନ୍ତୁ ଗତ ଅକ୍ଟୋବର ମାସରୁ ଏଠାରେ ଅବସ୍ଥାପିତ ୨ଜଣ କନିଷ୍ଠ କିରାଣୀଙ୍କ ମଧ୍ୟରୁ ଜଣେ ଅବସର ଗ୍ରହଣ କରିଥିବା ବେଳେ ଜଣେ କନିଷ୍ଠ କିରାଣୀ ଓ ମାତ୍ର ଜଣେ ବରିଷ୍ଠ କିରାଣୀଙ୍କୁ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟଭାର ନ୍ୟସ୍ତ କରାଯାଇଛି। ଏହି କାରଣରୁ ଏଠାରେ କିଛି ଦିନ ହେଲା (ଇସି) ଜମି ସତ୍ୱାଧିକାର ପ୍ରମାଣପତ୍ର ପାଇଁ ଆବେଦନକୁ ସମ୍ପୂର୍ଣ୍ଣଭାବେ ବନ୍ଦ କରିଦିଆଯାଇଛି।

ଜମି କିଣାବିକା, ଘରଡିହ କିଣା, ଜମିଘର ମାଲିକମାନେ କୌଣସି ଋଣ ନେବାକୁ ହେଲେ ଜମି ସତ୍ୱାଧିକାର ପ୍ରମାଣପତ୍ର ପତ୍ର ଅପରିହାର୍ଯ୍ୟ। ଯାହାକୁ ବନ୍ଦ କରି ଦିଆଯିବା ପରେ ଉକ୍ତ କାର୍ଯ୍ୟ ଉପରେ ନିର୍ଭର କରୁଥିବା ଲୋକଙ୍କ ମଧ୍ୟରେ ଅନେକ ଅସୁବିଧା ଉପୁଜିଥିବା ଜଣାପଡ଼ିଛି। କେବଳ ଜନସାଧାରଣଙ୍କ ପାଇଁ ଏହି ସମସ୍ୟା ସୀମିତ ନହୋଇ ବରଂ ଆଇନଜୀବୀମାନଙ୍କ ନିତିଦିନିଆ କାର୍ଯ୍ୟ ଉପରେ ଏହାର ମଧ୍ୟ ପ୍ରଭାବିତ କରିଥିବା ଜଣାପଡ଼ିଛି। ତେବେ ସମସ୍ତେ ହଇରାଣ ହରକତ ହେଉଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ବରିଷ୍ଠ କିରାଣୀଙ୍କ ଅଧିନରେ କାର୍ଯ୍ୟାଳୟର ଆର୍ଥିକ କାରବାରର ସମସ୍ତ ଉତ୍ତର ଦାୟିତ୍ୱ ରହିଥିବା ହେତୁ ମାର୍ଚ୍ଚମାସରେ କାର୍ଯ୍ୟ ଚାପ ପାଇଁ (ଇସି) ଜମିସତ୍ୱାଧିକାର ପ୍ରମାଣପତ୍ର ଆବେଦନକୁ ସେ ବନ୍ଦ ରଖିଥିବା ଜଣାପଡ଼ିଛି।

ତେବେ ରାଜ୍ୟ ସରକାରଙ୍କୁ ଏହି କାର୍ଯ୍ୟାଳୟ ମାଧ୍ୟମରେ ବର୍ଷ ସାରା ବ୍ୟାପକ ପରିମାଣର ରାଜସ୍ୱ ଆଦାୟ ହେଉଥିବା ବେଳେ କେବଳ ଅତିରିକ୍ତ କର୍ମଚାରୀ ନିଯୁକ୍ତି କାରଣରୁ ଇସି ବାହାର କରିବା ପାଇଁ ଆବେଦନ ବନ୍ଦ କରିବା ସହ ସାଧାରଣଲୋକଙ୍କ ସ୍ୱାସ୍ଥ୍ୟ, ପିଲାଙ୍କ ପାଠପଢା, ଝିଅ ବାହାଘର କରିବା ଭଳି ବିଭିନ୍ନ କାରଣରୁ ଦରକାର କରୁଥିବା ଋଣ ନିମନ୍ତେ ଜମି ସତ୍ୱାଧିକାର ପ୍ରମାଣପତ୍ର ଅଭାବରୁ ହଇରାଣ ହେବା ସହ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ସହ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦପଦବୀମାନ ତୁରନ୍ତ ପୂରଣ କରିବା ସହ ସମସ୍ୟା ସମାଧାନର ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବୀ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାରେ ରହିଥିବା ଏକାଧିକ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ମଧ୍ୟରୁ ପାନପୋଷ କାର୍ଯ୍ୟାଳୟ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ରହିଥିବାରୁ ଏ ନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଗୋଟିଏ ପଟେ କେନ୍ଦ୍ର ସରକାରଙ୍କର ଡିଜିଟାଲ ଇଣ୍ଡିଆ ଓ ସ୍ମାର୍ଟ ସିଟି ଭାବେ ରାଉରକେଲା ସହର ରହିଛି। ଏଥିପାଇଁ ବ୍ୟାପକ ପ୍ରଚାର ପ୍ରସାର ମଧ୍ୟ ଜାରି ରହିଛି। ଏହା ସତ୍ତ୍ୱେ ଏହି ପ୍ରମୁଖ କାର୍ଯ୍ୟାଳୟ ପ୍ରତି କାହାରି ଦୃଷ୍ଟି ନପଡ଼ିବା ନେଇ ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ସ୍ୱଚ୍ଛ ସରକାର ଓ ଲୋକଙ୍କ ପାଇଁ କାର୍ଯ୍ୟରତ ବୋଲି ପ୍ରଚାର କରୁଥିବା ରାଜ୍ୟ ସରକାର ଉକ୍ତ କାର୍ଯ୍ୟାଳୟର ବହୁବିଧ ସମସ୍ୟା ଦିଗରେ ଦୃଷ୍ଟି ନଦେବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଶ୍ରୀମନ୍ଦିର ଜଗମୋହନ ମରାମତି ଆରମ୍ଭ

**ପୁରୀ :** ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଗତ ଗୁରୁବାର ଠାରୁ ଜଗମୋହନ ମରାମତି ଆରମ୍ଭ ହୋଇଛି। ଚଟାଣର ୧୦ଟି ସ୍ଥାନରେ ଡ୍ରିଲିଂ କରାଯାଇଛି। ସେଠାରେ ନଟ୍‌ବୋଲଟ ଦିଆଯାଇ ବେସ୍‌ପ୍ଲେଟ ପକାଯିବ। ପିଲର ଓ ବିମ୍ ଚତୁଃପାର୍ଶ୍ୱରେ କଳଙ୍କିବିହୀନ ଲୁହାଚଦର ଆବରଣ ଦିଆଯାଇ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ହାଇଦ୍ରାବାଦର ଏକ ସଂସ୍ଥା ଦ୍ୱାରା ପୋର୍ଟାଲ ଫ୍ରେମ ପ୍ରସ୍ତୁତ କରାଯାଉଛି। ୧୨ ତାରିଖଦିନ ତାହା ପୁରୀରେ ପହଞ୍ଚିବ। ଜଗମୋହନରେ ୪ଟି ସ୍ତମ୍ଭ ରହିଛି। ଏଏସ୍‌ଆଇ ପକ୍ଷରୁ ୧୪ ଇଞ୍ଚ ଗଭୀରତାର ଗୋଟିଏ ପରସ୍ତ ଚଟାଣ ପଥର ଖୋଳାଯାଇଛି। ପ୍ରତ୍ନତାତ୍ତ୍ୱିକ ବ୍ୟବସ୍ଥାରେ ମରାମତି କାର୍ଯ୍ୟ କରିବାକୁ ରାସ୍ତା ଓ ଗୃହ ନିର୍ମାଣ ଡିଭିଜନର ୧୦ ଜଣ ଯନ୍ତ୍ରୀଙ୍କୁ ଏଏସ୍‌ଆଇ ତାଲିମ ପ୍ରଦାନ କରିଛି। ଶୁକ୍ରବାର ଆଉ ୧୦ଟି ସ୍ଥାନରେ ଡ୍ରିଲିଂ କରାଯିବ। ଚଟାଣର ଗଭୀରତାକୁ ଦୃଷ୍ଟିରେ ରଖି ପୋର୍ଟାଲ ଫ୍ରେମ ଡିଜାଇନ ପ୍ରସ୍ତୁତ କରିବାକୁ ଏଏସ୍‌ଆଇ ପରାମର୍ଶ ଦେଇଛି। ପିଲର ଓ ବିମ୍ ଗୁଡିକ ଦୁର୍ବଳ ହୋଇପଡିଥିବାରୁ କଳଙ୍କିବିହୀନ ଲୁହାଚାଦର ମାଧ୍ୟମରେ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଜୁନ୍ ମାସରେ ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ହେଉଥିବାରୁ ମଇମାସ ଶେଷସୁଦ୍ଧା ଜଗମୋହନ ମରାମତି କାର୍ଯ୍ୟ ସାରିବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଛି। ମରାମତି କାର୍ଯ୍ୟରେ ଅଭିଜ୍ଞ ଓ କୁଶଳୀ କାରିଗରଙ୍କୁ ନିୟୋଜିତ କରାଯାଇଥିବା ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ନିରୋଜ କୁମାର ଦାଶ ସୂଚନା ଦେଇଛନ୍ତି। ଗୁରୁବାର ଚଟାଣ ଡ୍ରିଲିଂ ସମୟରେ ଏଏସ୍‌ଆଇ ଏବଂ ମନ୍ଦିର ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତ ପରିବର୍ତ୍ତନ ମରାମତି ନକ୍ସା ଏଏସ୍‌ଆଇ ମହାନିର୍ଦ୍ଦେଶକ ଅନୁମୋଦନ କରିବା ସହ ୩ କୋଟି ୭୧ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଜଗମୋହନ ମରାମତି କାର୍ଯ୍ୟରେ ୭୧ ଟନ୍ କଳଙ୍କିବିହୀନ ଲୁହାଚାଦର ବ୍ୟବହାର କରାଯିବ। ଦୋଳପୂର୍ଣ୍ଣିମା ଏବଂ ହୋଲି ପାଇଁ ୨ଦିନ କାର୍ଯ୍ୟ ବନ୍ଦ ହେବାର ସମ୍ଭାବନା ରହିଛି। ଚଟାଣ ଖୋଳା ଏବଂ ଗ୍ରାଉଟିଂ ପରେ ଏଏସ୍‌ଆଇ କର୍ତ୍ତୃପକ୍ଷ ବୁଧବାର ଅବଶିଷ୍ଟ କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗକୁ ଜଗମୋହନ ହସ୍ତାନ୍ତର କରିଥିବା ବରିଷ୍ଠ ପ୍ରତ୍ନତତ୍ତ୍ୱ ସଂରକ୍ଷକ ଚିତ୍ତରଞ୍ଜନ ଦାଶ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟ ପୂର୍ତ୍ତ ସଚିବ ଏବଂ ଏଏସ୍‌ଆଇ ନିର୍ଦ୍ଦେଶକ ଜଗମୋହନ ମରାମତି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବାକୁ ପୁରୀ ଆସିବେ ବୋଲି ସୂଚନା ମିଳିଛି।




ଭୁବନେଶ୍ୱର : ବିଜୁ ପଟ୍ଟନାୟକ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବିଜୁ ଜୟନ୍ତୀ ସମାରୋହ।

# ସୁନାମି ସୂଚନା ଆଗୁଆ ମିଳିବ

**ପୁରୀ :** ବନ୍ୟା, ବାତ୍ୟା, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ବହୁ ପୂର୍ବରୁ ଏଣିକି ଜନସାଧାରଣ ସୂଚନା ପାଇପାରିବେ। ଏଥିଲାଗି ନ୍ୟାଶନାଲ ସାଇକ୍ଲୋନ ରିସ୍କ ମିଟିଗେଶନ ପ୍ରୋଜେକ୍ଟ ଜରିଆରେ ପୁରୀରେ ଆଲର୍ଟ ସାଇରନ ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲ୍ଲା ଆପଦକାଳୀନ କାର୍ଯ୍ୟାଳୟ ପରିସରରେ ଆଲର୍ଟ ସାଇରନ୍‌ର କଣ୍ଟ୍ରୋଲ ରୁମ୍ କାର୍ଯ୍ୟ ଚାଲିଛି। ପୁରୀ ପେଣ୍ଠକଟା ଏମ୍‌ସିଏସ୍ ବିଲ୍ଡିଂ, ସମୁଦ୍ରକୂଳ ଥାନା ଏବଂ ବଳିଆପଣ୍ଡା ଥାନା କୋଠା ଉପରେ ସାଇରନ୍ ଲାଗିବ। ପୁରୀ ଜିଲ୍ଲାର ୬ଟି ଉପକୂଳ ବ୍ଲକର ୨୬ଟି ସ୍ଥାନରେ ଏହି ଆଲର୍ଟ ସାଇରନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶାରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ ୬ଟି ଉପକୂଳ ଜିଲ୍ଲା ରହିଛି। ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଏହି ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ବେଶି କ୍ଷତିଗ୍ରସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ନ୍ୟାଶନାଲ ସାଇକ୍ଲୋନ୍ ରିସ୍କ ମିଟିଗେଶନ ପ୍ରୋଜେକ୍ଟ ପ୍ରକଳ୍ପ ମଧ୍ୟରେ ୬ଟି ଉପକୂଳ ଜିଲ୍ଲାରେ ଆଲର୍ଟ ସାଇରନ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ବିଶ୍ୱବ୍ୟାଙ୍କ ସହାୟତାରେ ପ୍ରାୟ ୬୬କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ସାଇରନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସୁନାମି ତଥା ବାତ୍ୟାର ବହୁ ପୂର୍ବରୁ ସୂଚନା ମିଳିପାରିବ। ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକର ଗୁଣ୍ଡଲବା, ଡାଲୁକକଣି, କେଉଟଜଙ୍ଗା, ନୂଆଗଡ଼, ସହନ, ସୁଡିକେଶ୍ୱର, ଶ୍ରୀବନ୍ତପୁର, ଉଦୟକଣି ଏବଂ ନଚରାଠାରେ ଏହି ସାଇରନ୍ ବ୍ୟବସ୍ଥା କରାଯିବ। ସେହିପରି କାକଟପୁରର ସିଘ୍ରପାଲ ଓ ଛୋଟିପଡା, ଗୋପର ଟିକନ, ରାମଚଣ୍ଡୀ, ଚନ୍ଦ୍ରଭାଗା, ଖାଲକଟାପଟଣା, ବ୍ରହ୍ମଗିରିର ସିପସରୁବାଲି, ନରସିଂହପାଟଣା, ପାଇକରାପୁର ଓ ନନ୍ଦଳା ଏବଂ କୃଷ୍ଣପ୍ରସାଦ ବ୍ଲକର ବ୍ରାହ୍ମଣୀଦେଓ, ଉଦୟଗିରି, ବାଲିଆନଳ ଓ ବ୍ରହ୍ମପୁର ଅଞ୍ଚଳରେ ଏହି ଆଲର୍ଟ ସାଇରନ ବ୍ୟବସ୍ଥା କରାଯିବ। ଏଥିଲାଗି ଉକ୍ତ ଅଞ୍ଚଳରେ ଥିବା ସ୍କୁଲ କୋଠା, ବାତ୍ୟା ଆଶ୍ରୟସ୍ଥଳୀ କୋଠା ଓ ଥାନା କୋଠାଗୁଡିକ ଚୟନ କରାଯାଇଛି। ପୁରୀ ଜରୁରୀକାଳୀନ ଅଧିକାରୀଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଏବଂ ମେଶିନ୍ ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇଛି।

# ନକଲି ଗୁଟ୍‌ଖା ଜବତ, ୨ ଗିରଫ

**ଭୁବନେଶ୍ୱର :** ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଖଣ୍ଡିଗିରି ଥାନା ପୋଲିସ ବସ୍ତା ନକଲି ଗୁଟ୍‌ଖା ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁରର ଅଶୋକ କୁମାର ପାହାଡି (୫୨) ଏବଂ ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ବୋକାଖାଇର ଅଭିମନ୍ୟୁ ବେହେରା (୩୨)। ପୋଲିସ ସୂଚନା ଅନୁଯାୟୀ କୋଲକାତାରୁ ଭୁବନେଶ୍ୱର ଆସୁଥିବା ମା'ଲକ୍ଷ୍ମୀ ନାମକ ଏକ ଯାତ୍ରୀବାହୀ ବସ୍ (ନଂ ଡବ୍ଲ୍ୟୁବି୨୯ଏ-୯୯୬୭) ଯୋଗେ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ୧୨ ବସ୍ତା ନକଲି ଗୁଟ୍‌ଖା ଆସିଥିଲା। ଗତକାଲି ରାତିରେ ଏଠାରୁ ବ୍ରହ୍ମପୁର ଯାଉଥିବା ରିଲାଏନ୍ସ ନାମକ ଯାତ୍ରୀବାହୀ ବସ୍ (ନଂ. ଓଆର୦୨ଏଡି-୮୭୫୭)ରେ ଉକ୍ତ ଗୁଟ୍‌ଖା ଚାଲାଣ ହେଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଣ୍ଡଗିରି ପୋଲିସ ଚଢ଼ାଉ କରିଥିଲା। ୧୨ ବସ୍ତା ଗୁଟ୍‌ଖା ଜବତ କରାଯିବା ସହ ମା'ଲକ୍ଷ୍ମୀ ବସ୍‌ର କଣ୍ଡକ୍ଟର ଅଶୋକ ଏବଂ ରିଲାନ୍ସ ବସ୍‌ର ହେଲ୍‌ପର ଅଭିମନ୍ୟୁଙ୍କୁ ଗିରଫ କରାଯାଇଥିଲା। ଜବତ ଗୁଟ୍‌ଖା ମଧ୍ୟରେ ୮ ବସ୍ତା 'ପଲ୍ଲବୀ' ନାମକ ଗୁଟ୍‌ଖା ଏବଂ ଅନ୍ୟ ୪ ବସ୍ତାରେ ଗୁଟ୍‌ଖା କଞ୍ଚାମାଲ୍ ଥିଲା। ତେବେ ଉକ୍ତ ଗୁଟ୍‌ଖା କିଏ ଚାଲାଣ କରାଉଥିଲା ସେ

### କୋଲକାତାରୁ ଭାୟା ଭୁବନେଶ୍ୱର ଦେଇ ବ୍ରହ୍ମପୁର

ନେଇ ପୋଲିସ ଟେର ପାଇନାହିଁ। ଅଶୋକ ଏବଂ ଅଭିମନ୍ୟୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତେବେ ନକଲି ଗୁଟ୍‌ଖା କୋଲକାତାରୁ ଭାୟା ଭୁବନେଶ୍ୱର ଦେଇ ବ୍ରହ୍ମପୁରକୁ ପ୍ରଚୁର ପରିମାଣରେ ଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଛି। କୋଲକାତାରୁ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ମଧ୍ୟ ବସ୍ ଯୋଗେ ଚୋରା ଚାଲାଣ ହେଉଥିବା ଜଣାପଡିଛି।

### ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ତର୍ଜମା

# ତ୍ରୁଟି ସୁଧାରିବାକୁ ପରାମର୍ଶ

**ଭୁବନେଶ୍ୱର :** ରାଜ୍ୟରେ ଥିବା ଟି ପ୍ରକଳ୍ପ ମଧ୍ୟରୁ ୬ଟିରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପଦ ଖାଲିପଡିଥିବା ବେଳେ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟକ୍ରମରେ ୨୮୦୮ଟି ମହିଳା ସୁପରଭାଇଜର ପଦରୁ ୨୯ ପ୍ରତିଶତ ଖାଲିପଡିଛି। ସେହିପରି ୧୯୬୪ଟି ଅଙ୍ଗନୱାଡି କର୍ମୀ ପଦ ମଧ୍ୟ ଖାଲିପଡିଛି। ଏସବୁ ପଦ ତୁରନ୍ତ ପୂରଣ କରିବା ନିମନ୍ତେ ଖାଦ୍ୟ ଆୟୁକ୍ତ ମହିଳା ଓ ଶିଶୁ ବିକାଶ ବିଭାଗକୁ ପରାମର୍ଶ ଦେଇଛନ୍ତି। ଖାଦ୍ୟ କମିଶନଙ୍କ ପକ୍ଷରୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ସେଥିନେଇ ଏକ ତ୍ରୈମାସିକ ରିପୋର୍ଟ ମଗାଯାଇଥିଲା। ଉକ୍ତ ରିପୋର୍ଟ ମିଳିବା ପରେ ଖାଦ୍ୟ କମିଶନ ଏହାର ତର୍ଜମା କରିବା ସହିତ ବିଭାଗୀୟ କାର୍ଯ୍ୟକ୍ରମ ତଦାରଖ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ କେତେକ କ୍ଷେତ୍ରରେ ଥିବା ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଛନ୍ତି। ବିଭାଗର ରିପୋର୍ଟ ତର୍ଜମା ପରେ ଆୟୁକ୍ତ ତାଙ୍କ ଅନୁଧ୍ୟାନ ରିପୋର୍ଟରେ ସୂଚାଇଛନ୍ତି ଯେ ରାଜ୍ୟରେ ମାତ୍ର ୪୫% ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ଥିଲେ ହେଁ ସେଥିରେ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି ପୃଥକ କରାଯାଇ ନାହିଁ। ପ୍ରାକ୍ ବିଦ୍ୟାଳୟ ଶିକ୍ଷାରେ ପଞ୍ଜିକୃତ ଶିଶୁ (୩ ରୁ ୬ ବର୍ଷ ବୟସର ୧୬.୬୭ ଲକ୍ଷ ଶିଶୁ) ହେଉଛନ୍ତି ୩ ବର୍ଷରୁ କମ୍ ବୟସ୍କ (୨୨.୮୬ଲକ୍ଷ) ଶିଶୁଙ୍କ ସଂଖ୍ୟାଠାରୁ କମ୍। ଏହା ସୂଚାଇ ଦେଉଛି ଯେ ଅଧିକାଂଶ ପ୍ରାକ ସ୍କୁଲ ବୟସର ପିଲାମାନେ ସ୍କୁଲରେ (ଉଭୟ ଘରୋଇ ଓ ସରକାରୀ) ପଞ୍ଜିକୃତ ହେଉଛନ୍ତି କିମ୍ବା ସେମାନେ ଆଦୌ ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜିକୃତ ହେଉନାହାନ୍ତି। ଏସବୁ ଦିଗ ଉପରେ ତୁରନ୍ତ ଅନୁଧ୍ୟାନ ପାଇଁ କମିଶନ ପରାମର୍ଶ ଦେଇଛନ୍ତି। ଖାଦ୍ୟ କମିଶନଙ୍କ ତର୍ଜମା ରିପୋର୍ଟରେ ଆହୁରି କୁହାଯାଇଛି ଯେ, ରାଜ୍ୟର ୧,୪୯,୪୪୯ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ପଞ୍ଜିକୃତ ପ୍ରାୟ ୬୯ ପ୍ରତିଶତ ମମତା ଯୋଜନାରେ ଉପକୃତ ହେଉଛନ୍ତି। ଏହି ଯୋଜନାର ସଫଳତା ପାଇଁ ହିତାଧିକାରୀଙ୍କୁ ଦେୟ ପ୍ରଦାନ ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଛି। ମାତୃ ମୃତ୍ୟୁ କିମ୍ବା ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁ ସଂକ୍ରାନ୍ତ ତଥ୍ୟ ବିଭାଗ ପକ୍ଷରୁ ଦିଆଯାଇ ନଥିବାରୁ ଏଥିନେଇ ତଥ୍ୟ ସଂଗ୍ରହ କରିବାକୁ କୁହାଯାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ ପୁଅଙ୍କ ତୁଳନାରେ (କମ୍ ଓଜନ) ଅଣ୍ଡରୱେଟ ଝିଅଙ୍କ ସଂଖ୍ୟା ଅଧିକ ରହିଛି। ସେହିପରି ଶୂନରୁ ୩ ବର୍ଷ ମଧ୍ୟରେ ୧.୩୩ ପ୍ରତିଶତ ପିଲା ଅତିମାତ୍ରାରେ ଅଣ୍ଡରୱେଟ୍ ଥିବାବେଳେ ୩ରୁ ୬ ବର୍ଷ ଶିଶୁଙ୍କ ମଧ୍ୟରେ ୦.୮୬% ହେଉଛନ୍ତି ଅଣ୍ଡରୱେଟ। ହେଲେ ଜାତୀୟ ସ୍ୱାସ୍ଥ୍ୟ ରିପୋର୍ଟ ସହିତ ଏହି ତଥ୍ୟର ତାଳମେଳ ରହୁନାହିଁ। ଏହି ତଥ୍ୟ ଅନୁସାରେ ରାଜ୍ୟରେ ୩୪% ଶିଶୁ ହେଉଛନ୍ତି ଅଣ୍ଡରୱେଟ। ଏ ଦିଗ ପ୍ରତି ଦୃଷ୍ଟି ଦେବାକୁ କମିଶନ ପରାମର୍ଶ ଦେଇଛନ୍ତି। ରାଜ୍ୟର ୧୫,୩୧,୫୬୫ ଶିଶୁ (୩ରୁ ୬ ବର୍ଷ ମଧ୍ୟରେ) ରନ୍ଧା ଖାଦ୍ୟ ଖାଇବାକୁ ପାଉଛନ୍ତି। ଏହି ବୟସର ପଞ୍ଜିକୃତ ମୋଟ ଶିଶୁଙ୍କ ମଧ୍ୟରୁ ଏହି ସଂଖ୍ୟା ହେଉଛି ୯୨ ପ୍ରତିଶତ। ତେବେ ଏହି ବୟସର ଶିଶୁଙ୍କ କ୍ଷେତ୍ରରେ ୧୦୦ ପ୍ରତିଶତ ରନ୍ଧା ଖାଦ୍ୟ ପାଇବା ଆବଶ୍ୟକ ବୋଲି ଆୟୋଗ ମତ ରଖିଛନ୍ତି। ସେହିପରି ଏହି ବୟସର ୮୮ ପ୍ରତିଶତ ପିଲା ମାସରେ ୧୬ ଦିନ ପ୍ରାକ ବିଦ୍ୟାଳୟକୁ ଯାଉଛନ୍ତି। ତେଣୁ ପ୍ରାକ୍ ବିଦ୍ୟାଳୟରେ ଉପସ୍ଥାନ ହାର ବଢ଼ାଇବାରେ ଆବଶ୍ୟକତା ରହିଛି। ଏହାଛଡ଼ା ବିଭାଗ ପାଖରେ ପାଞ୍ଚବର୍ଷର କମ୍ ବୟସ୍କ ତେକେ ପିଲାଙ୍କୁ ଭିଟାମିନ୍ ଏ, କୃମି ଔଷଧ, ଆଇଏଫ୍ଏ ସିରପ, ରକ୍ତ ପରୀକ୍ଷା, କେତେ ଅଙ୍ଗନୱାଡି କେନ୍ଦ୍ରରେ ଶୌଚାଳୟ ଅଛି ଓ ଶିଶୁଙ୍କ ପାଇଁ ହାତ ଧୋଇବାର ବ୍ୟବସ୍ଥା ଅଛି ସେ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ। ଖାଦ୍ୟ ଆୟୋଗର ସଦସ୍ୟ ଆର୍.ମହାନ୍ତି ଏ ସଂକ୍ରାନ୍ତରେ ତୁରନ୍ତ ରିପୋର୍ଟ ପ୍ରଦାନ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି।



# ଉଡ଼ନ୍ତା ଥାଳିଆ

**ବିଶ୍ୱରେ ଐତିହ୍ୟ, ପରମ୍ପରା ଓ ବିଶ୍ୱାସକୁ ନେଇ ଅନେକ କଥା ଏବଂ କାହାଣୀମାନ ଲେଖାଯାଇଥିଲେ ସୁଦ୍ଧା ତାହାରି ମଧ୍ୟରେ ଅନେକ ରୋଚକ ତଥା ବିସ୍ମୟକର ଘଟଣାମାନ ରହିଛି। ଯାହାକୁ ଏବେ ବି ମଣିଷ ଠିକ୍ ଭାବେ ବୁଝିପାରିନି। ତେଣୁ ମଣିଷ ମନର ଅନିସନ୍ଧିତ୍ସୁ ଓ ଜିଜ୍ଞାସାର ଅନ୍ତ ଘଟିନି। ବସ୍ତୁବାଦର ସବୁ ପ୍ରକାର ସଫଳତା ସତ୍ତ୍ୱେ କିଛି କିଛି ପ୍ରମାଣସିଦ୍ଧ ଘଟଣାରେ ଛନ୍ଦି ହୋଇପଡ଼ିଛି ଆଧୁନିକ ମଣିଷର ବିଜ୍ଞାନୀ ମନ। କେଉଁଠି ଦୈବୀଶକ୍ତିର ପ୍ରଭାବ ତ ଆଉ କେଉଁଠି ଅଜଣା ରାଇଜର ଅନେକ ଅକୁହା କଥା ବିସ୍ମୟ ଭରିଦେଇଛି। ଅବିଶ୍ୱସନୀୟ ମନେହେଲେ ବି ଏମିତି କେତେକ ଘଟଣା ମଣିଷ ବିଶ୍ୱାସ କରିବାକୁ ବାଧ୍ୟ ହୋଇଛି। ଯେଉଁଠି ବିଜ୍ଞାନ ମଧ୍ୟ ହାର ମାନିଯାଇଛି। ଭାରତରେ ଥିବା ଅନେକ ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ ଏବେ ବି ଅବୁଝା ରହିଛି। ଯେଉଁଠିକୁ ଗଲେ କେବଳ ଗୁଡ଼ାଏ ପ୍ରଶ୍ନବାଚୀ ସାଇତିବେ ମନ ଭିତରେ। କେଉଁଠି ମନ୍ଦିରର ସ୍ତମ୍ଭ ଶୂନ୍ୟରେ ଝୁଲୁଛି ତ ଆଉ କେଉଁଠି ଜଳନ୍ତା ନିଆଁରେ ଅଘୋର ତପସ୍ୟା ମଧ୍ୟରେ ଜୀବନ ଜିଉଁଛନ୍ତି ସାଧୁସନ୍ଥ। ଈଶ୍ୱରୀୟ ସତ୍ତା ଓ ଉପଲବ୍ଧି ଭିନ୍ନ ଭିନ୍ନ କଥା ହୋଇଥିଲେ ବି ଆଖି ସାମ୍ନାରେ ଦେଖୁଥିବା ଦୃଶ୍ୟକୁ କେମିତି ବା ମିଛ କହିବ ମଣିଷ ! ଉଡ଼ନ୍ତା ଥାଳିଆ ହେଉ ଅବା ଦେବତାଙ୍କ ମୂର୍ତ୍ତିର ଆକାରରେ ପରିବର୍ତ୍ତନ, ସବୁଥିରେ ଭରି ରହିଛି ଅଲୌକିକତା। ବର୍ଷ ପରେ ବର୍ଷ ବିତିଯାଇଥିଲେ ସୁଦ୍ଧା କେହି ସମର୍ଥ ହୋଇନାହାନ୍ତି ଏମିତି ରହସ୍ୟ ଉପରୁ ପରଦା ହଟାଇବା ଲାଗି ବିଜ୍ଞାନ ଓ ବିକାଶ ଆକାଶ ଭେଦ କରିଥିଲେ ସୁଦ୍ଧା ରହସ୍ୟମୟ ଘଟଣାର ଅନ୍ତ ଘଟିପାରୁନି। ସେମିତି କିଛି ରହସ୍ୟକୁ ନେଇ ଆମର ଏ ସ୍ୱତନ୍ତ୍ର ଉପସ୍ଥାପନା।**

*ଉପସ୍ଥାପନା : ଜାହ୍ନବୀସୁତ*

**ସ**ମଗ୍ର ପୃଥିବୀରେ ରହିଛି ଅନେକ ଆଶ୍ଚର୍ଯ୍ୟ। ଆମ ଚାରିପାଖରେ ଘଟୁଥିବା ବିଭିନ୍ନ ଘଟଣା ଆମ ମନ ଭିତରେ ବେଳେବେଳେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ। ଆଉ ସେସବୁ ଘଟଣା ସବୁବେଳେ ରହସ୍ୟ ଭିତରେ ରହିଥାଏ। ଏଗୁଡ଼ିକ ଅନେକ ବର୍ଷରୁ ରହିଥିଲେ ମଧ୍ୟ ସେସବୁ ରହସ୍ୟର ଉନ୍ମୋଚନ ହୋଇପାରି ନାହିଁ। ସେମିତି ଏକ ଘଟଣା ଆମେ ସମସ୍ତେ ଜାଣିଛେ। ତାହା ହେଉଛି ଫ୍ଲାଇଙ୍ଗ୍ ଡିସ୍କ ବା ଉଡନ୍ତା ଥାଳିଆ। ଯାହା ଜଣାପଡ଼େ ୧୯୫୦ ମସିହା ବେଳକୁ ଏ ଉଡ଼ନ୍ତା ଥାଳିଆ ପୃଥିବୀବାସୀଙ୍କ ନଜରକୁ ଆସିଥିଲା। ୧୯୫୨ ମସିହାରେ ଆମେରିକାର ନିୟୁ ଜର୍ସିରେ ଘଟିଥିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ଜୁଲାଇ ୩୧ ତାରିଖର ଏ ଘଟଣା ସେତେବେଳେ ସାରାବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିବା ସହ ବିଦେଶର ସବୁ ବୈଜ୍ଞାନିକଙ୍କ ଦୃଷ୍ଟିକୁ ଆସିଥିଲା। ୧୯୫୩ ମସିହାରେ ଆମେରିକା ଏୟାରଫୋର୍ସ ଏଭଳି ଉଡନ୍ତା ବସ୍ତୁକୁ ଏକ ନୂଆ ନାଁ ଦେଇଥିଲା। ତାହା ହେଉଛି ୟୁଏଫ୍‌ଓ ବା ଅନ୍ ଆଇଡେଣ୍ଟିଫାଏଡ ଫ୍ଲାଇଙ୍ଗ ଅବଜେକ୍ଟ। ଏହି ଉଡନ୍ତା ଥାଳିଆ ସବୁବେଳେ ଆମ ମନଭିତରେ ରହସ୍ୟ ସଂଚାର କରିଥାଏ। କେହିକେହି ବୈଜ୍ଞାନିକ ଏହି ଉଡ଼ନ୍ତା ବସ୍ତୁକୁ ପୃଥିବୀ ବାହାରେ ଥିବା ଅନ୍ୟ ଗ୍ରହମାନଙ୍କ ସହ ସମ୍ପର୍କ ଥିବା କହିଥାନ୍ତି। ସତରେ କ'ଣ ପୃଥିବୀ ବାହରେ ଜୀବନଶକ୍ତି ଅଛି ? ଆଉ ଯଦି ଅଛି, ତେବେ ସେମାନେ ଆମ ସହ ସମ୍ପର୍କ ଯୋଡୁନାହାନ୍ତି କାହିଁକି ? ଆଉ ସେମାନଙ୍କର ଯାନ କ'ଣ ଏହି ଉଡ଼ନ୍ତା ଥାଳିଆ ! ୧୯୫୦ ମସିହାରୁ ଆଜିଯାଏଁ ଏମିତି ଅନେକ ପ୍ରଶ୍ନ ଭିତରେ ଯେ କେବଳ ଜନସାଧାରଣ ଘାରି ହେଉଛନ୍ତି ତାହା ନୁହେଁ, ବିଶ୍ୱର ସବୁ ଦେଶର ବୈଜ୍ଞାନିକମାନେ ଏଭଳି ଘଟଣାକୁ ନେଇ ପରୀକ୍ଷା ନିରୀକ୍ଷା ଚଳାଇଥିଲେ ମଧ୍ୟ ନିଷ୍କର୍ଷରେ ପହଞ୍ଚିପାରି ନାହାନ୍ତି। ଅନେକ କ୍ଷେତ୍ରରେ ଦେଖାଯାଇଛି ଏହି ଉଡ଼ନ୍ତା ବସ୍ତୁ ପୃଥିବୀର ଅନେକ ସ୍ଥାନରେ ଦେଖାଦେଇଛି। କିନ୍ତୁ ସେମାନେ ପୃଥିବୀର ସେମିତି କିଛି କ୍ଷତି କରିନାହାନ୍ତି। ତେବେ ସେମାନେ ବାରମ୍ବାର ପୃଥିବୀପୃଷ୍ଠକୁ ଆସୁଛନ୍ତି କାହିଁକି, ତାହା ହେଉଛି ବଡ଼ ପ୍ରଶ୍ନ। ତେବେ ଏ ଉଡ଼ନ୍ତା ଥାଳିଆର ଇତିହାସ ଖୁବ୍ ପୁରୁଣା। କେହିକେହି ବୈଜ୍ଞାନିକ କୁହନ୍ତି ଚୀନ ମହାକାଶ ବିଜ୍ଞାନୀମାନେ ଖ୍ରୀଷ୍ଟପୂର୍ବ ୨୪୦ ବେଳକୁ ଏ ଉଡ଼ନ୍ତା ବସ୍ତୁର ସନ୍ଧାନ ପାଇଥିଲେ। କିନ୍ତୁ ସେ ସମୟରେ ଏହାକୁ ଭୌତିକ ଦୁନିଆର କାଣ୍ଡ ବୋଲି ବିଶ୍ୱାସ କରାଯାଇଥିଲା। ତେବେ ସୌରଜଗତରେ ଅନେକ ଗ୍ରହ ରହିଛି। ଆଉ କେଉଁ ଗ୍ରହରେ ଜୀବନଶକ୍ତି ସମ୍ଭବ ତାହା ଯେ ପର୍ଯ୍ୟନ୍ତ ଉନ୍ମୋଚିତ ହୋଇପାରି ନାହିଁ, ସେ ପର୍ଯ୍ୟନ୍ତ ଏ ଉଡ଼ନ୍ତା ଥାଳିଆ ବା ୟୁଏଫ୍‌ଓ ରହସ୍ୟ ଘେରରେ ରହିଥିବ। ସେହିଭଳି ଜାନୁଆରୀ ୨୫ ତାରିଖ ୧୮୭୮ ମସିହାରେ ଦି ଡେନ୍‌ସନ ଡେଲି ଖବରକାଗଜ ଜନ୍ ମାଟିନ୍ ନାମକ ଜଣେ କୃଷକର ଅନୁଭୂତିକୁ ନେଇ ଏକ ଲେଖା ପ୍ରକାଶ କରିଥିଲା। ଯେଉଁଥିରେ ଜନ୍ ଆକାଶରେ ଦେଖିଥିବା ଏକ ବିରାଟ ବେଲୁନ୍ ଆକୃତିର ଗତିମାନ ବସ୍ତୁ ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେହିଭଳି ୧୮୯୭ ମସିହାରେ ଆମେରିକାରେ ହଜାର ହଜାର ଜନସାଧାରଣ ଆକାଶରେ ଏକ ବିରାଟ ଆକୃତିର ଗତିଶୀଳ ବସ୍ତୁ ଦେଖିଥିବା ଆଲୋଚନା କରିଥିଲେ। ଯାହାକୁ ଅନେକେ ବିଶ୍ୱାସ କରି ନ ଥିଲେ। କିନ୍ତୁ ଏ ଘଟଣା ରହସ୍ୟ ଘେରରେ ରହିଥିଲେ ମଧ୍ୟ ଚର୍ଚ୍ଚାରେ ରହିଥିଲା। ସେହିଭଳି ୧୯୦୪ ମସିହାରେ ମଧ୍ୟ ଆମେରିକାର ଆକାଶରେ ଏଭଳି ବିରାଟ ଯାନ ଦେଖିବାକୁ ମିଳିଥିବା କଥା ଆଲୋଚନା ହୋଇଥିଲା। ତେବେ ଆକାଶରେ ଏହି ଉଡ଼ନ୍ତା ବସ୍ତୁ ବା ଫ୍ଲାଇଂ ଅବ୍‌ଜେକ୍ଟ ସବୁବେଳେ ରହସ୍ୟଘେରରେ ରହିଛି। ରହସ୍ୟଘେରରେ ଥିବା ୟୁଏଫ୍‌ଓ ନିକଟରେ ଅନେକ ଥର ମଧ୍ୟ ଦେଖିବାକୁ ମିଳିଛି। କିଛିଦିନ ତଳେ ଜୁନ୍ ମାସ ୧୫ ତାରିଖ ଦିନ ସାଉଦି ଆରବ ସମେତ ସାରା ବିଶ୍ୱରେ ଏହି ଉଡ଼ନ୍ତା ବସ୍ତୁକୁ ଦେଖିବାକୁ ମିଳିଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ଏହି ଉଡ଼ନ୍ତା ଯାନରେ ଜୀବସତ୍ତାକୁ ମଧ୍ୟ ଦେଖିଥିଲା ପୂରା ପୃଥିବୀ। ତେବେ ଏସବୁ ଦୃଶ୍ୟ ଏହି ମହାଜାଗତିକ ବସ୍ତୁକୁ ନେଇ ଆହୁରି ଅନେକ ରହସ୍ୟ ସୃଷ୍ଟି କରୁଛି। ଜୁନ୍ ୨୦୧୨ ମସିହାରେ ମଧ୍ୟ ଏଭଳି ଦୃଶ୍ୟ ସାଉଦି ଆରବରେ ଦେଖିବାକୁ ମିଳିଥିଲା। କେବଳ ଯେ ସାଉଦି ଆରବ ତାହା ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଏଭଳି ରହସ୍ୟମୟ ଦୃଶ୍ୟ ଅନେକ ଥର ଦେଖିବାକୁ ମିଳିଛି। ୨୦୧୪ ମସିହା ଅଗଷ୍ଟ ମାସରେ ଆମେରିକାର ଟେକ୍ସାସ ସହରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ଜାନୁଆରୀ ମାସ ୫ ତାରିଖରେ ଆମେରିକାର ନିୟୁଜର୍ସି ସହରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାହା ସେ ସମୟରେ ଖୁବ୍ ଚର୍ଚ୍ଚାରେ ରହିଥିଲା। ନିୟୁଜର୍ସିର ମୋରିସ ଟାଉନରେ ୫ଟି ଲାଲ୍ ରଙ୍ଗର ପଦାର୍ଥ ଆକାଶରେ ଉଡୁଥିବା ପ୍ରଚାର ହୋଇଥିଲା। ତେବେ ଏ ଘଟଣାକୁ ନେଇ ପରେ ଅନେକ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। କେହି କେହି ଏହାକୁ ବିଶ୍ୱାସ କରି ନ ଥିଲେ। କାରଣ ସବୁବେଳେ ରହସ୍ୟମୟ ବସ୍ତୁ ତଥା ପଦାର୍ଥକୁ ନେଇ ଦ୍ୱିମତ ରହିଥାଏ। ୨୦୦୮ ମସିହା ଜାନୁଆରୀ ୮ ତାରିଖରେ ଆମେରିକା ଟେକ୍ସାସର ଷ୍ଟିଫେନଭିଲେରେ ଅନେକ ବାସିନ୍ଦା ଏଭଳି ଉଡ଼ନ୍ତା ବସ୍ତୁ ଆକାଶରେ ଦେଖିଥିବା କଥା କହିଥିଲେ। ସେମାନଙ୍କ କହିବା ମୁତାବକ ଏକ ବିରାଟ ଜାହାଜ ଆଲୋକର ରେଖା ସହ ଆକାଶରେ ଗତି କରୁଥିଲା। ପରେ ଆମେରିକା ଏୟାରଫୋର୍ସ ସ୍ୱୀକାର କରିଥିଲା ଯେ ସେ ସମୟରେ ସେମାନଙ୍କର କୌଣସି ଜାହାଜ ଟେକ୍ସାସ ଦେଇ ଗତ କରୁ ନ ଥିଲା। ତେବେ ଉଡନ୍ତା ଜାହାଜ କ'ଣ ? ତାହା ଏବେ ବି ରହସ୍ୟ ଘେରରେ। କିନ୍ତୁ ପରେ ଏୟାରଫୋର୍ସ କହିଥିଲା ଯେ ଏହା ବେସରକାରୀ ବିମାନର ଆଲୋକ ହୋଇଥାଇପାରେ। ତେବେ ଯେତେ ଯୁକ୍ତିତର୍କ କଲେ ମଧ୍ୟ ଏଭଳି ମହାଜାଗତିକ ବସ୍ତୁକୁ ଦେଖିଥିବା ଷ୍ଟିଫେନ ଭିଲେର ବାସିନ୍ଦା କିନ୍ତୁ ଦେଖିଥିବା ବସ୍ତୁ କ'ଣ ତାହା ବୁଝିପାରି ନ ଥିଲେ। ବର୍ଷବର୍ଷ ଧରି ଆମେରିକାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଆଉ ଆମେରିକାବାସୀ ଏ ପଦାର୍ଥକୁ ନେଇ ରହସ୍ୟଘେରରେ ରହିଛନ୍ତି। ଆଜି ବି ଅନେକ ବୈଜ୍ଞାନିକ ଏ କ୍ଷେତ୍ରରେ ଗବେଷଣା ଜାରି ରଖିଛନ୍ତି। କିନ୍ତୁ ୟୁଏଫ୍‌ଓ ରହିଛି ରହସ୍ୟଘେରରେ। ଆଉ ଆଶା ଖୁବ୍‌ଶୀଘ୍ର ଏହାର ରହସ୍ୟ ଉନ୍ମୋଚିତ ହେବ।

ସେଦିନ ଥିଲା ଜୁଲାଇ ୨୯ ତାରିଖ। ଜାପାନର ବନ୍ଦର ସହର ଓଶାକା ସହରରେ ଆରମ୍ଭ ହେଲା ଚର୍ଚ୍ଚା। ସେଦିନ ଆକାଶରେ କିଛି ବ୍ୟକ୍ତି ଦେଖିଥିଲେ ୟୁଏଫ୍‌ଓ ପୁଣିଗୋଟେ କି ଯୋଡ଼େ ନୁହେଁ, ଏକାସାଙ୍ଗରେ ୧୦ଟି ୟୁଏଫ୍‌ଓ ଆକାଶରେ ଉଡୁଛି। ଯାହା ସମସ୍ତଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିଥିଲା। ଏକାସାଙ୍ଗରେ ଏତେ ଉଡ଼ନ୍ତା ପଦାର୍ଥ ଆକାଶରେ ଦେଖିବା ନିହାତି ରହସ୍ୟମୟ ଥିଲା। ତେବେ ମାତ୍ର କିଛିସମୟ ମଧ୍ୟରେ ଏହା ଆକାଶରୁ ଗାଏବ ହୋଇଗଲା। ଠିକ୍ ସେହିଭଳି ଦୃଶ୍ୟ ମଧ୍ୟ ଲଣ୍ଡନ ସହରର ହାଇଡ୍ ପାର୍କ ନିକଟରେ ଜୁନ୍ ମାସରେ ଦେଖିବାକୁ ମିଳିଥିଲା। ଆମେରିକାର ମହାକାଶ ଗବେଷଣା କେନ୍ଦ୍ର ମଧ୍ୟ ପରେ ପରେ ତା'ର ସୋଲାର କ୍ୟାମେରାରେ ସୂର୍ଯ୍ୟଙ୍କ ନିକଟରେ ଏଭଳି କିଛି ପଦାର୍ଥ ବୁଲୁଥିବା ରେକର୍ଡ କରିଥିଲା। ଏ ସବୁ ରହସ୍ୟ ଉପରେ ଏବେବି ପର୍ଦ୍ଦା ପଡ଼ିଛି। ସେଦିନ ଜାପାନ ଓ ତା ପୂର୍ବରୁ ଲଣ୍ଡନରେ ସେହି ବିରଳ ଦୃଶ୍ୟ ଦେଖିଥିବା ବ୍ୟକ୍ତିଙ୍କ ମନରେ କେବଳ ରହିଯାଇଛି ରହସ୍ୟ।



୨୦୧୫ ମସିହା ମେ ୨୬ ତାରିଖ ଉତ୍ତର ଚୀନ୍‌ର ଅନେକ ସ୍ଥାନରେ ଆକାଶରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥିଲା। ଆକାଶରେ ଆଲୋକରମାଳା ଦେଖିବାକୁ ମିଳିଥିଲା। ଯାହା ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏପରିକି କାମ ଛାଡ଼ିଦେଇ ସେଇ ଆଲୋକର ଫଟୋଚିତ୍ର ଉଠାଇଥିଲେ। ଯାହା ସେ ସମୟରେ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚାରେ ରହିଥିଲା। ସେହି ଆଲୋକ ଦେଖିଲେ ଲାଗୁଥିଲା ସତେ ଯେମିତି ରାତିର ଆକାଶରେ ଆଲୋକର ସୁଅ ଛୁଟିଛି। କେହିକେହି ଦର୍ଶକ ଏହାକୁ କୌଣସି ଅସ୍ତ୍ରଶସ୍ତ୍ର ପରୀକ୍ଷା ବୋଲି ମଧ୍ୟ ଭାବିଥିଲେ। କିନ୍ତୁ ଏହା ପଛର କାରଣ ଏବେବି ରହସ୍ୟ ଭିତରେ।

ସେହିଭଳି ଆଉ ଏକ ଦୃଶ୍ୟ ମଧ୍ୟ ଚୀନ୍‌ରେ ଘଟିଥିଲା, ଯାହା ସେ ସମୟରେ ଖୁବ୍ ଚର୍ଚ୍ଚା ହୋଇଥିଲା। ଏ ଦୃଶ୍ୟ ରେକର୍ଡ କରିଥିଲେ ୱାଙ୍ଗ୍ ନାମକ ଜଣେ ବ୍ୟକ୍ତି। ଜୁନ୍ ମାସ ୭ ତାରିଖ ୨୦୧୩ ମସିହାରେ ବେଜିଂ ନିକଟରେ ଏ ଦୃଶ୍ୟ ଦେଖାଯାଇଥିଲା। ଦୁଇଜଣ ବନ୍ଧୁ ଗାଡ଼ିରେ ଯିବା ସମୟରେ ଏହି ଦୃଶ୍ୟକୁ ରେକର୍ଡ କରିଥିଲେ। ଯାହା ଦେଖିଲେ ୟୁଏଫ୍‌ଓକୁ ନେଇ ଥିବା ରହସ୍ୟ ଆହୁରି ଜଟିଳ ହୋଇଉଠିବ। ଏପରିକି ଦୃଶ୍ୟ ଉତ୍ତୋଳନ କରୁଥିବା ୱାଙ୍ଗ ନିଜେ ମଧ୍ୟ ବିଶ୍ୱାସ କରିପାରି ନ ଥିଲେ ସେ ସାମ୍ନାରେ ଯାହା ଦେଖୁଛନ୍ତି, ତାହା ସତ ନା ମିଛ। କିନ୍ତୁ ସେ ସମସ୍ତ ଦୃଶ୍ୟକୁ ନିଜ କ୍ୟାମେରାରେ କଏଦ୍ କରିଥିଲେ। ତେବେ ଏ ଭିଡିଓର ସତ୍ୟତା କେତେ ତାହା ମଧ୍ୟ ବିଚାରଯୋଗ୍ୟ। ତେବେ ସବୁଠାରୁ ବଡ଼ କଥା ହେଲା ଯଦି ଏହା ସତ ହୋଇଥାଏ ତେବେ ନିହାତି ଗୁରୁତ୍ୱପୂର୍ଣ୍ଣ। ତେବେ ଆମ ମନରେ ୟୁଏଫ୍‌ଓକୁ ନେଇ ରହିଥିବା ଶଙ୍କା ଓ ସନ୍ଦେହ ରହସ୍ୟ ଭିତରେ ହିଁ ରହିଯାଇଛି। (ଭିଓ) ଉଡନ୍ତା ଥାଳିଆ ବା ୟୁଏଫ୍‌ଓର ରହସ୍ୟ କେବଳ ଗୋଟିଏ ଦେଶ ନୁହେଁ, ଅନେକ ଦେଶର ଜନସାଧାରଣଙ୍କ ମନଭିତରେ ମଧ୍ୟ ରହିଛି। ଆମ ଦେଶ ଭାରତରେ ମଧ୍ୟ ଅନେକଥର ଉଡ଼ନ୍ତା ଥାଳିଆର କଥା ଚର୍ଚ୍ଚାକୁ ଆସିଛି। ଅବଶ୍ୟ କେତେକ କ୍ଷେତ୍ରରେ ଏହା ଭୁଲ ବୋଲି ମଧ୍ୟ ଅନେକ ମତ ଦେଇଛନ୍ତି।



ଏକ ସୂଚନା ଅନୁସାରେ ୧୯୫୧ ମସିହାରେ ଦିଲ୍ଲୀର ଏକ ଫ୍ଲାଇଂକ୍ଲବ୍‌ର ସଦସ୍ୟମାନେ ଆକାଶରେ ଏକ ସିଗାରେଟ୍ ଆକୃତିର ଉଡନ୍ତା ବସ୍ତୁ ଦେଖିଥିବା କଥା କହିଥିଲେ। ଯାହା ସେ ସମୟରେ ଖୁବ୍ ଚର୍ଚ୍ଚାରେ ଥିଲା। ଏହା ସକାଳ ସମୟରେ ସେମାନେ ଦେଖିଥିବା କଥା କହିଥିଲେ। ଆଉ ଖୁବ୍ ଅଳ୍ପ ସମୟ ମଧ୍ୟରେ ଏହା ଆକାଶରୁ ଗାଏବ ହୋଇଯାଇଥିଲା। ସେହିପରି ୨୦୦୭ ମସିହା ଅକ୍ଟୋବର ୨୯ ତାରିଖ ପୂର୍ବ କୋଲକାତାର ଆକାଶରେ ଏକ ଉଡ଼ନ୍ତା ବସ୍ତୁ ଦେଖିବାକୁ ମିଳିଥିଲା। ଇଏମ୍ ବାଇପାସ ନିକଟରେ ଅନେକ ଲୋକ ରୁଣ୍ଡହୋଇ ଏହି ପଦାର୍ଥକୁ ଦେଖିଥିଲେ, ଆଉ ଏହାର ଭିଡିଓଗ୍ରାଫି ମଧ୍ୟ ହୋଇଥିଲା। ଅବଶ୍ୟ ପରେ କେହିକେହି ଏହାକୁ ଶୁକ୍ରଗ୍ରହ ବୋଲି କହିଥିଲେ। କିନ୍ତୁ ଏବେ ବି ଅନେକ ଲୋକଙ୍କ ପାଇଁ ଏହା ରହସ୍ୟ ହୋଇ ରହିଥାଇପାରେ। ସେହିପରି ୨୦୧୩ ଓ ୨୦୧୪ ମସିହାରେ ଅନେକ ଥର ୟୁଏଫ୍‌ଓ ଭାରତୀୟ ଆକାଶରେ ଦେଖାଦେଇଥିବା ଚର୍ଚ୍ଚାରେ ଆସିଥିଲା।

ଅଗଷ୍ଟ ୪ ତାରିଖ ୨୦୧୩ ମସିହାରେ ଜଣେ ଭାରତୀୟ ଜବାନ ଲଦାଖ ଅଞ୍ଚଳରେ କାର୍ଯ୍ୟରତ ଥିବା ସମୟରେ ଏକ ଉଡ଼ନ୍ତା ବସ୍ତୁ ଦେଖିଥିବା କଥା ସୂଚନା ଦେଇଥିଲେ। ଏହାସହ ଅନେକ ଥର ଅରୁଣାଚଳ ପ୍ରଦେଶ ସୀମାରେ ମଧ୍ୟ ଏଭଳି ଉଡ଼ନ୍ତା ମହାଜାଗତିକ ବସ୍ତୁ ଦେଖାଯାଇଥିବା ଚର୍ଚ୍ଚା ହୋଇଥିଲା। ସେହିଭଳି ୨୦୧୪ ମସିହା ଜୁଲାଇ ୨୩ ତାରିଖରେ ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରର ରାଜାଜୀପୁରମ୍ ଅଞ୍ଚଳରେ ସୂର୍ଯ୍ୟାସ୍ତର ଫଟୋ ଉଠାଉଥିବା ବେଳେ ଏକ କ୍ୟାମେରାରେ ୟୁଏଫ୍‌ଓର ଚିତ୍ର କଏଦ ହୋଇଥିବା ଆଲୋଚନା ହୋଇଥିଲା। ସେହିପରି ଅକ୍ଟୋବର ଶେଷ ସପ୍ତାହରେ ଜଣେ ବେସାମରିକ ପାଇଲଟ ମହାରାଷ୍ଟ୍ରର ପୁନେ ସହର ନିକଟ ଆକାଶରେ ଏକ ସବୁଜ ଓ ଧଳା ରଙ୍ଗର ୟୁଏଫ୍‌ଓ ଦେଖିଥିବା କଥା ମୁମ୍ବାଇ ଏୟାରପୋର୍ଟକୁ ଜଣାଇଥିଲେ ତାଙ୍କ ସୂଚନା ଅନୁସାରେ ଏହା ଭୂପୃଷ୍ଠଠାରୁ ପ୍ରାୟ ୨୬୩୦୦ ଫୁଟ ଉପରେ ଉଡୁଥିବାର ସେ ଦେଖିଥିଲେ। ସେହିପରି ୨୯ ଅକ୍ଟୋବରରେ କେରଳର କୋଚି ସହରରେ ମଧ୍ୟ ୟୁଏଫ୍‌ଓ ଦେଖାଯାଇଥିବାର ଆଲୋଚନା ହୋଇଥିଲା।

୨୦୧୫ ମସିହାରେ ମଧ୍ୟ ଅନେକ ଥର ଏ ରହସ୍ୟମୟ ଉଡନ୍ତା ବସ୍ତୁ ଭାରତର ଆକାଶରେ ଦେଖା ଦେଇଥିବା ଆଲୋଚନା ହୋଇଛି। ଏହି ବର୍ଷ ଜୁନ୍ ୨୫ ତାରିଖରେ ଉତ୍ତରପ୍ରଦେଶର କାନପୁର ସହର ନିକଟସ୍ଥ ଶ୍ୟାମନଗରର ଜଣେ ଛାତ୍ର ଦାବି କରିଥିଲେ ଯେ ସେ ନିଜ କ୍ୟାମେରାରେ ୟୁଏଫ୍‌ଓର ଚିତ୍ରକୁ କଏଦ କରିଛନ୍ତି। ଏ ଘଟଣାକୁ ନେଇ ଅନେକ ତର୍କ ବିତର୍କ ମଧ୍ୟ ହୋଇଥିଲା। କେହିକେହି ଏହା କମ୍ପ୍ୟୁଟର ମାଧ୍ୟମରେ ତିଆରି ହୋଇଥିବା ଚିତ୍ର ବୋଲି କହିଥିଲେ। କିନ୍ତୁ ଏହା ଏବେ ବି ଅନେକଙ୍କ ପାଇଁ ରହସ୍ୟ ହୋଇ ରହିଥିବ।

ସେହିପରି ଉତ୍ତରପ୍ରଦେଶର ଗୋରଖପୁରରେ ଜଣେ ସ୍ଥାନୀୟ ବାସିନ୍ଦା ଏକ ୟୁଏଫ୍‌ଓ ଚିତ୍ର ଆକାଶରେ ଉତ୍ତୋଳନ କରିଥିବା ଦାବି କରିଥିଲେ। କିନ୍ତୁ ଏହାକୁ ମଧ୍ୟ କିଛିଲୋକେ କମ୍ପ୍ୟୁଟର ଦ୍ୱାରା ପ୍ରସ୍ତୁତ କରାଯାଇଥିବା କହିଥିଲେ। ତେବେ ଯୁକ୍ତିତର୍କ, ବିଶ୍ୱାସ-ଅବିଶ୍ୱାସ ମଧ୍ୟରେ ଆଜିବି ୟୁଏଫ୍‌ଓ ରହସ୍ୟ ଘେରରେ। ଅନେକ ଭାରତୀୟଙ୍କ ପାଇଁ ଏ ସମସ୍ତ ଘଟଣା ରହସ୍ୟ ମଧ୍ୟରେ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହିଳାଙ୍କ ସୁରକ୍ଷା ...

ମହିଳାମାନେ ତାହାର ଲାଭ ଉଠାଇବା ଦରକାର। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ପରିବର୍ତ୍ତନ ପାଇଁ ସାହସ ଦରକାର। ମହିଳାମାନେ ନିଜର ଓ ସମାଜର ପରିବର୍ତ୍ତନ ପାଇଁ ସାହସୀ ହେବାକୁ ପଡ଼ିବ। ରାଜ୍ୟ ମହିଳା କମିଶନ ଅଧକ୍ଷା ଲୋପାମୁଦ୍ରା ବକ୍ସିପାତ୍ର କହିଥିଲେ ଯେ ମହିଳାଙ୍କ ପ୍ରତି ମାନସିକ ଦଷ୍ଟିଭଙ୍ଗୀ ବଦଳିବା ଦରକାର। ପରିବାରଠାରୁ ଆରମ୍ଭ କରି ସବୁଠାରେ ଝିଅମାନଙ୍କ ଉପସ୍ଥିତି ଜରୁରୀ। ମହିଳାମାନଙ୍କ ସ୍ଥିତିରେ ସୁଧାର ଆସିଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୪ ଜଣ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ, ସମନ୍ୱିତ ଶିଶୁବିକାଶ କାର୍ଯ୍ୟକ୍ରମର ୩ଟି ଶ୍ରେଷ୍ଠ ଜିଲ୍ଲା ଅନୁଗୋଳ, ଗଞ୍ଜାମ, ଢେଙ୍କାନାଳ ଏବଂ ଶ୍ରେଷ୍ଠ ୩ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ। ଦୃଷ୍ଟିହୀନ ଛାତ୍ରୀ ମଞ୍ଜୁଲତା ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେତେଜଣ ମହିଳାଙ୍କୁ ସମ୍ମାନୀତ କରାଯାଇଥିଲା। ମିଶନଶକ୍ତି ଓ ବିଜୁ କନ୍ୟାରତ୍ନ ସମ୍ପର୍କରେ ଏକ ଭିଡିଓ ଏବଂ ଜିଙ୍ଗଲିସ୍ ଉନ୍ମୋଚନ ହୋଇଥିଲା। ଭିନ୍ନକ୍ଷମ କମିଶନ ଅଧକ୍ଷା ତଥା ସମାଜ କଲ୍ୟାଣ ବୋର୍ଡ ଅଧକ୍ଷା ମିନତୀ ବେହେରା, ମହିଳା ଓ ଶିଶୁବିକାଶ ସଚିବ ବିଶାଲ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କ ସମାନ ...

ବିକାଶ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ଏସ୍.ସି ଜମିର ମତବ୍ୟକ୍ତ କରିଥିଲେ। ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜାତୀୟ ମହିଳା ସାମ୍ମୁଖ୍ୟ (ନାଓ), ଓଡ଼ିଶା ଶାଖା ପକ୍ଷରୁ ଆଦିବାସୀ ପଡିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେଇ ଡ. ଜମିର କହିଥିଲେ ଯେ, ମହିଳା ସଶକ୍ତିକରଣ ଦିଗରେ ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ନିରକ୍ଷରତା, ଅପପୁଷ୍ଟି ଓ ହିଂସା ଏବେ ଆମ ପାଇଁ ଏକ ଆହ୍ୱାନ ହୋଇ ରହିଛି। ତେବେ କେବଳ ସରକାରୀସ୍ତରରେ ଉଦ୍ୟମ ଯଥେଷ୍ଟ ନୁହେଁ ବରଂ ଜନସାଧାରଣଙ୍କର ମଧ୍ୟ ଏଦିଗରେ ସମାନ ଦାୟିତ୍ୱ ରହିଛି। ପୁରୁଷଙ୍କ ସହ ସମକକ୍ଷ ହେବା ଲାଗି ମହିଳାମାନେ ସାଧାରଣ କ୍ଷେତ୍ରରେ ଉପସ୍ଥିତି ଜାହିର କରିବାର ଆବଶ୍ୟକତା ରହିଛି। ପଞ୍ଚାୟତ ଓ ପୌରସଂସ୍ଥାରେ ମହିଳାଙ୍କ ଭାଗୀଦାରି ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ ବିଧାନସଭା ଓ ଲୋକସଭାରେ ମଧ୍ୟ ସମାନ ଭାଗୀଦାରି ପାଇଁ ଆଇନ ପ୍ରଣୟନ ହେବ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଥିଲେ।

### ମୁଖିଆଙ୍କ ...

ପଞ୍ଚାୟତ ନିର୍ବାଚନରେ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଲା। ଏଥିସହ ଶ୍ରୀ ବାହିନୀପତି ଏଆଇସିସି ଉପାଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଦୋଷ ଦେଇଛନ୍ତି। ରାହୁଲ ଗାନ୍ଧୀ କାହିଁକି ପ୍ରସାଦଙ୍କୁ ଓଡ଼ିଶା ଦାୟିତ୍ୱରୁ ନ ହଟାଇ ତାଙ୍କୁ ପଦବିରେ ରଖିଛନ୍ତି, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଭାଷାରେ ନିର୍ବାଚନରେ ସଫଳତା ପାଇଁ ପିସିସି ସଭାପତିଙ୍କର ଶତପ୍ରତିଶତ ଦାୟିତ୍ୱ ଥିଲାବେଳେ ସେ ଏହାକୁ କର୍ତ୍ତବ୍ୟରେ ଦେଖାଇନାହାନ୍ତି। ପ୍ରସାଦଙ୍କ ଆଗ୍ରହ ଅଭାବରୁ ଏବେ କୃଷିମନ୍ତ୍ରୀଙ୍କ ବିରୋଧରେ ବିଜେପି ଆନ୍ଦୋଳନ କରୁଛି, ହେଲେ କଂଗ୍ରେସ ଚୁପ୍ ବସିଛି। ଏହା କ'ଣ ରାଜ୍ୟ ସଭାପତିଙ୍କର ଦାୟିତ୍ୱ ନୁହେଁ ବୋଲି କହିଛନ୍ତି ଶ୍ରୀ ବାହିନୀପତି। ସେ କହିଛନ୍ତ ଯେ ଏଆଇସିସିର ନୀରବତା ଯୋଗୁଁ ଓଡ଼ିଶାରେ କଂଗ୍ରେସ ପରାଜୟ ବରଣ କରୁଛି। ଯାହାଫଳରେ ୨ ନମ୍ବର ସ୍ଥାନରେ ଥିବା କଂଗ୍ରେସ ଏବେ ୩ ନମ୍ବର ସ୍ଥାନକୁ ଖସିଆସିଛି। କଂଗ୍ରେସକୁ ୨ ନମ୍ବର ସ୍ଥାନରୁ ହଟାଇ ଏହି ସ୍ଥାନକୁ ବିଜେପି ମାଡ଼ିବସିଛି ବୋଲି ମଧ୍ୟ ସେ କହିଛନ୍ତି। ତେବେ ଶ୍ରୀ ବାହିନୀପତିଙ୍କ ମନ୍ତବ୍ୟ ପୁଣିଥରେ ଭଳ ଭିତରେ ନୂଆ ବିବାଦର ସୂତ୍ରପାତ କରିଛି। ଏହି ଘଟଣାରେ ପିସିସି ମୁଖପାତ୍ର ଶରତ ରାଉତ ଶ୍ରୀ ବାହିନୀପତିଙ୍କୁ ପାଲଟା ସମାଲୋଚନା କରିଛନ୍ତି କହିଛନ୍ତି ଯେ ନିର୍ବାଚନ ବେଳେ ମୁଖ୍ୟ ସଚେତକ କ'ଣ କରୁଥିଲେ? ବିଧାୟକ ଦଳ ଓ ପିସିସି ମଧ୍ୟରେ ସମନ୍ୱୟ ରଖିବା କ'ଣ ମୁଖ୍ୟ ସଚେତକଙ୍କ ଦାୟିତ୍ୱ ନୁହେଁ କି? ତେଣୁ ମୁଖ୍ୟ ସଚେତକ ମଧ୍ୟ ନିଜ ଦାୟିତ୍ୱରେ ଖିଲାପ କରିଛନ୍ତି ବୋଲି କହିଛନ୍ତି ଶ୍ରୀ ରାଉତ। ତେବେ ଦଳର ବିପର୍ଯ୍ୟୟ ନେଇ ଶ୍ରୀ ବାହିନୀପତିଙ୍କ ମନ୍ତବ୍ୟ ଆଗକୁ କେଉଁ ଦିଗରେ ଗତି କରିବ, ତାହାକୁ ନେଇ ଦଳ ଭିତରେ ଓ ବାହାରେ ଚର୍ଚ୍ଚା ଚାଲିଛି। କିନ୍ତୁ ଦଳର ବରିଷ୍ଠ ନେତାମାନେ ପଞ୍ଚାୟତ ନିର୍ବାଚନ ବିପର୍ଯ୍ୟୟ ପାଇଁ ସମସ୍ତେ ଦାୟୀ ବୋଲି କହଛନ୍ତି।

### ସମାଜବାଦର ...

ସଂସଦରେ ଶୂନ୍ୟକାଳର ପ୍ରବର୍ତ୍ତକ ଭାବେ ତାଙ୍କ ନାମ ଇତିହାସର ପୃଷ୍ଠା ମଣ୍ଡନ କରେ। ଏହି ମହାନ ନେତାଙ୍କ ବିୟୋଗରେ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶ ପାଇଁ ବଡ଼ କ୍ଷତି ଘଟିଛି। ତାଙ୍କର ଶେଷ ଦର୍ଶନ କରିବା ସୌଭାଗ୍ୟର ବିଷୟ ବୋଲି କହିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାର। ଏଥିସହ ସେ କହିଛନ୍ତି ଯେ ପିଲାଦିନରୁ ତାଙ୍କୁ ଆମେ ଜାଣିଥିଲୁ। ସମାଜବାଦ ଆନ୍ଦୋଳନକୁ ଆଗେଇ ନେବା ପାଇଁ ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା ବୋଲି ଓଡ଼ିଶା ଗସ୍ତରେ ଆସି ନିତୀଶ କହିଛନ୍ତି। ଏଥିସହ ସେ ଲୋହିଆ ଏକାଡେମୀରେ ପହଞ୍ଚି ସ୍ୱର୍ଗତ ରାୟଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଶ୍ରୀ ରାୟଙ୍କୁ ସଂସଦରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ୱର୍ଗତ ରାୟ ୧୯୨୬ ନଭେମ୍ବର ୨୬ରେ ଅବିଭକ୍ତ ପୁରୀ ଜିଲ୍ଲାର ଭଅଁରାଗଡ଼ରେ ଜନ୍ମଗ୍ରହଣ କରିଥିଲେ। ତତ୍କାଳୀନ ରେଭେନ୍‌ସା ମହାବିଦ୍ୟାଳୟରୁ ଇତିହାସରେ ସ୍ନାତକ ଶିକ୍ଷା ଶେଷ କରିଥିଲେ। ୧୯୪୮ରେ ସେ ରେଭେନ୍‌ସା ମହାବିଦ୍ୟାଳୟ ଛାତ୍ରସଂସଦର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ମହାବିଦ୍ୟାଳୟରେ ଜାତୀୟ ପତାକା ଉଡ଼ାଇବା ଅଭିଯୋଗରେ ବ୍ରିଟିଶ ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ୍ ଶିକ୍ଷା ଗ୍ରହଣ କରିଥିଲେ। ୧୯୪୯ରେ ସେ ଆଇନ ମହାବିଦ୍ୟାଳୟ ଛାତ୍ର ସଂସଦର ପ୍ରଥମ ସଭାପତି ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ। ଶ୍ରୀ ରାୟ ଲୋହିଆ ଆନ୍ଦୋଳନର ଅନ୍ୟତମ ମୁଖ୍ୟ କର୍ଣ୍ଣଧାର ଥିଲେ। ୧୯୫୬ରେ ଡ. ରାମମନୋହର ଲୋହିଆଙ୍କ ନତୃତ୍ୱରେ ସୋସିଆଲିଷ୍ଟ ପାର୍ଟି ଆତ୍ମପ୍ରକାଶ କରିଥିଲା। ଶ୍ରୀ ରାୟ ରାଜ୍ୟରେ ଏହି ଦଳ ସ୍ଥାପନ କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ। ୧୯୬୦ରେ ସେ ଏହି ଦଳର ଜାତୀୟ ସାଧାରଣ ସମ୍ପାଦକ ହେବାର ଗୌରବ ଅର୍ଜନ କରିଥିଲେ। ୧୯୬୭ ମସିହାରେ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀରୁ ସଂଯୁକ୍ତ ସୋସାଲିଷ୍ଟ ପାର୍ଟିରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସଂସଦରେ ସେ ଓଡ଼ିଆରେ ଭାଷଣ ଦେଇଥିଲେ। ୧୯୭୪ରେ ପ୍ରଗତି ଦଳ ପକ୍ଷରୁ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଦେଶରେ ଜରୁରୀ ପରିସ୍ଥିତି ଜାରି ହେବା ପରେ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ। ୧୯୭୮ ମୋରାରଜୀ ଦେଶାଇଙ୍କ ମନ୍ତ୍ରିମଣ୍ଡଳ ଓ ପରେ ଚରଣ ସିଂହ ମନ୍ତ୍ରିମଣ୍ଡଳରେ ସେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୮୨ରେ ପ୍ରଳୟଙ୍କରୀ ବନ୍ୟା ସମୟରେ ସେ ସେ 'ସମାଜ'ର ତତ୍କାଳୀନ ସମ୍ପାଦକ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ନେତୃତ୍ୱରେ ପୀଡ଼ିତଙ୍କୁ ସହାୟତା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ୧୯୮୯ରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ଜନତା ଦଳ ଟିକଟରେ ଲଢ଼ି ସେ ବିଜୟୀ ହୋଇଥିଲେ। ନବମ ଲୋକସଭାରେ ସେ ପ୍ରଥମ ଓଡ଼ିଆ ଭାବେ ସର୍ବସମ୍ମତିକ୍ରମେ ଲୋକସଭା ବାଚସ୍ପତି ପଦ ଅଳଙ୍କୃତ କରିଥିଲେ। ୧୯୯୦ରେ ପୃଥିବୀର ସମସ୍ତ ଗଣତାନ୍ତ୍ରିକ ଦେଶ ସମୂହର ବାଚସ୍ପତିଙ୍କ ସଭାପତି ଭାବେ ସେ ମଧ୍ୟ ନିର୍ବାଚିତ ହୋଇଥିଲେ। ୧୯୯୧ମସିହାରେ ପୁନର୍ବାର ସେ କେନ୍ଦ୍ରାପଡ଼ାରୁ ନିର୍ବାଚିତ ହୋଇଥିଲେ। ୧୯୯୬ରୁ ସକ୍ରିୟ ଓ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିଲେ।

### ଅକଳରେ ...

ଏହି ମାମଲାରେ ବିଧାନସଭାକୁ ମିଥ୍ୟାତଥ୍ୟ ଦେବା ଅଭିଯୋଗରେ ଦଳ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ପ୍ରସ୍ତାବ ଆଣିବ। ସରକାର ବିଧାନସଭାରେ ଯେଉଁ ୧୭୪ ଚାଷୀଙ୍କ ଆତ୍ମହତ୍ୟାର ସୂଚନା ଦେଇଛନ୍ତି ସେ ସମସ୍ତ ଚାଷଙ୍କ ଆତ୍ମହତ୍ୟାର କାରଣକୁ ବିଚାର ବିଭାଗୀୟ ତଦନ୍ତର ପରିସରଭୁକ୍ତ କରାଯିବା ଦରକାର। ବିଜେପି ଅଭିଯୋଗ କରିଛି ଯେ ପାରିବାରିକ କଳହ, ପ୍ରେମଜନିତ ଓ ଏପରିକି ମଦ ଓ କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା କରୁଥିବା ନେଇ ସରକାର ଯେଉଁ କଥା କହୁଛନ୍ତି, ତାହା କେବଳ ଦୋଷ ଘୋଡ଼ାଇବା ପାଇଁ। ପ୍ରକୃତ କଥା ହେଉଛି ରିହାତି ସୁଧ ଦରରେ ଯୋଗାଇ ଦିଆଯାଉଥିବା ପ୍ରଚୁର ଋଣଅର୍ଥ ପ୍ରକୃତ ଚାଷୀ ନୁହେଁ, ବରଂ ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ନେତାଙ୍କ ଷଡ଼ଯନ୍ତ୍ର କାରଣରୁ ବାଟବଣା ହେଉଛି। କୃଷିଋଣ ବଣ୍ଟନ ସହ ଚାଷୀ ଆତ୍ମହତ୍ୟାର ସିଧା ସମ୍ପର୍କଥିବାରୁ କେନ୍ଦ୍ର ଯୋଗାଉଥିବା ଓ କୃଷକଙ୍କ ମଧ୍ୟରେ ବିତରଣ ହେଉଥିବା ଅର୍ଥ ତଦନ୍ତ ପରିସରଭୁକ୍ତ ହେଲେ ଶାସକ ଦଳର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ ହୋଇପାରିବ। ମହାରାଷ୍ଟ୍ର, ଆନ୍ଧ୍ର, ତେଲେଙ୍ଗାନା ଆଦି ରାଜ୍ୟ ଭଳି ଫସଲହାନି ଓ ଋଣବୋଝ ଯୋଗୁଁ ଚାଷୀ ଆତ୍ମହତ୍ୟା କଲେ ଚାଷୀପରିବାରକୁ ସହାୟତା ଦେବା ଲାଗି ଦଳ ଦାବି କରିଛି। ତେବେ ଏହି ଘଟଣାର ତଦନ୍ତ କରିବା ପାଇଁ ଜିଲ୍ଲାପାଳ ଓ ଏସ୍‌ପି ମୃତଚାଷୀଙ୍କ ଘରକୁ ଯାଇ ଅନୁଧ୍ୟାନ କରି ଫେରିଥିବା ଜଣାପଡ଼ିଛି।

ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 13th-19th Mar, 2017
ଭୁବନେଶ୍ୱର, ୧୩-୧୯ ମାର୍ଚ୍ଚ, ୨୦୧୭

# ଆମୋଦ ପ୍ରମୋଦ



## ମହିଳା ହକି ୱାର୍ଲଡ ଲିଗ୍-୨

# ଭାରତୀୟ ଦଳରେ ୪ ଓଡ଼ିଆ



**କଟକ :** କାନାଡାର ଭାଙ୍କୋଭର୍‌ଠାରେ ଏପ୍ରିଲ ୧ ତାରିଖରୁ ବିଶ୍ୱ ମହିଳା ହକି ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ଏଥିପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ୍‌ଗ୍ରେସ୍ ଏକ୍କା, ସୁନିତା ଲାକ୍ରା (ରକ୍ଷଣଭାଗ), ନମିତା ଟପ୍ପୋ (ମଧ୍ୟଭାଗ) ଏବଂ ଅନୂପା ବାର୍ଲା (ଅଗ୍ରଭାଗ)। ଗତ ରିଓ ଅଲିମ୍ପିକ୍ସରେ ଖେଳିଥିବା ୪ ଓଡ଼ିଆ ଝିଅଙ୍କ ମଧ୍ୟରୁ କେବଳ ଲିଲିମା ମିଞ୍ଜ୍ ଆଘାତ ଜନିତ କାରଣରୁ ବଞ୍ଚିତ ହୋଇଥିବା ବେଳେ ତାଙ୍କ ସ୍ଥାନରେ ଅନୂପା ବାର୍ଲା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀପ୍‌ଗ୍ରେସ୍ ଏକ୍କା ଏହି ପ୍ରତିଯୋଗିତା ଲାଗି ଉପଅଧିନାୟିକା ମନୋନୀତ ହୋଇଥିବା ବେଳେ ଏହି ୪ ଓଡ଼ିଆ ଝିଅ ଅମଲ୍ୟ ବିବହାରୀ ଓ ଲୁସେଲା ଏକ୍କାଙ୍କ ଅଧିନରେ ପ୍ରଶିକ୍ଷଣ ନେଇ ଅନ୍ତର୍ଜାତୀୟ ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତ ବିପକ୍ଷରେ ବେଲାଋଷ, କାନାଡା, ମେକ୍ସିକୋ, ତ୍ରିନିଦାଦ ଆଣ୍ଡ ଟବାଗୋ, ଉରୁଗୁଏ ଓ ଚିଲି ପ୍ରତିଦ୍ୱନ୍ଦ୍ୱିତା କରିବ। ଏପ୍ରିଲ ୧ରେ ଉରୁଗୁଏ ଓ ୨ରେ ବେଲାଋଷ ବିରୋଧରେ ଭାରତ ତା'ର ୨ଟି ଲିଗ୍ ମ୍ୟାଚ୍ ଖେଳିବ। ପ୍ରତି ପୁଲ୍‌ର ଶ୍ରେଷ୍ଠ ୨ଟି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ।

***ଭାରତୀୟ ଦଳ :*** ସବିତା, ରଜନୀ ଇଟିମାର୍ପୁ, ଦୀପ୍‌ଗ୍ରେସ୍ ଏକ୍କା, ସୁନିତା ଲାକ୍ରା, ଗୁରଜିତ କୌର, ରେଣୁକା ଯାଦବ, ଲାଲହଲୁନ ମାଓ୍ୱି, ଦୀପିକା, ନଭଜୋତ କୌର, ରିତୁ ରାଣୀ, ମୋନିକା, ଲିଲି ଚାନୁ ମୟେଙ୍ଗବାମ, ନମିତା ଟପ୍ପୋ, ରାଣୀ, ବନ୍ଦନା, କାଟାରିଆ, ପୁନମ ରାଣୀ, ସୋନିକା, ଅନୁପା ବାର୍ଲା।

# ଅପରାଜିତା ଭାରତୀୟ ଚେସ୍ ଦଳର ପ୍ରଶିକ୍ଷକ



**କଟକ :** ଓଡ଼ିଶାର ନାମୀ ଚେସ୍ ଖେଳାଳି ଅପରାଜିତା ଗୋଛିକର ଭାରତୀୟ ଚେସ୍ ଦଳର ପ୍ରଶିକ୍ଷକ ବା କୋଚ୍ ନିଯୁକ୍ତ ହୋଇଛନ୍ତି। ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୦ ପର୍ଯ୍ୟନ୍ତ ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଆୟୋଜନ ହେବାକୁ ଥିବା ଏସୀୟ ଯୁବ (୮ ବର୍ଷରୁ କମ୍, ୧୬ ବର୍ଷରୁ କମ୍ ଓ ୧୮ ବର୍ଷରୁ କମ୍) ଚେସ୍ ଚାମ୍ପିଅନ୍‌ସିପ୍‌ରେ ଭାଗନେବାକୁ ଯାଉଥିବା ଭାରତୀୟ ଦଳର ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି ଅପରାଜିତା। ୨୩ ବର୍ଷ ବୟସ୍କା ଅପରାଜିତା ଭାରତୀୟ ଦଳର କୋଚ୍ ହେବାର ସର୍ବକନିଷ୍ଠ। ଅପରାଜିତା ଭାରତୀୟ ମହିଳା ଦଳର କୋଚ୍ ଦାୟିତ୍ୱ ତୁଲାଇବେ। ଏହି ଟୁର୍ଣ୍ଣାମେଣ୍ଟରେ ୩୩ ଜଣିଆ ଭାରତୀୟ ଦଳ ଭାଗନେବାକୁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ଓଡ଼ିଆ ଖେଳାଳି ରହିଛନ୍ତି। ସେମାନେ ହେଲେ ପ୍ରିୟାଂଶ ଦାସ, ସାଇନା ସଲୋନିକା ଓ ଅନ୍ୱେଷା ମିଶ୍ର। ପୁରୀର ରାମ ନାରାୟଣ ଗୋଛିକାରଙ୍କ ସୁପୁତ୍ରୀ ଅପରାଜିତା ଚେସ୍‌ରେ ଜଣେ କ୍ୟାଣ୍ଡିଡେଟ୍‌ସ ମାଷ୍ଟର (ସିଏମ୍)। ପୁଣି ସେ ଫିଡେ ଦ୍ୱାରା ଆୟୋଜିତ ଜାତୀୟ ପ୍ରଶିକ୍ଷକ (ଏନ୍‌ଆଇ) ଟାଇଟଲ ହାସଲ କରିଛନ୍ତି। ଏକ ଦଶନ୍ଧି ଧରି ବିଭିନ୍ନ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟରେ ଅପରାଜିତା ସଫଳତାର ସହ ପ୍ରଦର୍ଶନ କରିଛନ୍ତି।

# ଅଡୁଆରେ ରାମଗୋପାଳ

**ମୁମ୍ବାଇ :** ମହିଳାଙ୍କ ସମ୍ମାନରେ ସାରାବିଶ୍ୱରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଥିବା ବେଳେ ଫିଲ୍ମ ପ୍ରଯୋଜକ ରାମଗୋପାଳ ବର୍ମା (ଆର୍‌ଜିବି) ଏକ ଆପତ୍ତିଜନକ ଟୁଇଟ୍ କରିଛନ୍ତି। ଏହାକୁ ନେଇ ଗୋଆରେ ତାଙ୍କ ନାମରେ ମାମଲା ଦାଏର ହୋଇଛି।

ବିବାଦୀୟ ମନ୍ତବ୍ୟ ଦେଇ ଲୋକଙ୍କୁ ଅପମାନିତ କରିବାରେ ଓସ୍ତାଦ୍ ଆର୍‌ଜିବି ବୁଧବାର ଟୁଇଟ୍ କରିଛନ୍ତି ଯେ ବିଶ୍ୱର ସମସ୍ତ ମହିଳା ପୁରୁଷମାନଙ୍କୁ ଏଭଳି ଖୁସି ଦିଅନ୍ତୁ, ଯେପରି ଅଭିନେତ୍ରୀ ସନି ଲିଓନି ଦେଇଥାନ୍ତି। ତାଙ୍କର ଏହି ଟୁଇଟ୍‌କୁ ନେଇ ଝଡ଼ ସୃଷ୍ଟି ହୋଇଛି। ଆର୍‌ଜିବି ମହିଳାଙ୍କ ସମ୍ମାନ ହାନି କରୁଥିବା ଦର୍ଶାଇ ଗୋଆସ୍ଥିତ ହିନ୍ଦୁ ଜନଜାଗୃତି ସଦସ୍ୟା ପ୍ରତୀକ୍ଷା କରଗାଓଁକର ତାଙ୍କ ବିରୋଧରେ ମାପୁସା ଥାନାରେ ଏତଲା ଦେଇଛନ୍ତି। ଏହାସହ ମହିଳାଙ୍କ ପ୍ରତି ଏଭଳି ଆପତ୍ତିଜନକ ମନ୍ତବ୍ୟ ପାଇଁ ତାଙ୍କ ଟୁଇଟର ଆକାଉଣ୍ଟ ସ୍ଥାୟୀ ଭାବେ ବନ୍ଦ କରିଦେବାକୁ ସେ ଦାବି କରିଛନ୍ତି। ସମାଲୋଚିତ ହେବା ପରେ ଆର୍‌ଜିବି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ତାଙ୍କ ଟୁଇଟ୍‌କୁ ନେଇ ଅଯଥା ବିବାଦ ସୃଷ୍ଟି କରାଯାଉଛି। କାରଣ ସେ ଭୁଲ କଥା ଲେଖିନାହାନ୍ତି। ବାସ୍ତବରେ ଅନ୍ୟ ସମସ୍ତ ମହିଳାଙ୍କଠାରୁ ସନି ଲିଓନି ଅଧିକ ସଚ୍ଚୋଟ ଓ ତାଙ୍କର ବେଶି ଆତ୍ମସମ୍ମାନ ରହିଛି।



# ରାମ ଭୂମିକାରେ ସବ୍ୟସାଚୀ



**ଭୁବନେଶ୍ୱର :** ଓଲିଉଡ୍‌ର ସ୍ମାଇଲିଂ ଷ୍ଟାର ସବ୍ୟସାଚୀ। ସେ ନିଜର ସବୁ ଫିଲ୍ମରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଭଲପାଆନ୍ତି। କେତେବେଳେ ପାଗଳପ୍ରେମୀ ତ ପୁଣି କେତେବେଳେ କ୍ୟାମେରାମ୍ୟାନ୍ ତ ଆଉପୁଣି କେତେବେଳେ ବିଗିଡ଼ି ଯାଇଥିବା ବାଲୁଙ୍ଗା ପିଲା ଭୂମିକାରେ ସେ ଅବତୀର୍ଣ୍ଣ ହୋଇସାରିଛନ୍ତି। ଏବେ ସେ ପୁଣି ଏକ ଭିନ୍ନ ଚରିତ୍ରରେ ଆସୁଛନ୍ତି। ଆଉ ଚରିତ୍ରଟି ହେଉଛି ପୌରାଣିକ। ଆଜ୍ଞା ହଁ, ରାମାୟଣର ରାମ ଭୂମିକାରେ ଆସିବେ ସବ୍ୟସାଚୀ। ଦ୍ୱିଭାଷୀ ଚଳଚ୍ଚିତ୍ର (ଓଡ଼ିଆ-ତେଲୁଗୁ) ସିନେମା ସୀତାରାମଙ୍କ ବାହାଘରରେ ଏଭଳି ଏକ ଚରିତ୍ରରେ କମାଲ କରିବେ ସେ। ଏ ନେଇ ସବ୍ୟସାଚୀ କୁହନ୍ତି, ମୋତେ ଯେତେବେଳେ ତେଲୁଗୁ ସିନେମା 'ସୀତା ରାମୁଲା କଲ୍ୟାନମ୍ ଛୁତାମୁ ରାରାଣ୍ଡି' ଅଫର ମିଳିଥିଲା, ସେତେବେଳେ ଏହି ସିନେମାକୁ ଓଡ଼ିଆରେ ମଧ୍ୟ କରିବା ପାଇଁ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲେ। ସେମାନେ ମୋ ଅନୁରୋଧ ରଖିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ତେଲୁଗୁ ଓ ତାମିଲ ଭଳି ବଡ଼ ଇଣ୍ଡଷ୍ଟ୍ରି ସହ ମିଶି ଓଡ଼ିଆ ସିନେମା ନିର୍ମାଣ ହେଲେ ଓଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ଶୁଭଦାୟକ। ସିନେମାରେ ସବ୍ୟସାଚୀଙ୍କ ଅପୋଜିଟ୍‌ରେ ତାମିଲ ନାୟିକା ମନିଷା ଅଭିନୟ କରୁଥିବା ବେଳେ ସବ୍ୟଙ୍କ ବାପା ଭୂମିକାରେ ତେଲୁଗୁ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ତାରକା ସୁମନ ଅଭିନୟ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜୟ ମହାନ୍ତି, ପଦ୍ମାବତୀ, ତେଜା, ଅନୀତା ଦାସ, ପପୁ ପମ୍‌ପମ୍, ଜୀବନ ପଣ୍ଡା, ନେହା ପ୍ରମୁଖ କଳାକାର ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତେଲୁଗୁ ନିର୍ଦ୍ଦେଶକ ଜିଏନ୍‌ଏସ୍ ପ୍ରସାଦ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି କିଶାନ। ଚଳିତ ମାସ ଶେଷ ସପ୍ତାହରେ ସିନେମାଟି ପରଦାକୁ ଆସିବ।



# ତାମିଲ ସିନେମାରେ ଓଡ଼ିଆ ଝିଅ

ଓଡ଼ିଆ ଝିଅ। ଘର ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅବହେଳିତ କୋରାପୁଟ ଜିଲ୍ଲାରେ। ପଛୁଆ ଜିଲ୍ଲା ଭାବେ ପରିଚିତ ଏହି ଜିଲ୍ଲାର ପ୍ରାଣକେନ୍ଦ୍ର ଜୟପୁର ସହରରେ ଜନ୍ମିତ ଆନ୍ନି ପ୍ରିନ୍ସ ନାଗ ଆଜି ରାଜ୍ୟ ବାହାରେ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ ପାଲଟିଛନ୍ତି। ଜୟପୁର ସହରରୁ ସୁଦୂର ବେଙ୍ଗାଲୁରୁ ସହରକୁ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ସହର ଓ ବାପା, ମା'ଙ୍କୁ ଛାଡିଥିବା ଆନି ମିସ୍ ବେଙ୍ଗାଲୁରୁ ହେବାର ଗୌରବ ଅର୍ଜନ କରନ୍ତି। ସମୟକ୍ରମେ ସେ କନ୍ନଡ ଚଳଚ୍ଚିତ୍ର ଜଗତରେ ପାଦ ଥାପନ୍ତି। ଏବେ ସେ ଜଣେ ସଫଳ କନ୍ନଡ ଚଳଚ୍ଚିତ୍ର ଅଭିନେତ୍ରୀ। କେବଳ କନ୍ନଡ ନୁହେଁ; ତାମିଲ୍, ତେଲୁଗୁ ଫିଲ୍ମରେ ମଧ୍ୟ ସେ ପାଦ ଥାପି ସାରିଛନ୍ତି। ବୋରିଗୁମ୍ମା ଏସଡିପିଓ ଅଫିସରେ କାର୍ଯ୍ୟରତ ପୋଲିସ ଅଧିକାରୀ ବିଚିତ୍ରରଞ୍ଜନ ନାଗ ଓ ଦେବୀଘାଟ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭାଙ୍କ ଦୁଇ କନ୍ୟାଙ୍କ ମଧ୍ୟରୁ ସାନ ଝିଅ ଅଟନ୍ତି ଆନ୍ନି। ୨୦୧୨ରେ ସେ ମିସ୍ ବେଙ୍ଗାଲୁରୁ ପ୍ରତିଯୋଗିତାରେ ବିଜୟିନୀ ହୋଇ କୋରାପୁଟ ମାଟିର ଗର୍ବ ଓ ଗୌରବକୁ ବୃଦ୍ଧି କରିପାରିଥିଲେ। ବଡଭଉଣୀ ଅମ୍ରିତା ହିଁ ଆନ୍ନିଙ୍କ ପ୍ରେରଣାର ଉତ୍ସ।

# ପରଦାରେ ହୋଲି



ହୋଲି ସହିତ ଭାରତୀୟ ସଂସ୍କୃତି ଓ ପରମ୍ପରାର ଯେତିକି ସମ୍ପର୍କ ରହିଛି, ସେତିକି ସମ୍ପର୍କ ରହିଛି ଭାରତୀୟ ସିନେମାର। ହିନ୍ଦୀ, ତାମିଲ, ତେଲୁଗୁ, ମରାଠୀ ଠାରୁ ଆରମ୍ଭ କରି ବେଙ୍ଗଲୀ ଏବଂ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକରେ ହୋଲିର ଛିଟା ଦେଖିବାକୁ ମିଳେ। ବିଶେଷକରି ସିନେମାଗୁଡ଼ିକର ଗୀତରେ ହୋଲି ଦୃଶ୍ୟ ଦର୍ଶକଙ୍କୁ ଅଭିଭୂତ କରିଛି। ୧୯୮୧ ମସିହାରେ ରେଖା-ଅମିତାଭ-ଜୟା ଅଭିନୀତ ବଲିଉଡ୍ ସିନେମା 'ସିଲ୍‌ସିଲା' ସିନେମାର 'ରଙ୍ଗ୍ ବରଷେରେ...' ଗୀତ ଆଜି ବି ଭାରତୀୟଙ୍କ ମନ ଓ ହୃଦୟରେ ଘର କରି ରହିଛି। ତେବେ ଏହା ହୋଲିରେ ପ୍ରଥମ ଗୀତ ନୁହେଁ, ତା' ପୂର୍ବରୁ ୧୯୭୦ ମସିହାରେ ରାଜେଶ ଖାନ୍ନା ଅଭିନୀତ କଟି ପତଙ୍ଗ ସିନେମାରେ ମଧ୍ୟ ହୋଲି ଗୀତ ଚିତ୍ରିତ ହୋଇ ଦର୍ଶକଙ୍କ ଆଦ୍ରୃତି ଲାଭ କରିଥିଲା। ସେହିପରି ଫିଲ୍ମ ମୋହବତେଁରେ ଚିତ୍ରିତ ହୋଇଥିବା ଗୀତ 'ଆଜ୍ ହୋଲି କା ଦିନ୍ ହୈ...' ସୁପରହିଟ୍ ହୋଇଥିଲା। ହୋଲି ଆସିଲେ ଏହି ଗୀତକୁ ଦର୍ଶକେ ଆଜି ବି ଗୁଣୁଗୁଣୁ ହୋଇ ଗାଆନ୍ତି। ସେହିପରି ୧୯୯୩ ମସିହାରେ ଶାହରୁଖ୍ ଖାନ୍ ଅଭିନୀତ ଡର୍ ସିନେମାରେ ମଧ୍ୟ ଚିତ୍ରିତ ହୋଇଥିଲା ଏଭଳି ଏକ ହୋଲି ଗୀତ, ଯାହା ସୁପରଡୁପର ହିଟ୍ ହୋଇଥିଲା। ଏହି ଗୀତରେ ଶାହରୁଖ୍, ଜୁହି ଚାୱଲା ଓ ସନ୍ନି ଦେଓଲ ରଙ୍ଗରେ ଭିଜିଥିବା ଦେଖିବାକୁ ମିଳିଥିଲା।



ସେହପରି ୧୯୭୫ ମସିହାର ବ୍ଲକ୍‌ବଷ୍ଟର ହିଟ୍ ସିନେମା 'ସୋଲେ'ରେ ଚିତ୍ରିତ ହୋଇଥିବା 'ହୋଲି କେ ଦିନ୍...' ଏଭରଗ୍ରୀନ୍ ଗୀତ ହୋଇ ଆଜି ଦର୍ଶକଙ୍କ ହୃଦୟ ଜୟ କରିପାରିଛି। ୧୯୯୨ ମସିହାରେ ନିର୍ମିତ ଦିୱାନା ଚଳଚ୍ଚିତ୍ରରେ ମଧ୍ୟ ଦେଖିବାକୁ ମିଳିଥିଲା ଆଉ ଏକ ହୋଲି ଗୀତ। ଏହି ଗୀତ ବି ବେଶ୍ ଦର୍ଶକ ଆଦ୍ରୃତି ଲାଭ କରିଥିଲା। ସେହିପରି ସିନେମା 'ୱକ୍ତ'ର 'ଲେଟ୍‌ସ ପ୍ଲେ ହୋଲି... ଗୀତ ବେଶ୍ ଚର୍ଚ୍ଚିତ ହୋଇଥିଲା। ଏଥିରେ ଅକ୍ଷୟ କୁମାର ଓ ପ୍ରିୟଙ୍କା ଚୋପ୍ରା ଢେର ମସ୍ତି କରିଥିଲେ। ମଙ୍ଗଲ ପାଣ୍ଡେ ସିନେମାରେ ଚିତ୍ରିତ 'ହୋଲି ରେ..' ଗୀତ ବି ଦର୍ଶକଙ୍କ ମନକୁ ପାଇଥିଲା। ଏହି ଗୀତରେ ଅମିର ଖାନ୍ ଓ ରାନୀ ମୁଖାର୍ଜୀ ରଙ୍ଗରେ ଭିଜିଥିଲେ। ବର୍ତ୍ତମାନ ପିଢ଼ିର ସିନେମା ହିସାବରେ ସବୁଠୁ ବେଶୀ ଆଦ୍ରୃତି ଲାଭ କରିଛି ୨୦୧୩ ମସିହାରେ ନିର୍ମିତ ରଣବୀର କପୁର-ଦୀପିକା ପାଦୁକୋନ ଅଭିନୀତ ସିନେମା ୟେ ଜୱାନୀ ହୈ ଦିୱାନୀ ଚଳଚ୍ଚିତ୍ରର 'ବଲମ୍ ପିଚ୍‌କାରୀ...' ଗୀତ। ଯାହାକୁ ଦର୍ଶକେ କେବଳ ହୋଲିରେ ନୁହେଁ, ବରଂ ସବୁ ସମୟରେ ମନେପକାଇଥାନ୍ତି।

ସେହିପରି ଓଡ଼ିଆ ସିନେମାରେ ମଧ୍ୟ ହୋଲି ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ବିଶେଷକରି ପ୍ରଶାନ୍ତ ନନ୍ଦ ଓ ହେମନ୍ତ ଦାସ ଅଭିନୀତ ବଳିଦାନ ସିନେମାର ରଙ୍ଗ ରଙ୍ଗେଲୀ ନାଲି... ଗୀତକୁ କିଏ ବା ଭୁଲିପାରିବ।

ଏବେ ପୁଣି ଆଉ ଗୋଟିଏ ହୋଲି ଆସିଛି। ଏହି ହୋଲିରେ 'ଏକମାତ୍ର' ପରିବାର ପକ୍ଷରୁ ଏହାର ପାଠକପାଠିକାମାନଙ୍କୁ ଅନେକ ଶୁଭେଚ୍ଛା।

## ଖବର କିଛିକିଛି

- **ୱାଶିଂଟନ୍ :** ପାକିସ୍ତାନକୁ ଆତଙ୍କବାଦ ପ୍ରାୟୋଜକ ରାଷ୍ଟ୍ର ଘୋଷଣା କରିବା ପାଇଁ ଆମେରିକା କଂଗ୍ରେସରେ ବିଧେୟକ ଆଗତ ହୋଇଛି।
- **ନୂଆଦିଲ୍ଲୀ :** ଭାରତୀୟ ବିଚାର ବିଭାଗରେ ଚାଞ୍ଚଲ୍ୟ, କୋଲକାତା ହାଇକୋର୍ଟ ବିଚାରପତି ସି.ଏସ୍. କର୍ଣ୍ଣନଙ୍କୁ ସୁପ୍ରିମକୋର୍ଟଙ୍କ ପରୱାନା ଜାରି।
- **ଭୁବନେଶ୍ୱର :** ଓଜେଇ ୨୦୧୭ ଅନ୍‌ଲାଇନ୍ ଆବେଦନ ପାଇଁ ୨୫ ମାର୍ଚ୍ଚ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ବଢ଼ିଲା।
- **ଭୁବନେଶ୍ୱର :** ମେ' ଦ୍ୱିତୀୟ ସପ୍ତାହରେ +୨ ବିଜ୍ଞାନ ଫଳ ପ୍ରକାଶ ପାଇବ।
- **କଟକ :** ସରିଲା ମାଟ୍ରିକ୍ ପରୀକ୍ଷା। ୨୦ରୁ ଖାତା ମୂଲ୍ୟାୟନ କାର୍ଯ୍ୟ ୬୦ଟି କେନ୍ଦ୍ରରେ ଆରମ୍ଭ କରାଯିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜଣାପଡିଛି।
- **ଭୁବନେଶ୍ୱର :** ବିମୁଦ୍ରୀକରଣ ପରେ ଓଡ଼ିଶାରେ ବିପୁଳ ପରିମାଣର ଅଚଳ ଟଙ୍କା ଜମା। ୧୦୯୨ଟି ଖାତାରେ ୮୬୧ କୋଟି ଟଙ୍କା ଜମା ହୋଇଥିବା ତଥ୍ୟ ଦେଇଛି ଆୟକର ବିଭାଗ।
- **କଟକ :** ଝାଡ଼ଖଣ୍ଡ ମୁଖ୍ୟ ବିଚାରପତି ହେଲେ ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତି।
- **ଭୁବନେଶ୍ୱର :** ନୃତ୍ୟାଙ୍ଗନା ଜ୍ୟୋତି ରାଉତଙ୍କୁ ମିଳିବ ମାହାରୀ ସମ୍ମାନ।
- **ଢେଙ୍କାନାଳ :** ଭୁବନ ସବ୍‌ଡିଭିଜନ ରେଙ୍ଗାଳି ବାମ କେନାଲ-୩ର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କୁମାର ସେନାପତି ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଲେ।
- **ନୂଆଦିଲ୍ଲୀ :** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡେପୁଟୀ ଗଭର୍ଣ୍ଣର ପଦରେ ନିଯୁକ୍ତି ପାଇଲେ ଆଉଜଣେ ଓଡ଼ିଆ ବିଭୁପ୍ରସାଦ କାନୁନ୍‌ଗୋ।
- **ୱାଶିଂଟନ୍ :** ଭାରତ-ପାକ୍ ମଧ୍ୟରେ ପାରମ୍ପରିକ ବିବାଦ ଉଭୟ ରାଷ୍ଟ୍ରକୁ ଆଣବିକ ଯୁଦ୍ଧଆଡ଼କୁ ଟାଣିନେବ ବୋଲି ଆମେରିକା ଆଶଙ୍କା ପ୍ରକାଶ କରିଛି।
- **ୱାଶିଂଟନ୍ :** ଅନ୍ତର୍ଦ୍ଧାନ ହୋଇଯାଇଥିବା ଭାରତପ୍ରେରିତ ଚନ୍ଦ୍ରାୟନ-୧କୁ ଠାବ କରିଛି ନାସା। ଏହା ଚନ୍ଦ୍ର ଚାରିପଟେ ପରିକ୍ରମଣ କରୁଥିବା ସୂଚନା ମିଳିଛି।
- **ନୂଆଦିଲ୍ଲୀ :** ୱେଷ୍ଟଇଣ୍ଡିଜ୍-ଇଂଲଣ୍ଡ ମଧ୍ୟରେ ଚାଲିଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବା ବେଳେ ଇଣ୍ଡିଜ୍ ଖେଳାଳୀ ଇଭିନ୍ ଲୁଇସ୍ ଅଚେତ ହୋଇପଡ଼ିଥିଲେ।
- **ଜଗତସିଂହପୁର :** ତିର୍ତ୍ତୋଲର ଧଳଟଙ୍ଗଗଡ଼ ଜଙ୍ଗଲରୁ ଏକ ବନ୍ଦ ଟ୍ରଙ୍କ୍‌ରୁ ଯୁବତୀଙ୍କ ଗଳିତ ଶବ ଉଦ୍ଧାର, ତଦନ୍ତ ଆରମ୍ଭ।

# ଅଷ୍ଟ୍ରେଲିଆରେ କପିଲ ଶର୍ମା ଶୋ'



ଲୋକପ୍ରିୟ କମେଡି ଷ୍ଟାର କପିଲ ଶର୍ମାଙ୍କର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଶୋ'ର ନାମ ଓ ଚ୍ୟାନେଲ ବଦଳାଇ ଦେଇଥିଲେ ମଧ୍ୟ ତାଙ୍କର ଖ୍ୟାତି କମିବା ପରିବର୍ତ୍ତେ ବୃଦ୍ଧି ପାଇଛି। ଏଥିପାଇଁ ସୁଦୂର ସିଡ୍‌ନୀରେ ନିଜର ଶୋ' କରିବା ପାଇଁ ବାହାରିଛନ୍ତି କପିଲ। ଏଥିପାଇଁ ଚ୍ୟାନେଲ୍ ପକ୍ଷରୁ ଗ୍ରୀନ୍ ସିଗ୍‌ନାଲ ମିଳିବା ସହ କପିଲ ସିଡ୍‌ନୀ ଅଭିମୁଖେ ଯାତ୍ରା କରିଛନ୍ତି। ସିଡ୍‌ନୀରେ ତାଙ୍କର ଅନେକ ଫ୍ୟାନ୍ ଥିବା ଜଣାପଡିବା ଓ ତାଙ୍କୁ ବାରମ୍ବାର ନିମନ୍ତ୍ରଣ ମିଳିବା ପରେ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଏହି ଶୋ' ତାଙ୍କୁ ଆହୁରି ମାଇଲେଜ୍ ଦେବ ବୋଲି ସେ ପ୍ରକାଶ କରିଛନ୍ତି।



LN
☎ 0674-2530563
LOKANATH JEWELLERS

22ct.KDM Gold & Silver Ornaments
150/A, ASHOK NAGAR
RAJMAHAL SQUARE
BHUBANESWAR

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** — ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** — ସମ୍ପାଦକ : **ତାରକ ମହାନ୍ତି**